76th YEAR OF PUBLICATION
ପ୍ରକାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
# The Prajatantra

ସାପ୍ତାହିକ
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୧୮ ● କଟକ ● ଶନିବାର ● ୨୫ ମାର୍ଚ୍ଚ-୨୦୨୩ ● ତୁଳା ୧୯ ● ସାଲ୍ ୧୪୩୦
CUTTACK ● SATURDAY ● 25 MARCH-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

## ଭାରତ ଆଉ ଏକ ବିଶ୍ୱ କଲ୍ୟାଣ ପ୍ରତିଶ୍ରୁତି ପୂରଣ କରୁଛି: ପ୍ରଧାନମନ୍ତ୍ରୀ

ବାରାଣସୀ: 'ଏକ ବିଶ୍ୱ ଟି.ବି. ଶିଖର' ମାଧ୍ୟମରେ ଭାରତ ଆଉ ଏକ 'ବିଶ୍ୱ କଲ୍ୟାଣ' ପ୍ରତିଶ୍ରୁତି ପୂରଣ କରୁଛି ବୋଲି ଆଜି ଉତ୍ତର ପ୍ରଦେଶର ବାରାଣସୀରେ ଅନୁଷ୍ଠିତ 'ୱାନ୍ ୱାର୍ଲଡ୍ ଟିବି ସମିଟ୍'ରେ ଉଦ୍‌ବୋଧନ ଦେବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସମସ୍ୟା ଯେତେ ଜଟିଳ ହେଲେ ମୁକାବିଲା ପାଇଁ ଉପାୟ ମିଳିଥାଏ ଏବଂ କାଶୀ ତା'ର ପ୍ରକୃଷ୍ଟ ପ୍ରମାଣ। ଗତ ଅଳ୍ପ କିଛି ବର୍ଷ ହେବ ଟି. ବି. ବିରୋଧୀ ସଂଗ୍ରାମରେ ଭାରତ ଏକାଧିକ କ୍ଷେତ୍ରରେ କାର୍ଯ୍ୟ କରିଛି। ସେ ସବୁ ହେଉଛି, ଜନସାଧାରଣଙ୍କ ଅଂଶ ଗ୍ରହଣ, ନୂତନ ଚିକିତ୍ସା, ପ୍ରଯୁକ୍ତି ଉପଯୋଗ ଏବଂ ପୋଷଣ ବୃଦ୍ଧି ଇତ୍ୟାଦି। ସେଥିରୁ ଜନସାଧାରଣଙ୍କ ଅଂଶ ଗ୍ରହଣ ଅଭିଯାନରେ ଭାରତ ଟି. ବି. ବିରୋଧୀ ସଂଗ୍ରାମରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଆନନ୍ଦର ବିଷୟ ଏ ଶିଖର ସମ୍ମିଳନୀ କାଶୀରେ ଆୟୋଜନ କରାଯାଇଛି। କିଛି ଦିନ ପୂର୍ବେ ଭାରତ 'ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ' ଉପକ୍ରମ ପରିକଳ୍ପନାକୁ ଆଗେଇ ନେବାରେ ପ୍ରୟାସ କରିଥିଲା। ସମ୍ପ୍ରତି 'ଏକ ବିଶ୍ୱ ଟି.ବି. ଶିଖର' ମାଧ୍ୟମରେ ଭାରତ ବୈଶ୍ୱିକ ମଙ୍ଗଳ ପାଇଁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୩୦ ହେଉଛି ଟି.ବି.ର ମୂଳୋତ୍ପାଟନ ନିମନ୍ତେ ବୈଶ୍ୱିକ ଟାର୍ଗେଟ୍, କିନ୍ତୁ ୨୦୨୫ ସୁଦ୍ଧା ଟି.ବି. ହଟାଇବା ଲକ୍ଷ୍ୟରେ ସମ୍ପ୍ରତି ଭାରତ ଉଦ୍ୟମ ଚଳାଇଛି। ଟି.ବି.ର ଚାଲେଞ୍ଜ୍ ମୁକାବିଲା କରିବାରେ 'ନି-କ୍ଷୟ ମିତ୍ର' ଉପକ୍ରମ ଖୁବ୍ ସହାୟକ ହେଉଛି। ଏହି ଚାଲେଞ୍ଜ୍ ହେଉଛି ଟି. ବି. ରୋଗୀମାନଙ୍କର ପୌଷ୍ଟିକ ଆହାର। ଏଥିପ୍ରତି ଦୃଷ୍ଟି ଦିଆଯାଇ ଆମେ ୨୦୧୮ରେ ଟି. ବି. ରୋଗୀଙ୍କ ପାଇଁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍‌ସ୍‌ଫର ଘୋଷଣା କରିଥିଲୁ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

## ଛତିଶଗଡ଼ରେ ଭୂ-କମ୍ପ ଝଟକା

ରାୟପୁର: ସମଗ୍ର ବିଶ୍ୱର ବିଭିନ୍ନ ସ୍ଥାନରେ ଭୂକମ୍ପର ଝଟକା ଅନୁଭୂତ ହେଉଥିବା ବେଳେ ଏବେ ଭାରତରେ ମଧ୍ୟ ସେହିପ୍ରକାରର ସ୍ଥିତି ଉପୁଜିଛି । ଛତିଶଗଡ଼ର ସୁରଜପୁର ଏବଂ ସରଗୁଜା ଜିଲ୍ଲାରେ ଶୁକ୍ରବାର ସକାଳେ ଭୂ-କମ୍ପର ଝଟକା ଅନୁଭୂତ ହୋଇଛି । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୪.୧ ରହିଛି । ଏହାର କେନ୍ଦ୍ର ସ୍ଥଳ ସୁରଜପୁରର ଭଟଗାଓଁରୁ ୧୧ କି.ମି. ଦୂରରେ ରହିଥିଲା । ଭୂମିକମ୍ପର ଝଟକା ଅନୁଭବ କରିବା କ୍ଷଣି ଲୋକେ ଜୀବନ ବିକଳରେ ଘରୁ ବାହାରକୁ ଚାଲି ଆସିଥିଲେ ।

ସୁରଜପୁର ଏବଂ ସରଗୁଜା ଜିଲ୍ଲାରେ ଆଜି ପୂର୍ବାହ୍ନ ୧୦ଟା ୨୮ରେ ଭୂମିକମ୍ପର ଏହି ଝଟକା ଅନୁଭୂତ ହୋଇଥିଲା । ଏହାପରେ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଥିଲା । ଘରର କବାଟ, ଝରକା ଏବଂ ପଙ୍ଖା ହଲିବା ଫଳରେ ଲୋକେ ଭୂମିକମ୍ପ ହେବା ଜାଣିପାରି ତୁରନ୍ତ ଘରୁ ବାହାରକୁ ଚାଲି ଆସିଥିଲେ ।

## ରାହୁଲ ଗାନ୍ଧିଙ୍କ ଏମ୍‌ପି ପଦ ରଦ୍ଦ

ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଜବରଦସ୍ତ ଝଟକା। ମାନହାନି ମାମଲାରେ ଦୁଇବର୍ଷ ଜେଲ୍ ଦଣ୍ଡାଦେଶ ପାଇବାର ଗୋଟିଏ ଦିନ ପରେ କଂଗ୍ରେସ ନେତା ରାହୁଲ୍ ଗାନ୍ଧିଙ୍କର ଲୋକସଭାରୁ ଏମପି ସଦସ୍ୟ ପଦ ରଦ୍ଦ ହୋଇଛି। ଲୋକସଭା ସଚିବାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଶୁକ୍ରବାର ସ୍ୱଳ୍ପ ସମୟ ପାଇଁ ସଂସଦକୁ ଆସିଥିଲେ ମଧ୍ୟ ରାହୁଲ ଗାନ୍ଧି ପ୍ରତିବାଦ ପ୍ରଦର୍ଶନ ଯୋଗୁଁ ଲୋକସଭା ମୁଲତବୀ ହେବାରୁ ସେ ସଂସଦରୁ ଚାଲିଯାଇଥିଲେ। କଂଗ୍ରେସ ସଂସଦୀୟ କାର୍ଯ୍ୟାଳୟ' ବୈଠକରେ ମଧ୍ୟ ରାହୁଲ୍ ଗାନ୍ଧୀ ଯୋଗ ଦେଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ କଂଗ୍ରେସ ପାର୍ଟି ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ତା'ର ଷ୍ଟିଅରିଙ୍ଗ୍ କମିଟି ସଦସ୍ୟ, ପିସିସି ସଭାପତି, ସିଏଲ୍‌ପି ନେତା ଏବଂ ଅନ୍ୟାନ୍ୟ ସଙ୍ଗଠନର ମୁଖ୍ୟମାନଙ୍କର ଜରୁରୀ ବୈଠକ ଡକାଯାଇଥିଲା। ଦଳର ଅଧ୍ୟକ୍ଷ ଖଡ଼ଗେ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। କଂଗ୍ରେସ ନେତା ରହୁଲ ଗାନ୍ଧି 'ସବୁ ମୋଦି ଚୋର' ମନ୍ତବ୍ୟ ମାମଲାରେ ଗୁରୁବାର ଗୁଜରାଟର ସୁରଟସ୍ଥିତ ଏକ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି । ୨୦୧୯ରେ କର୍ଣ୍ଣାଟକରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରି 'ମୋଦି ସରନେମ'କୁ ନେଇ ବିବାଦୀୟ ବୟାନ ଦେଇଥିଲେ ରାହୁଲ । ଠକେଇ ଅଭିଯୁକ୍ତ ନୀରବ ମୋଦି, ଲଳିତ ମୋଦୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାଁକୁ ଯୋଡି କହିଥିଲେ । ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଗୁଜରାଟର ପୂର୍ବତନ ମନ୍ତ୍ରୀ ପୂର୍ଣ୍ଣେସ ମୋଦି । ରାହୁଲଙ୍କ ବାୟନ ପୂରା ମୋଦୀ ସମାଜ ପାଇଁ ଅପମାନ ବୋଲି ସେ ଅଭିଯୋଗ କରିଥିଲେ । ଏହି ମାମଲାରେ ରାହୁଲ୍ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୨ବର୍ଷ ଜେଲ୍ ଦଣ୍ଡାଦେଶ ଦିଆଯିବାକୁ ବିରୋଧ କରି କଂଗ୍ରେସ ବାଟଘାଟରେ ପ୍ରତିବାଦ ପ୍ରଦର୍ଶନ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରିଛି। ଏହାଛଡ଼ା, ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କ ସହିତ ମିଶି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବ ବୋଲି ବି କଂଗ୍ରେସ କହିଛି। ବ୍ୟାପକ ପ୍ରତିବାଦ ପ୍ରଦର୍ଶନ କରିବା ଲାଗି କଂଗ୍ରେସ କର୍ମୀମାନେ ଘୋଷଣା କରିଥିବାରୁ ଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଜୟ ଚୌକରେ ପଦଯାତ୍ରା ଆୟୋଜନ କରାଯିବାକୁ କଂଗ୍ରେସ ପାର୍ଟି ନିଷ୍ପତ୍ତି ନେଇଥିବାରୁ ସେଠାରେ ମଧ୍ୟ ବହୁସଂଖ୍ୟକ ନିରାପତ୍ତା କର୍ମୀଙ୍କୁ ମୁତୟନ କରାଯାଇଛି।

## ନିକୁଞ୍ଜ ବିହାରୀ ଧଳ ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର (ପିପିଏସ୍): ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ରାଜ୍ୟ ସରକାର ନିକୁଞ୍ଜ ବିହାରୀ ଧଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି।

ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ ଅବକାରୀ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ନିକଟରେ ନିକୁଞ୍ଜ ବିହାରୀ ଧଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆରସି) ଦାୟିତ୍ୱ ଦେଇଥିଲେ। ୧୯୯୩ ବ୍ୟାଚର ଏହି ଆଇଏଏସ ଅଧିକାରୀ ପୂର୍ବରୁ ଶକ୍ତି ଓ ଅବକାରୀ ବିଭାଗରେ ସଚିବ ଓ ଗ୍ରୀଡକୋର ଅଧ୍ୟକ୍ଷ ଥିଲେ।

ସେହିପରି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆରସି) ଭାବେ ଦାୟିତ୍ୱ ମିଳିଛି। ତାଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏସିଏସ୍ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ସଚିବ ସଂଜୟ ସିଂଙ୍କୁ ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଏବଂ ଜ୍ଞାନରଂଜନ ଦାସଙ୍କୁ ଓଏସ୍‌ଡିଏମ୍‌ଏର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି।

## ଆଇନ ବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ପଦ୍ଧତିରୁ କେହି ଉର୍ଦ୍ଧ୍ୱରେ ନୁହଁନ୍ତି

ନୂଆଦିଲ୍ଲୀ: କଂଗ୍ରେସ ଦଳ ବିଶେଷ ଭାବେ ରାହୁଲ ଗାନ୍ଧୀଙ୍କ ପରିବାର ସ୍ୱତନ୍ତ୍ର ଆଇପିସି ଓ ନ୍ୟାୟପାଳିକା ଚାହୁଁଛନ୍ତି । ପଛୁଆ ବର୍ଗଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିବା ଏବଂ ବଂଚିତ ବର୍ଗଙ୍କୁ ନୀଚା ଦେଖିବା କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ ସାମନ୍ତବାଦୀ ମାନସିକତାର ପ୍ରତିଫଳନ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ଠାରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ସାର୍ବଜନୀନ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଙ୍ଗିଆକୁ ନେଇ ଅପଶବ୍ଦ ପ୍ରୟୋଗ କଲେ । ଜାତିଆଣ ଆକ୍ଷେପ କରିବା ସହ ଖରାପ ଭାଷା ବ୍ୟବହାର କଲେ । ଏହାକୁ ନେଇ ତାଙ୍କ ବିରୋଧରେ ଦାୟର ହୋଇଥିବା ମାନହାନୀ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି କଂଗ୍ରେସ ନେତାଙ୍କ ବିରୋଧରେ ସୁରତ କୋର୍ଟ ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏଥିରୁ ସତ୍ୟାସତ୍ୟ ହେଉଛି ଯେ ଦେଶର ଆଇନବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ପଦ୍ଧତିରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି। ଭାରତର ଜନପ୍ରତିନିଧି ଆଇନ-୧୯୫୧ ଅନୁସାରେ କୌଣସି ସଦସ୍ୟଙ୍କୁ ଦଣ୍ଡ ହେଲେ ତାଙ୍କର ସଦସ୍ୟତା ଚାଲିଯାଏ । ଏହା ପ୍ରଥମ ଥର ପାଇଁ ନୁହେଁ ବରଂ ଅନେକ ଜନପ୍ରତିନିଧିଙ୍କ ସଦସ୍ୟତା ଯାଇଛି । ୨୦୧୩ରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହି ଆଇନକୁ ସଂଶୋଧନ କରିବା ପାଇଁ ସେ ନିଷ୍ପତି ନେଇଥିଲେ। ମାତ୍ର ସେହି ଅଧ୍ୟାଦେଶକୁ ନନସେନ୍ସ କହି ଚିରିଥିବା ଲୋକମାନେ ଉକ୍ତ ଆଇନ ପରିଧିରେ ଆସିବା ପରେ ସେମାନଙ୍କୁ କଷ୍ଟ ହେଉଛି। ଯଦି ତାଙ୍କ ପାର୍ଟି ସଦସ୍ୟତା ହରାଇବା ନେଇ କଂଗ୍ରେସ ଚିନ୍ତିତ ଥିଲା ତେବେ ଗତ ୨୪ ଘଂଟା ମଧ୍ୟରେ ସେ କାହିଁକି ଉପର କୋର୍ଟକୁ ଗଲେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କହିଛନ୍ତି ।

ଓବିସି ଓ ଜନଜାତି ସମାଜ ପ୍ରଧାନମନ୍ତ୍ରୀଙ୍କ ସହ ସବୁବେଳେ ଅଛନ୍ତି। ମାତ୍ର ବିଭିନ୍ନ ସମୟରେ କଂଗ୍ରେସ ନେତା ମାନେ ଏହି ବର୍ଗଙ୍କ ପ୍ରତି କଟୁ ମନ୍ତବ୍ୟ ପ୍ରୟୋଗ କରିବା ସହ ସମାଜକୁ ନୀଚା ଦେଖାଇବା ଭଳି କାମ କରୁଛନ୍ତି । ସେମାନେ ବୁଝିବା ପାଇଁ ଅସମର୍ଥ ଯେ ଗଣତନ୍ତ୍ରରେ ଆଇନ ସମସ୍ତଙ୍କ ପାଇଁ ସମାନ। ଆମେ ଗୋଟିଏ ପରିବାରରୁ ଆସିଛୁ ଓ ଆମେ ଆଇନରୁ ଉର୍ଦ୍ଧ୍ୱରେ ମାନସିକତା ରଖୁଥିବା କଂଗ୍ରେସ ନେତାଙ୍କୁ ଜାତିଆଣ ଆକ୍ଷେପ ମନ୍ତବ୍ୟକୁ ଦଳ ନିନ୍ଦା କରୁଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ୫ ଜିଲ୍ଲାରେ ଝଡ଼ ବର୍ଷା

ଭୁବନେଶ୍ୱର(ପିପିଏସ୍): ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଜାରି ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଗଜପତି, ଗଂଜାମ ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅପରପକ୍ଷରେ ଆସନ୍ତା ୨୬ ତାରିଖ ବେଳକୁ ଆଉ ଏକ ପଶ୍ଚିମା ଝଡର ପ୍ରଭାବ ଦେଖିବାକୁ ମିଳିବ । ଏହାର ପ୍ରଭାବରେ ୨୬ ଓ ୨୭ ତାରିଖ ଦୁଇ ଦିନ ଝଡ ବର୍ଷା ହୋଇପାରେ। ୨୬ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, କନ୍ଧମା, ଗଜପତି, ଗଂଜାମ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇପାରେ। ଏହାସହ ଘଂଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୫-ଟି କୁ ଟାର୍ଗେଟ କଲା ବିଜେପି

ଭୁବନେଶ୍ୱର(ପିପିଏସ୍): ରାଜ୍ୟରେ ଅପପୁଷ୍ଟି ପ୍ରସଙ୍ଗ ବିଧାନସଭାରେ ଉଠିଛି । ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇଛନ୍ତି । ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ କାଠଗଡାରେ ଠିଆ କରାଇ ସହ ବିଭାଗୀୟ ମନ୍ତ୍ରୀ ଏ ପ୍ରସଙ୍ଗରେ ବିଧାନସଭାରେ ବକ୍ତବ୍ୟ ପାଇଁ ନିର୍ଦ୍ଦେଶ ଦେବାକୁ ସେ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ ।

ଶୂନ୍ୟକାଳରେ ସେ ଏବବି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ କିଛି ବର୍ଷ ତଳେ ଆମେ ନଗଡାର ଚିତ୍ର ଦେଖିଥିଲେ । ଏବେ କଳିଙ୍ଗନଗରର ଚିତ୍ର ଆହୁରି କଦର୍ଯ୍ୟ ରହିଛି । କେବଳ ନଗଡ଼ା କି କଳିଙ୍ଗ ନଗର ନୁହେଁ ଓଡିଶାରେ ୧୯ ପ୍ରତିଶତ ଛୁଆ କମ ଓଜନର ଜନ୍ମ ହେଉଛନ୍ତି । ୩୧ ପ୍ରତିଶତ ଛୁଆ ପୁଷ୍ଟି ହୀନତା ର ଶିକାର, ୬୪ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହେଉଛନ୍ତି ସେହିଭଳି ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହେଉଛନ୍ତି

ସେ ପ୍ରଶ୍ନ କରିଛନ୍ତି ଯେ ଏଇଟା କଣ ମୋ ସରକାର, ଏଇଟା କଣ ଫାଇଭ ଟି । କଣ ଓଡ଼ିଶାର ବିକାଶ ବୋଲି କଲେ ପ୍ରଶ୍ନ କଲେ ଜୟନାରାୟଣ । ବିଭାଗୀୟ ମନ୍ତ୍ରୀ ଏ ନେଇ ଗୃହରେ ଏକ ବିବୃତି ରଖନ୍ତୁ ବୋଲି ସେ ଦାବି କରିଥିଲେ ।

## ନଳକୂଅରୁ ବାହାରୁଛି ସୁନା ଗୁଣ୍ଡ !

ପାଟଣାଗଡ଼: ପ୍ରସିଦ୍ଧ ହରିଶଙ୍କର ନିକଟସ୍ଥ ନାନ୍ଦୁପଲା ପଞ୍ଚାୟତ ଅନ୍ତର୍ଗତ ଛଞ୍ଚାନବାହାଲି ଠାରେ ବୋରଓ୍ୱେଲ ଖୋଳାଯାଇଥିବା ବେଳେ ସେଠାରୁ ସୁନା ସଦୃଶ ଗୁଣ୍ଡ ବାହାରିଛି। ଏହାକୁ ନେଇ ପ୍ରଶାସନ ଓ ପୁଲିସ ପକ୍ଷରୁ ତଦନ୍ତ କରି ସମ୍ପୃକ୍ତ ହଳଦିଆ ଗୁଣ୍ଡକୁ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଇ ଦିଆ ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ହରିଶଙ୍କର ନିକଟସ୍ଥ ଗ୍ରାମ ତଥା ନାନ୍ଦୁପଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛଞ୍ଚନବାହାଲି ଗ୍ରାମରେ ରହୁଥିବା ମହମ୍ମଦ ଜାଭେଦ ଦେଓ୍ୱର ନିଜ ଜମିରେ ଗତ ମାସେ ତଳେ ଏକ ନଳକୂପ ଖନନ କରିଥିଲେ। ଗତ ୧୮ ତାରିଖରେ ସେ ପ୍ରଥମ କରି ମୋଟର ପମ୍ପ ଲଗାଇଥିଲେ। ପରେ ୨୧ ତାରିଖରେ ପମ୍ପ ଲଗାଇ ପାଣି ବାହାର କରିଥିଲେ। ସେହି ସମୟରେ ପ୍ରଥମେ ସଫା ପାଣି ବାହାରିଥିବା ବେଳେ ପରେ କିନ୍ତୁ ମଇଳା ତଥା ହଳଦିଆ ପାଣି ବାହାରିଥିଲା। ସମ୍ପୃକ୍ତ ପାଣିକୁ ପିଇବା ପାଇଁ ମହମ୍ମଦ ଛାଣିବାରୁ ସେଠାରୁ ହଳଦିଆ ରଙ୍ଗର ଧାତୁ ବାହାରିଥିଲା, ଯାହା ତାଙ୍କ ଚକିତ କରିଥିଲା। ତେବେ ଏ ସମ୍ପର୍କରେ ଗାଁ ଲୋକେ ଜାଣିବା ପରେ ମହମ୍ମଦ ଖପ୍ରାଖୋଲ ତହସିଲଦାରଙ୍କୁ ଅବଗତ କରାଇଥିଲେ। ପରେ ଏହାକୁ ଗୁରୁତର ଭାବେ ନେଇ ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ମିଶ୍ର ଓ ଥାନାଧିକାରୀ ରମାକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ତଦନ୍ତ କରି କିଛି ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଥିବା ଜଣାପଡିଛି।

## ଶିଖରଚଣ୍ଡୀ ପାହାଡ଼ ଉପରେ ୪ ହାତୀ

ଭୁବନେଶ୍ୱର (ପିପିଏସ୍): ରାଜ୍ୟର ବିଭିନ୍ନ ସ୍ଥାନରେ ଜଙ୍ଗଲ ଛାଡ଼ି ହାତୀ ଏବେ ସହରମୁହାଁ ହୋଇଛି । ଭୁବନେଶ୍ୱର ଶିଖରଚଣ୍ଡୀ ପାହାଡ଼ ଉପର ଜଙ୍ଗଲରେ ୪ ହାତୀ ଦେଖିବାକୁ ମିଳିଛି। କାଲି ରାତିରୁ ହାତୀ ଗୁଡିକ ପଶି ଆସିଥିବା ବେଳେ ବନ କର୍ମଚାରୀ ନଜର ରଖିଛନ୍ତି। ଭରତପୁର ଜଙ୍ଗଲରୁ ଆସିଥିବା କହିଛନ୍ତି ଚନ୍ଦକା ଡିଏଫଓ ମହମ୍ମଦ ଜମିଲ।

## ବସ୍‌ରୁ ବିପୁଳ ପରିମାଣର କଫ ସିରପ ଜବତ, ୩ ଗିରଫ

ବଲାଙ୍ଗିର: ଏକ ଯାତ୍ରୀବାହୀ ବସ୍‌ରୁ ୨୨୪୦ ବୋତଲ କଫ ସିରପ ଜବତ କରିବା ସହ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ବଲାଙ୍ଗିର ଟାଉନ ଥାନା ପୋଲିସ । ଗିରଫ ୩ ଅଭିଯୁକ୍ତ ହେଲେ କଳାହାଣ୍ଡିର ଲାଲଧର ପୁଟେଲ, କଟକ ମଙ୍ଗଳାବାଗର ବିଶ୍ୱନାଥ ମୁଲିଆ ଏବଂ ଯାଜପୁର ଛତିଆର ମହେଶ୍ୱର ମହାନ୍ତି । ଅଭିଯୁକ୍ତ ମାନଙ୍କ ଠାରୁ ୪ଟି ମୋବାଇଲ ଫୋନ୍ ଏବଂ ନଗଦ ୫୪୪୦ ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ମାନଙ

ପ୍ରଜାତନ୍ତ୍ର

# ଉଚ୍ଚ ରକ୍ତଚାପ ରୋଗୀ ଖାଆନ୍ତୁ ଏହି ଜିନିଷ

ଶରୀରର ସ୍ନାୟୁ ଉପରେ ଚାପ ପଡିବା ହେତୁ ଉଚ୍ଚ ରକ୍ତଚାପର ସମସ୍ୟା ଦେଖାଦେଇଥାଏ । ଏହି ରୋଗୀମାନଙ୍କୁ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଇବା ପିଇବାର ବିଶେଷ ଯତ୍ନ ନେବା ଉଚିତ୍ । ତେବେ ଚାଲନ୍ତୁ ଜାଣିବା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ କିଛି ଉତ୍ତମ ଖାଦ୍ୟ ଯାହାକୁ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ଗରମରେ ହେଉଥିବା ସମସ୍ୟାରୁ ମୁକ୍ତି ମଧ୍ୟ ମିଳିବ । ବେରି : ବେରିରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ସହିତ ପୋଷକ ତତ୍ତ୍ୱ ଭରପୂର ରହିଥାଏ । ଏହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ସହିତ ଉନ୍ନତ ମାନସିକ ଏବଂ ଶାରୀରିକ ବିକାଶରେ ସାହାଯ୍ୟ କରିଥାଏ ।ଦହି : ଉଚ୍ଚ ରକ୍ତଚାପ ରୋଗୀମାନେ ଦହି ଖାଇବା ଜରୁରୀ । ଏଥିରେ ଭିଟାମିନ୍ ଇ୬, ଇ୧୨, ପ୍ରୋଟିନ୍, କ୍ୟାଲସିୟମ୍, ଗୁଡ୍ ବ୍ୟାକ୍ଟେରିୟା ରହିଥାଏ । ତେଣୁ ଏହାକୁ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ସହିତ ଆପଣ ଦିନସାରା ଏନର୍ଜୀଟିକ୍ ଅନୁଭବ କରିବେ । ତରଭୁଜ : ତରଭୁଜରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ଜଳ ରହିଥାଏ । ଏହା ରକ୍ତଚାପ ନିୟନ୍ତ୍ରଣ କରିବା ସହିତ ଡିହାଇଡ୍ରେସନ୍ ରୁ ମୁକ୍ତି ଦେଇଥାଏ । ଏଥିସହ ଏହାର ମଞ୍ଜିରେ ମ୍ୟାଗ୍ନେସିୟମ୍ ରହିଥିବାରୁ ଏହାକୁ ମଞ୍ଜି ସହିତ ଖାଇବା ଲାଭଦାୟକ ହୋଇଥାଏ । ପଇଡ ପାଣି : ନଡ଼ିଆ ପାଣିରେ ଭିଟାମିନ୍ ସି, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଗ୍ରୀଷ୍ମ ଋତୁରେ ଏହାକୁ ପିଇବା ଦ୍ୱାରା ଜଳ ଅଭାବ ସହିତ ରକ୍ତଚାପ କମିଥାଏ । ଲେମ୍ବୁ ପାଣି : ଲେମ୍ବୁରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ନିୟମିତ ଭାବେ ଲେମ୍ବୁ ପାଣି ପିଇବା ଦ୍ୱାରା ଏହା ଶରୀରରେ ଫ୍ରି ରେଡିକାଲକୁ ଦୂର କରି ରକ୍ତଚାପ କମ୍ କରିବାରେ ସାହାଯ୍ୟ କରିଥାଏ ।

# ନଡ଼ିଆ ପୁଡିଂ

ଆବଶ୍ୟକ ସାମଗ୍ରୀ : ନଡ଼ିଆ, ଚିନି, କ୍ଷୀର, କର୍ଣ୍ଣଫ୍ଲୋର, ଡ୍ରାଏ ଫ୍ରୁଟ୍ସ, ଲୁଣ ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ନଡ଼ିଆକୁ କୋରି ଦିଅନ୍ତୁ । ପରେ ନଡ଼ିଆ କୋରାରେ ପାଣି ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା' ପରେ ତାକୁ ଛାଣି ଏକ ପାତ୍ରରେ ରଖନ୍ତୁ । ପରେ ଏକ ପାତ୍ରରେ କ୍ଷୀର ନିଅନ୍ତୁ । ସେଥିରେ କର୍ଣ୍ଣଫ୍ଲୋର, ଚିନି ଓ ଅଳ୍ପ ଟିକେ ଲୁଣ ପକାଇ ଘୋଳ ପ୍ରସ୍ତୁତ କରନ୍ତୁ । ତା'ପରେ ଗ୍ୟାସରେ ଏକ କରେଇ ବସାଇ ନଡ଼ିଆ ଘୋଳକୁ ପକାନ୍ତୁ । ମିଡିୟମ ଆଞ୍ଚରେ ତାହାକୁ ଘାଣ୍ଟନ୍ତୁ । ତାହା ଫୁଟିବା ଆରମ୍ଭ ହେବା ମାତ୍ରେ ଆଞ୍ଚକୁ ସିମ୍ କରି ଦିଅନ୍ତୁ । ଏବେ ସେଥିରେ କର୍ଣ୍ଣଫ୍ଲୋର ଘୋଳକୁ ପକାଇ ଘାଣ୍ଟନ୍ତୁ । ଏହାଭଲ ଭାବେ ଫୁଟିକି ଅଧା ହୋଇଗଲେ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ । ତାକୁ ଥଣ୍ଡା ହେବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ । ଥଣ୍ଡା ହେଲା ପରେ ସେଥିରେ କିଛି ଡ୍ରାଏ ଫ୍ରୁଟ୍ସ ପକାଇ ସଜାଇ ଦିଅନ୍ତୁ । ଏବେ ଏହାକୁ ଫ୍ରିଜରେ ୨ ଘଣ୍ଟା ପାଇଁ ରଖି ଦିଅନ୍ତୁ । ଦୁଇ ଘଣ୍ଟା ପରେ ଫ୍ରିଜ୍‌ରୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ନଡ଼ିଆ ପୁଡିଂ ।

# ମୋଟାପଣ ଦୂର କରିବାର ଅଛି ତେବେ ବ୍ୟାୟାମର ୩୦ ମିନିଟ୍ ପୂର୍ବରୁ ପିଅନ୍ତୁ କଫି

ନିକଟରେ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ବ୍ୟାୟାମ ପୂର୍ବରୁ କଫି ପିଇବା ଆପଣଙ୍କ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ପ୍ରତିଦିନ ବ୍ୟାୟାମ ଆରମ୍ଭ କରିବାର ୩୦ ମିନିଟ୍ ପୂର୍ବରୁ କଫି ପିଇବା ମୋଟାପଣ ଦୂର କରିବାରେ ସାହାଯ୍ୟ କରିଥାଏ । ସ୍ପେନର ଗ୍ରାନାଡା ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀମାନେ କହିଛନ୍ତି ଯେ କଫି ଫ୍ୟାଟ୍ ଅକ୍ସିଡେସନ୍ ବଢାଇଥାଏ ଯାହା ଆପଣଙ୍କୁ ଫ୍ୟାଟ୍ କମାଇବାରେ ସାହାଯ୍ୟ କରିଥାଏ । ଉଲ୍ଲେଖନୀୟ କଥା ହେଉଛି, କଫି ଦୁନିଆର ସବୁଠାରୁ ଅଧିକ ବ୍ୟବହାର ହେଉଥିବା ପଦାର୍ଥ ମଧ୍ୟରୁ ଗୋଟିଏ । କିନ୍ତୁ ଏପର୍ଯ୍ୟନ୍ତ ଏହାର ଉପକାରୀ ପ୍ରଭାବ ବିଷୟରେ ଅଳ୍ପ ଗବେଷଣା କରାଯାଇଛି । ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡାକ୍ତର ଫ୍ରାନ୍ସିସ୍କୋ ଜୋସେ ଅମରୋ ଗହଟେ କହିଛନ୍ତି ଯେ ଫ୍ୟାଟ୍ ଅକ୍ସିଡେସନ୍ ବଢାଇବା ପାଇଁ ସାଧାରଣତଃ ଖାଲି ପେଟରେ ବ୍ୟାୟାମ କରିବା ପରାମର୍ଶ ଦିଆଯାଇଛି । ଆଥଲେଟିକ୍ ପ୍ରଦର୍ଶନ ଉପରେ କଫି ର ପ୍ରଭାବକୁ ବୁଝିବାକୁ, ଅନୁସନ୍ଧାନକାରୀମାନେ ୧୫ ଜଣ ପୁରୁଷ ଅଂଶଗ୍ରହଣକାରୀଙ୍କୁ ସାତ ଦିନର ବ୍ୟବଧାନରେ ଚାରିଥର ବ୍ୟାୟାମ ପରୀକ୍ଷା ସମାପ୍ତ କରିବାକୁ କହିଥିଲେ, ଯେଉଁଥିରେ ସେମାନଙ୍କର ଫ୍ୟାଟ୍ କମିବାର ସ୍ତର ମଧ୍ୟ ନିୟମିତ ଭାବରେ ମାପ କରାଯାଉଥିଲା । ଅଂଶଗ୍ରହଣକାରୀମାନେ ପାଞ୍ଚ ମି.ଲି. କଫି କିମ୍ବା ସକାଳ ଆଠଟାରେ ଏବଂ ସନ୍ଧ୍ୟାରେ ପାଞ୍ଚଟାରେ ଗୋଟ୍‌ଏ ପ୍ଲେସବୋ ନେଇଥିଲେ । ଏଥିରୁ ଜଣାପଡିଲା ଯେ ଅଂଶଗ୍ରହଣକାରୀମାନେ ଯେଉଁମାନେ କଫି ପିଉଥିଲେ, ସେମାନେ ପ୍ଲେସବୋ ନେଉଥିବାଙ୍କ ତୁଳନାରେ ଅଧିକ ଫ୍ୟାଟ୍ କମ୍ କରିଥିଲେ । ଡାକ୍ତର ଆମାରୋ କହିଛନ୍ତି ଯେ ଆମର ଅଧ୍ୟୟନରୁ ଜଣାପଡିଛି ଏରୋବିକ ବ୍ୟାୟାମ କରିବାର ୩୦ ମିନିଟ ପୂର୍ବରୁ କଫି ପିଇବା ଫ୍ୟାଟ୍ ଅକ୍ସିଡେସନ୍ ବୃଦ୍ଧିରେ ସହାୟକ ହୋଇଥାଏ । ରିପୋର୍ଟରେ କୁହାଯାଇଛି ଯେ ବ୍ରିଟେନରେ ୬୦ ପ୍ରତିଶତରୁ ଅଧିକ ଲୋକ ଅଧିକ ଓଜନ କିମ୍ବା ମେଦବହୁଳରେ ଗ୍ରସ୍ତ, ଅର୍ଥାତ୍ ସେମାନଙ୍କର ୨୫ ରୁ ଉପରେ ବିଏମଆଇ ଅଛି । ମୋଟାପଣକୁ ସାରା ଦୁନିଆରେ ମୃତ୍ୟୁର ପ୍ରମୁଖ କାରଣ ସହିତ ଯୋଡା ହୋଇଛି, ଯେଉଁଥିରେ ମଧୁମେହ, ହୃଦରୋଗ ଏବଂ ଷ୍ଟ୍ରୋକ୍ ଅନ୍ତର୍ଭୁକ୍ତ । ବ୍ରିଟେନରେ ପ୍ରତିଦିନ ପ୍ରାୟ ୯୫ ନିୟୁତ କପ୍ କଫି ପିଆଯାଇଥାଏ । ଏହି ଅଧ୍ୟୟନର ଫଳାଫଳ ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ସ୍ପୋର୍ଟସ୍ ନ୍ୟୁଟ୍ରିସନ୍ ଜର୍ନାଲରେ ପ୍ରକାଶିତ ହୋଇଛି ଅନୁସନ୍ଧାନକାରୀଙ୍କ ଅନୁଯାୟୀ, ଏହି ପ୍ରକ୍ରିୟା ଅପରାହ୍ନରେ ବ୍ୟାୟାମ କରିବା ଦ୍ୱାରା ଅଧିକ ଲାଭବାନ ହେବ । ପ୍ରକୃତରେ, ଅଧ୍ୟୟନ ସମୟରେ, ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ ବ୍ୟାୟାମ ସମୟରେ ଫ୍ୟାଟ୍ ଅକ୍ସିଡେସନ୍ ସକାଳ ଅପେକ୍ଷା ଅପରାହ୍ନରେ ବହୁତ ଅଧିକ ଥିଲା । ଫଳାଫଳରୁ ଜଣାପଡିଛି ଯେ ମଧ୍ୟାହ୍ନରେ କଫି ଏବଂ ମଧ୍ୟମ ବ୍ୟାୟାମ ମିଶ୍ରଣ କରିବା ହେଉଛି ଫ୍ୟାଟ୍ କମାଇବା ପାଇଁ ସର୍ବୋତ୍ତମ ଉପାୟ ।

# ତୀବ୍ର ଯନ୍ତ୍ରଣା ହେଉଥିଲେ ବି ଖାଆନ୍ତୁ ନାହିଁ ପେନ୍ କିଲର୍



ଯନ୍ତ୍ରଣାରୁ ମୁକ୍ତି ପାଇଁ ରୋଗୀଙ୍କୁ ପେନ୍ କିଲର୍ ଦେବା ବିପଜ୍ଜନକ ହୋଇପାରେ । ବ୍ରିଟେନର ଜାତୀୟ ସାସ୍ଥ୍ୟ ସେବା (ଏନଏସଏସ୍) ଏକ ଗାଇଡଲାଇନ ଜାରି କରି କ୍ରୋନିକ ପେନ୍ ସମୟରେ ପେନ୍ କିଲର୍ ନଦେବାକୁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛି । ଏନଏସଏସ୍ କହିଛି ପେନ୍ କିଲର୍ ଭାବରେ ବ୍ୟବହୃତ ପାରାସିଟାମୋଲ କିମ୍ବା ଆଇବୁପ୍ରୋଫେନ ଔଷଧ ଯନ୍ତ୍ରଣାରୁ ମୁକ୍ତି ଦିଏ କିମ୍ବା ନ ଦିଏ, କିନ୍ତୁ ଏହି ଔଷଧଗୁଡ଼ିକ ଶରୀରରେ ବ୍ୟାପକ କ୍ଷତି ଘଟାଇପାରେ । ଏନଏସଏସ୍ ଏହାର ନିର୍ଦ୍ଦେଶାବଳୀରେ ଦର୍ଶାଇଛି ଯେ ଏହି ଔଷଧ ଶରୀର ପାଇଁ ବହୁତ କ୍ଷତି ପହଞ୍ଚାଇପାରେ ବୋଲି ଦୃଢ ପ୍ରମାଣ ରହିଛି । ଏଥିରେ କୁହାଯାଇଛି ଯେ ପେନ୍ କିଲର୍ ସେବନ ଦ୍ୱାରା ଯନ୍ତ୍ରଣା ଉପରେ କଣ ପ୍ରଭାବ ପଡେ ବୋଲି କୌଣସି ପ୍ରମାଣ ନାହିଁ । କ୍ରୋନିକ୍ ପେନ୍ ଏକ ଏପରି ଅବସ୍ଥାରେ ଅଛି, ଯେଉଁଥିରେ ଏହାକୁ ଅନ୍ୟ ଚିକିତ୍ସା କିମ୍ବା ଲକ୍ଷଣ ଦ୍ୱାରା ବୁଝିହେବ ନାହିଁ । ଡାକ୍ତରମାନେ ସାଧାରଣତଃ କ୍ରୋନିକ୍ ପେନ୍ ବୋଲି ଏହାକୁ ଭାବିଥାନ୍ତି ଯାହା ତିନିରୁ ଛଅ ମାସ ଧରି ହେଉଛି ଏବଂ ସଂପୂର୍ଣ୍ଣ ସଠିକ୍ ହୁଏ ନାହିଁ । ଅର୍ଥାତ୍ ଛଅ ମାସରୁ ଅଧିକ ଯନ୍ତ୍ରଣାକୁ କ୍ରୋନିକ୍ ପେନ୍ କୁହାଯାଏ । ଏହି ଯନ୍ତ୍ରଣାକୁ ଔଷଧ ସହିତ ଚିକିତ୍ସା କରିବା କଷ୍ଟକର । କ୍ରୋନିକ୍ ପେନ୍ ହେଲେ ପେନ୍ କିଲର୍ ଖାଇବା ଅପେକ୍ଷା ନିୟମିତ ବ୍ୟାୟାମ ଭଲ ବୋଲି ଏନଏସଏସ୍ ପରାମର୍ଶ ଦେଇଛି । ଯଦି ଯନ୍ତ୍ରଣା ଅଧିକ ହୁଏ, ତେବେ ଫିଜିଓଥେରାପିଷ୍ଟଙ୍କ ତତ୍ତ୍ୱାବଧାନରେ କିଛି ଦିନ ପାଇଁ ଫିଜିଓ ନିୟମିତ କରନ୍ତୁ ।

# ଆଜିର ରାଶିଫଳ

**ମେଷ** — ବ୍ୟବସାୟ କ୍ଷେତ୍ରରେ କଠିନ ପରିଶ୍ରମ ଫଳରେ ଆଶାତୀତ ଲାଭ ପାଇବେ । ପିତାମାତାଙ୍କଠାରୁ ସହଯୋଗ ମିଳିବ । ପରିବାର ଓ ପତି ପତ୍ନୀଙ୍କ ମଧ୍ୟରେ ଭଲ ବୁଝାମଣା ରହିବ ।

**ବୃଷ** — ପାରିବାରିକ ସମସ୍ୟାଗୁଡ଼ିକୁ ସୁଧାରି ନେବା ଉଚିତ । ରାଜନୀତି କାର୍ଯ୍ୟରେ ସାମାଜିକ ଉତ୍ସବରେ ଯୋଗଦେଲେ ସଫଳତା ମିଳିବ । ବ୍ୟବସାୟ କ୍ଷେତ୍ରରେ ପୁରୁଣା ଧନଲାଭ ହେବାରୁ ଖୁସି ହେବେ ।

**ମିଥୁନ** — କୌଣସି ଶୁଭ ସମାଚାର ଶୁଣିବାକୁ ମିଳିବ । ନୂତନ ଯୋଜନା ପ୍ରସ୍ତୁତ କରି ବ୍ୟବସାୟରେ ଆୟ ଉପାର୍ଜନର ବୃଦ୍ଧି ହେବ । ଜାଗା, ଜମି, ବାସଗୃହ ଓ ଯାନବାହନ କ୍ରୟ କରିବାର ସୁବିଧା ପାଇବେ ।

**କର୍କଟ** — ପଢ଼ାପଢ଼ିରେ ମନଦେବେ ଉଚ୍ଚଶିକ୍ଷା ସମ୍ମିଳନୀରେ ଯୋଗଦେବେ । ଶତ୍ରୁବାଧା ଦୂରେଇ ଯିବ ଓ ଋଣରୁ ମୁକ୍ତି ପାଇବା ପାଇଁ ଚେଷ୍ଟା କରିବେ । ଦାମ୍ପତ୍ୟ କଳହର ଅବସାନ ଘଟିବ ।

**ସିଂହ** — ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବେ । ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ । ପଥପ୍ରାନ୍ତେ ବନ୍ଧୁଙ୍କୁ ଭେଟିପାରନ୍ତି ।

**କନ୍ୟା** — ବ୍ୟବସାୟରେ କ୍ଷତି ସହିବେ । ଗୃହକାର୍ଯ୍ୟରେ ଲିପ୍ତ ରହିବେ । ନ୍ୟାୟୋଚିତ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିବେ ।

**ତୁଳା** — ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ । ଯେତେ ଭଲ କାମ କରିଲେ ମଧ୍ୟ ପ୍ରଶଂସା ବଦଳରେ ଖାଲି ଅଭିଯୋଗ ପାଇବେ ।

**ବିଛା** — ସୁପରାମର୍ଶ କଥା କହି ଦିନଟି ଆନନ୍ଦ ପାଇବେ । କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବେ । ସାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ । ସେଥିପାଇଁ ଅନ୍ୟମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିବ ।

**ଧନୁ** — ଅର୍ଥ ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ । ମହିଳାମାନେ ବୁଦ୍ଧି ପ୍ରୟୋଗ କରି କାମ କରିବେ । ଛୋଟପିଲାମାନେ ପଢ଼ାପଢ଼ିରେ ଧ୍ୟାନ ଦେବେ ।

**ମକର** — କୌଣସି ପରିସ୍ଥିତିରେ ମଧ୍ୟ ଯାହା କହିବେ ଟିକିଏ ଭାବିଚିନ୍ତି କୁହନ୍ତୁ ଅଭାବ ପୂରଣ ସକାଶେ ବନ୍ଧୁଙ୍କୁ ଦ୍ୱାରସ୍ଥ ହେବେ । ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ଦାମ୍ପତ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ ।

**କୁମ୍ଭ** — ଗୃହିଣୀମାନେ ନିଜ କାର୍ଯ୍ୟରେ ଲାଗି ରହିବେ । ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତାକରିବେ । ଗୃହକାର୍ଯ୍ୟରେ ମନ ଦେବେ । ନିଜ ଲୋକଙ୍କ ଦ୍ୱାରା ଅପଦସ୍ଥ ହୋଇପାରନ୍ତି ।

**ମୀନ** — ବ୍ୟବସାୟରେ ଆଗକୁ ବଢ଼ିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ । କଳା, ସାହିତ୍ୟରେ ସମସ୍ୟାର ସମାଧାନ ହୋଇଯିବ । ଆର୍ଥିକ ସ୍ଥିତି ଦୁଃଶ୍ଚିନ୍ତାର କାରଣ ହେବ ।

# ସ୍ୱର୍ଣ୍ଣ ପଦକ ଜିତିଥିବା ଆଥଲେଟ ଏବେ ଜୋମାଟୋର ଡେଲିଭରି ବୟ

ଖାଦ୍ୟ ଡେଲିଭରି କମ୍ପାନୀ ଜୋମାଟୋ ତାର ଜଣେ ଡେଲିଭରି ବୟର ସଂଘର୍ଷର କାହାଣୀ ସମସ୍ତଙ୍କୁ ସେୟାର କରିଛି । ସେ ଜଣେ ରାଜ୍ୟସ୍ତରୀୟ ଆଥଲେଟ ଚମ୍ପିୟନ । ସେ ଜମାଟୋରେ କାମ କରି ନିଜର ଓ ତାଙ୍କ ଭଉଣୀଙ୍କର ସ୍ୱପ୍ନ ପୂରଣ କରିବା ପାଇଁ ଚେଷ୍ଟା କରୁଛନ୍ତି ।କମ୍ପାନୀ ୟୁଟ୍ୟୁବ ମାଧ୍ୟମରେ ଏହି ଭିଡିଓ ସେୟାର କରିଛି । ଡେଲିଭରି ବୟ ଜଣଙ୍କ ବିହାରରେ ଥିବା ବୈଶାଳି ଜିଲ୍ଲାର ମୁକେଶ କୁମାର । ମୁକେଶଙ୍କର କାହାଣୀ ବହୁତ ପ୍ରେରଣାଦାୟୀ ଅଟେ । ମୁକେଶ ବିଦ୍ୟାଳୟରେ ପଢୁଥିବା ସମୟରେ ଆଥଲେଟରେ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହାଦ୍ୱାରା ସେ ପଢୁଥିବା ବିଦ୍ୟାଳୟର ଶିକ୍ଷକମାନେ ପ୍ରଭାବିତ ହେବା ସହ ତାଙ୍କୁ ପ୍ରୋତ୍ସାହିତ କରିଥିଲେ । ତୁମେ ଭବିଷ୍ୟତରେ ବହୁତ ଭଲ ପ୍ରଦର୍ଶନ କରିବ ବୋଲି ଶିକ୍ଷକମାନେ ତାଙ୍କୁ କହିଥିଲେ । ମୁକେଶ କହିଛନ୍ତି ସେ ଜଣେ ୪୦୦ ମିଟର ଦୌଡ଼ର ଖେଳାଳୀ । ରାଜ୍ୟସ୍ତରୀୟ ଆଥଲେଟ ଚମ୍ପିୟନସିପରେ ମୁଁ ସ୍ୱର୍ଣ୍ଣ ପଦକ ହାସଲ କରିଛି । ବିଶାଖାପାଟ୍ଟନମରେ ସେ ଜାତୀୟ ସ୍ତରୀୟ ଆଥଲେଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କିନ୍ତୁ କୌଣସି କାରଣରୁ ସେଥିରେ ସେ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଏହାପରେ ସେ ଅବସାଦ ଗ୍ରସ୍ତ ରହିବା ସହ କେବେବି ଖେଳରେ ଜିତି ପାରିବେ ନାହିଁ ବୋଲି ତାଙ୍କୁ ଅନୁଭବ ହୋଇଥିଲା । ଏପରି ସ୍ଥିତି ଦେଖି ମୁକେଶଙ୍କୁ ତାଙ୍କ ଶିକ୍ଷକ ସାଥ ଦେଇଥିଲେ ଓ କହିଥିଲେ ଏବେ ତୁମେ ହାରି ଯାଇଛ, କିନ୍ତୁ ଦିନେନା ଦିନେ ତୁମେ ନିଶ୍ଚିତ ଜିତିବ । ଶିକ୍ଷକଙ୍କ କଥା ଶୁଣି ମୁକେଶ ପୁଣି ଅଭ୍ୟାସ ଆରମ୍ଭ କରିଥିଲେ ଓ ଏବେ ମଧ୍ୟ ତାହା ଜାରି ରହିଛି । ଏପରିବି କରୋନା ମହାମାରି ବେଳେ ସମସ୍ତ ଷ୍ଟାଡିୟମ ବନ୍ଦ ଥିବା ସମୟରେ ସେ ଗଙ୍ଗା ଘାଟରେ ଯାଇ ଅଭ୍ୟାସ କରୁଥିଲେ । ତାଙ୍କ ପରିବାର ବିଷୟରେ ମୁକେଶ କହିଛନ୍ତି ତାଙ୍କ ବାପା ଜଣେ କୃଷକ ଓ ତାଙ୍କ ରୋଜଗାର ବହୁତ କମ । ତଥାପି ସେ ତାଙ୍କୁ ବହୁତ ସାହାଜ୍ୟ କରନ୍ତି । କିନ୍ତୁ ତାଙ୍କ ପାଇଁ ତାହା ଯଥେଷ୍ଟ ହୁଏ ନାହିଁ । ଏହି ସମୟରେ ମୁକେଶଙ୍କୁ ତାଙ୍କ ସାଙ୍ଗ ଡେଲିଭରି ପାର୍ଟନର ହୋଇ ପଇସା ରୋଜଗାରର ଉପାୟ କହିଲା । ତେଣୁ ସେ ଜୋମାଟୋରେ ଯୋଗ ଦେଇଥିଲେ । ମୁକେଶ କହନ୍ତି ସେ ତାଙ୍କ ପ୍ରଥମ ଦରମାରେ ତାଙ୍କ ଭଉଣୀ ପାଇଁ ଜୋତା କିଣିଥିଲେ । ତାଙ୍କ ଭଉଣୀ ମଧ୍ୟ ଜଣେ ରାଜ୍ୟ ସ୍ତରୀୟ ଆଥଲେଟ ଚମ୍ପିୟନ । ସେ ଆହୁରି ଆଗକୁ ଖେଳୁ ଓ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରୁ ବୋଲି ସେ ଚାହାନ୍ତି । ଏହା ସହ ଅନ୍ତରାଷ୍ଟ୍ରୀୟ ସ୍ତରରେ ଖେଳି ନାଁ କରିବାକୁ ମୁକେଶ ଲକ୍ଷ ରଖିଛନ୍ତି ।

## ଫିଲ୍ମ ଟକ୍

# ସୁକେଶ ଓ ଜ୍ୟାକଲିନଙ୍କୁ ନେଇ ହେବ ଫିଲ୍ମ



ବର୍ତ୍ତମାନ ତିହାର ଜେଲର ଜୀବନ ବିତାଉଛନ୍ତି ମହାଠକ ସୁକେଶ । ବର୍ତ୍ତମାନ ତାଙ୍କୁ ନେଇ ଏକ ବଡ ଖବର ସାମ୍ନାକୁ ଆସୁଛି । ତାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି । ଏହି ଚଳଚ୍ଚିତ୍ରରେ ସୁକେଶଙ୍କ ନିର୍ଯାତନା, ମନି ଲଣ୍ଡରିଂ ଏବଂ ପ୍ରସିଦ୍ଧ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିସଙ୍କ ସହ ଥିବା ରୋମାନ୍ସକୁ ଦେଖାଯିବ । ନିର୍ମାତା ଆନନ୍ଦ କୁମାର ଏହି ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା କରିଛନ୍ତି । ଯେଉଁଥିପାଇଁ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ସଂଗ୍ରହ କରୁଛନ୍ତି । ସୁକେଶ ଚନ୍ଦ୍ରଶେଖରଙ୍କ ଜୀବନୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆନନ୍ଦ କୁମାର ତିହାରର ଜେଲର ଏଏସପି ଜେଲର ଦୀପକ ଶର୍ମାଙ୍କ ସହ କଥା ହୋଇଛନ୍ତି । ଏହି ବାର୍ତ୍ତାଳାପରେ ଦୀପକ ଶର୍ମା କହିଛନ୍ତି ଯେ ସୁକେଶଙ୍କ କାହାଣୀ ପ୍ରତି ଲୋକମାନେ ବହୁତ ଆଗ୍ରହୀ ଅଟନ୍ତି । ଏନେଇ ଚଳଚ୍ଚିତ୍ର ନିର୍ମାତା ଆନନ୍ଦ କୁମାର ସୁକେଶଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ କରିବାକୁ ଜେଲ ଯାଇଥିଲେ । କଥାବାର୍ତ୍ତା ପରେ ଦୀପକ ସୋସିଆଲ ମିଡିଆରେ ଆନନ୍ଦ କୁମାରଙ୍କ ସହ ଏକ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି । ଏହି ଫଟୋ ଯୋଗୁଁ ଫିଲ୍ମ ବିଷୟରେ ଖବର ନିଶ୍ଚିତ ହୋଇଛି । ଖବର ଅନୁଯାୟୀ ଆନନ୍ଦ କୁମାର ଫିଲ୍ମ ନିର୍ମାଣ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏଥିପାଇଁ ସେ ଦିଲ୍ଲୀର ଏକ ବିଳାସପୂର୍ଣ୍ଣ ହୋଟେଲକୁ ୬ ମାସ ପାଇଁ ବୁକ୍ ମଧ୍ୟ କରିଛନ୍ତି । ଲେଖକ ଏହି ହୋଟେଲରେ ରହି ଏହି ପ୍ରୋଜେକ୍ଟରେ କାମ କରିବେ । ଫିଲ୍ମର କାଷ୍ଟିଂ ଏବଂ ଲୋକେସନ୍‌କୁ ସିକ୍ରେଟ୍ ରଖିଛନ୍ତି । କିନ୍ତୁ କୁହାଯାଉଛି କି ଏହା ଖୁବ୍ ଶୀଘ୍ର ପ୍ରକାଶ ପାଇବ । ରିପୋର୍ଟ ଅନୁଯାୟୀ ଏହି ଚଳଚ୍ଚିତ

# ୧୬ ମିନିଟରେ ଶେଷହେବ ୧ ଘଣ୍ଟାର ଯାତ୍ରା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବାରାଣସୀରେ ୧୭୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ଏକ ରୋପୱେ ବି ସାମିଲ ରହିଛି। ଏହି ରୋପୱେ ବାରାଣସୀ କ୍ୟାଣ୍ଟନମେଣ୍ଟ ଷ୍ଟେସନରୁ ଗୋଦାଲିଆ ପର୍ଯ୍ୟନ୍ତ ନିର୍ମାଣ ହେବ । ଏହି ପ୍ରକଳ୍ପର ଆକଳିତ ବ୍ୟୟ ପ୍ରାୟ ୬୪୫ କୋଟି ଟଙ୍କା ହେବ ବୋଲି କୁହାଯାଉଛି । ସୂଚନା ଅନୁସାରେ, ୫ଟି ଷ୍ଟେସନ ସହିତ ରୋପୱେ ସିଷ୍ଟମର ଲମ୍ବ ପ୍ରାୟ ୩.୭୫ କିମି ହେବ । ଏହି ରୋପୱେର ନିର୍ମାଣ ହେଲେ କାଶୀ ବିଶ୍ୱନାଥ କରିଡର ପର୍ଯ୍ୟନ୍ତ ଯାତ୍ରା ସହଜ ହୋଇଯିବ ବୋଲି କୁହାଯାଉଛି। ପ୍ରଥମ ପର୍ଯ୍ୟାୟରେ ରୋପୱେ ବାରାଣାସୀ ରେଳ ଷ୍ଟେସନରୁ ଗୋଦାଲିଆ ପର୍ଯ୍ୟନ୍ତ ନିର୍ମିତ ହେବ। ଭିଡ଼ସ୍ଥାନରେ ଏହି ରୋପୱେ ନିର୍ମାଣ କରାଗଲେ କାଶୀ ବିଶ୍ୱନାଥ ମନ୍ଦିର, ଦଶାଶ୍ୱମେଧ ଘାଟକୁ ଯିବା ସୁବିଧା ହେବ। ବିଶେଷ କଥାଟି ହେଉଛି ରୋପୱେ ନିର୍ମିତ ହେଲେ ୩.୮ କିଲୋମିଟର ଯାତ୍ରା ୧୬ ମିନିଟରେ ଶେଷ ହେବ। ଏବେ ଏହି ରାସ୍ତାରେ ଯାଉଥିବା ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଜାମରେ ଛିଡ଼ା ହେବାକୁ ପଡୁଛି। ମିଳିଥିବା ସୂଚନା ଅନୁସାରେ, ଏହି ରୋପୱେ ୫୦ମିଟର ଉଚ୍ଚରେ ନିର୍ମିତ ହେବ। ଏଥିରେ ପାଖାପାଖି ୧୫୦ଟି ଟ୍ରଲି କାର ଚାଲିବ। ଗୋଟିଏ ଟ୍ରଲିରେ ୧୦ଜଣ ଯାତ୍ରୀ ବସି ଯାତ୍ରା କରି ପାରିବେ। ପ୍ରତି ଦେଢ଼ ଓ ଦୁଇ ମିନିଟରେ ଯାତ୍ରୀଙ୍କ ପାଇଁ ଗୋଟିଏ ଟ୍ରଲି ନିଶ୍ଚିତ ଭାବେ ଉପଲବ୍ଧ ରହିବ। ପ୍ରତିଘଣ୍ଟାରେ ଉଭୟପାର୍ଶ୍ୱରୁ ପାଖାପାଖି ୬୦୦୦ ଯାତ୍ରୀ ଯାତ୍ରା କରି ପାରିବେ। ଦିନରେ ଏହା ୧୬ ଘଣ୍ଟା ଚାଲିବ। ଏହାର କାମ ଆଗାମୀ ଦୁଇବର୍ଷ ମଧ୍ୟରେ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

# ଶ୍ରୀରାମଚରିତମାନସକୁ ଜାତୀୟ ପୁସ୍ତକ ଘୋଷଣା ପାଇଁ ଦାବି

ଲକ୍ଷ୍ନୌ : ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ଷୋଡ଼ଶ ଶତାବ୍ଦୀରେ ରଚିତ ରାମାୟଣ-ଭିତ୍ତିକ ମହାକାବ୍ୟ 'ଶ୍ରୀରାମ ଚରିତମାନସ'କୁ ନେଇ ବିହାରର ଶିକ୍ଷାମନ୍ତ୍ରୀ ବିଭ୍ରାନ୍ତିକର ବୟାନ ଦେବା ପରେ ଏହା ଏବେ ଜାତୀୟ ପ୍ରସଙ୍ଗ ଭାବେ ଉଭା ହୋଇଚି । ରାମଚରିତମାନସକୁ ଜାତୀୟ ପୁସ୍ତକ ଘୋଷଣା ପାଇଁ ଦାବି କରି ଆରଏସଏସ୍ ସମର୍ଥିତ ଅନୁଷ୍ଠାନ ରାଷ୍ଟ୍ରୀୟ ପର୍ବ ଏବଂ ଉତ୍ସବ ସମିତି ପକ୍ଷରୁ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଚୈତ୍ର ନବରାତ୍ରିର ପ୍ରଥମ ଦିବସ ବା ହିନ୍ଦୁ ନବବର୍ଷଠାରୁ ଏହି ଅଭିଯାନ ଆରମ୍ଭ ହୋଇଛି। ସମାଜବାଦୀ ପାର୍ଟିର ଜଣେ ନେତା ନାରୀ ଓ ପଛୁଆବର୍ଗଙ୍କ ପ୍ରତି ରାମଚରିତମାନସରେ ଅପମାନକର ମନ୍ତବ୍ୟ ଦିଆଯାଇଥିବା ନେଇ ଅଭିଯୋଗ କରିବାର କିଛିଦିନ ପରେ ସମିତି ପକ୍ଷରୁ ଏହି ଉଦ୍ୟମ ଆରମ୍ଭ କରାଯାଇଛି।

# ଅମ୍ରିତପାଲକୁ ନେଇ ଦିଲ୍ଲୀରେ ଆଲର୍ଟ ଜାରି

ନୂଆଦିଲ୍ଲୀ: ଖଲିସ୍ତାନୀ ନେତା ଅମ୍ରିତପାଲ ସିଂହର ପତ୍ତା ପୁଲିସ୍ ଏଯାଏ ପାଇନାହିଁ। ପଞ୍ଜାବର ଜଲନ୍ଧରରୁ ଖସିଯିବା ପରେ ସେ ହରିଆଣାରେ ଆତ୍ମଗୋପନ କରିଥିଲା। ଏବେ ସେ ଦିଲ୍ଲୀ ଅଭିମୁଖେ ବାହାରିଥିବା ପୁଲିସ୍ ସୂତ୍ରରୁ ଖବର ମିଳିଛି। ବର୍ତ୍ତମାନ ପଞ୍ଜାବରେ ନଥିବା ଅମ୍ରିତପାଲକୁ ଶେଷଥର ପାଇଁ ହରିଆଣାରେ ଦେଖିବାକୁ ମିଳିଥିଲା। ହରିଆଣାରୁ ସେ କୌଶଳକ୍ରମେ ଦେଶର ରାଜଧାନୀ ଦିଲ୍ଲୀ ଆସୁଥିବା ଜଣାପଡ଼ିଛି। ଏହି ଖବର ମିଳିବା ପରେ ଦିଲ୍ଲୀର ସବୁ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।ଏହାବାଦ ମହାରାଷ୍ଟ୍ର ସମେତ ସେ ଉତ୍ତରାଖଣ୍ଡ ଯାଇପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ବେଶ ବଦଳାଇ ସାରିଥିବା ଅମ୍ରିତପାଲକୁ ଧରିବା ପାଇଁ ଦିଲ୍ଲୀ ଓ ମହାରାଷ୍ଟ୍ର ବ୍ୟତୀତ ଉତ୍ତରାଖଣ୍ଡର ଡେରାଡୁନ, ହରିଦ୍ୱାରା ଓ ଉଦ୍ଧମ ସିଂହ ନଗରରେ ଆଲର୍ଟ ଜାରି କରାଯାଇଛି। ପୁଲିସ୍ ଅଧିକାରୀଙ୍କ କହିବା କଥା ଯେ ପଞ୍ଜାବରୁ ଖସିଯିବା ପରେ ଅମ୍ରିତପାଲ ସିଂହ ହରିଆଣାର କୁରୁକ୍ଷେତ୍ରରେ ରହିଥିଲା। ସେ ଓ ତା'ର ସହଯୋଗୀ ପାପଲପ୍ରୀତ ସିଂହ ସେଠାରେ ଜଣେ ମହିଳାଙ୍କ ଘରେ ରହିଥିଲେ। ଉକ୍ତ ମହିଳାଙ୍କୁ ପୁଲିସ୍ ଗିରଫ କରିଛି।

ସେଠାରୁ ଖସି ଯିବା ପରେ ଅମ୍ରିତପାଲ ବିଭିନ୍ନ ରାଜ୍ୟକୁ ଯିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ସେହିପରି ସେ ନେପାଳ ଖସିଯିବାକୁ ମଧ୍ୟ ପ୍ରସ୍ତୁତ ହେଉଛି। କିନ୍ତୁ ସୁରକ୍ଷାକର୍ମୀ ଭାରତ-ନେପାଳ ସୀମାରେ ଅମ୍ରିତପାଲର ଫଟୋ ମାରି ସମସ୍ତଙ୍କୁ ସତର୍କ ରହିବାକୁ କହିଛନ୍ତି। ଗତକାଲି ଗୋଟିଏ ଭିଡିଓ ମଧ୍ୟ ସାମ୍ନାକୁ ଆସିଥିଲେ। ଉକ୍ତ ଭିଡିଓରେ ଅମ୍ରିତପାଲ ଛତା ଦ୍ୱାରା ନିଜ ମୁହଁକୁ ଲୁଚାଇ ରାସ୍ତାରେ ଚାଲି ଚାଲି ଯାଉଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ମହିଳାଙ୍କ ଘରୁ ଯିବା ବେଳେ ସିସିଟିଭିରୁ ବର୍ତ୍ତିବା ପାଇଁ ଅମ୍ରିତପାଲ ଛତାର ବ୍ୟବହାର କରିଥିଲା। ଅମ୍ରିତପାଲକୁ ପଞ୍ଜାବ ପୁଲିସ୍ ସହ କେନ୍ଦ୍ରୀୟ ସୁରକ୍ଷାବଳ ଖୋଜିବାରେ ଲାଗିଛନ୍ତି। କିନ୍ତୁ ଜଲନ୍ଧରରୁ ପୁଲିସ୍‌କୁ ଚକମା ଦେଇଥିବା ଅମ୍ରିତପାଲକୁ ଧରିବାକୁ କେହି ବି ସକ୍ଷମ ହୋଇନାହାନ୍ତି।

# ରାହୁଲ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି : ନଡ୍ଡା

ନୂଆଦିଲ୍ଲୀ: ରାହୁଲ୍ ଗାନ୍ଧୀଙ୍କର ଅହଂଭାବ ପ୍ରବଳ, କିନ୍ତୁ ବିଚାର-ବୁଦ୍ଧି ନାହିଁ, ତେଣୁ ଅଦାଲତଙ୍କ ଆଦେଶ ସତ୍ତ୍ୱେ ସେ ମୋଦୀ ସାଙ୍ଗିଆ ମନ୍ତବ୍ୟ ପାଇଁ କ୍ଷମାଭିକ୍ଷା ନ କରି ଓବିସି ସମ୍ପ୍ରଦାୟଙ୍କୁ ଅପମାନିତ କରିଛନ୍ତି ବୋଲି ବିଜେପି ଅଧ୍ୟକ୍ଷ ଜେ. ପି. ନଡ୍ଡା କହିଛନ୍ତି। ଏକାଧିକ ଟୁଇଟ୍ କରି ସେ ଲେଖିଛନ୍ତି: ରାହୁଲ୍ ଗାନ୍ଧୀଙ୍କ ଅହଙ୍କାର ଅତି ପ୍ରବଳ କିନ୍ତୁ, ବିଚାର-ବୁଦ୍ଧି ନାହିଁ। ରାଜନୈତିକ ଫାଇଦା ଲାଗି ସେ ସମଗ୍ର ଓବିସି ସମ୍ପ୍ରଦାୟକୁ ଅପାମାନ ଦେଇଛନ୍ତି। ସେ ସେମାନଙ୍କୁ ଚୋର ବୋଲି କହିଛନ୍ତି। ସାମାଜ ଏବଂ ଅଦାଲତ ବୁଝାଇବା ସହିତ କ୍ଷମାଭିକ୍ଷା କରିବା ପାଇଁ ଦେଇଥିବା ବିକଳ୍ପକୁ ବି ସେ ହେୟଜ୍ଞାନ କରି ବାରମ୍ବାର ଓବିସି ସମ୍ପ୍ରଦାୟଙ୍କ ଭାବାବେଗକୁ ଆଘାତ କରୁଛନ୍ତି। ନଡ୍ଡା କହିଛନ୍ତି, ରାହୁଲ୍ ଗାନ୍ଧୀ ସବୁବେଳେ ସତ୍ୟତା ନ ଥିବା କପୋଳକଳ୍ପିତ ଅଭିଯୋଗ କରନ୍ତି। ରାଫେଲ୍ ଏବଂ ଚୌକିଦାର-ଚୋର ମନ୍ତବ୍ୟକୁ ଦର୍ଶାଇ ନଡ୍ଡା ପୁଣି କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଫେଲ୍ ନାଁରେ ସେ ଦେଶବାସୀଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଥିଲେ। ସେଥିପାଇଁ ମାନ୍ୟବର ସୁପ୍ରିମ୍ କୋର୍ଟ ତାଙ୍କୁ ଭର୍ତ୍ସନା କରିଥିଲେ ଓ ସେ ନିଃସର୍ତ୍ତ କ୍ଷମାଭିକ୍ଷା କରିଥିଲେ। ଉଲ୍ଲେଖଯୋଗ୍ୟ, ମୋଦୀ ସାଙ୍ଗିଆ ମାନହାନି ମାମଲାରେ ସୁରତ ଜିଲ୍ଲା ଅଦାଲତ ରାହୁଲ୍ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ୍ ଦଣ୍ଡାଦେଶ ଓ ୧୫୦୦୦ ଟଙ୍କା ଜରିମାନା କରିଛନ୍ତି। ସବୁ ଚୋର କାହିଁକି ମୋଦୀ ସାଙ୍ଗିଆ ବହନ କରିଛନ୍ତି ବୋଲି ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ କର୍ଣ୍ଣାଟକର କୋଲାରଠାରେ ଆୟୋଜିତ ରାଲିରେ ଉଦ୍‌ବୋଧନ ଦେବା ବେଳେ ରାହୁଲ୍ ଗାନ୍ଧୀ 'ମୋଦୀ' ସାଙ୍ଗିଆକୁ ବିଦ୍ରୂପ କରି ଏଭଳି ଅସମ୍ମାନଜନକ ମନ୍ତବ୍ୟ ଦେଇଥିଲେ।

# ଚର୍ଚ୍ଚାରେ ପୂର୍ଣ୍ଣେଶ ମୋଦୀ

ନୂଆଦିଲ୍ଲୀ : କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧିଙ୍କ ଲୋକସଭା ସଦସ୍ୟ ପଦ ଚାଲିଯିବା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ୨୦୧୯ରେ ସେ ଦେଇଥିବା ଏକ ବୟାନ 'ସବୁ ମୋଦୀ ଚୋର କାହିଁକି'କୁ ନେଇ ତାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରାଯାଇଥିଲା ଓ ଏହାର ବିଚାର କରି ସୁରତର ଏକ କୋର୍ଟ ରାହୁଲଙ୍କୁ ୨ବର୍ଷ ଜେଲଦଣ୍ଡ ଶୁଣାଇଥିଲେ । ଏହି ମାନହାନୀ ମକଦ୍ଦମା କରିଥିବା ବ୍ୟକ୍ତି ହେଉଛନ୍ତି ବିଧାୟକ ପୂର୍ଣ୍ଣେଶ ମୋଦୀ । ସେ ଭାରତୀୟ ଜନତା ପାର୍ଟି (ବିଜେପି)ର ନେତା ଏବଂ ମୂଳତଃ ଗୁଜରାଟର ବାସିନ୍ଦା।ସେ ଗୁଜରାଟର ଜଣେ ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନର ବିଧାୟକ । ୨୦୧୯ରେ ସେ ରାହୁଲ ଗାନ୍ଧିଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୫୦୪ (ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଉଦ୍ଦେଶ୍ୟମୂଳକ ଅପମାନ) ଅନୁଯାୟୀ ଅପରାଧିକ ମାନହାନି ମାମଲା ରୁଜୁ କରିଥିଲେ। ୫୪ ବର୍ଷୀୟ ମୋଦିଙ୍କ ପୂରା ନାମ ପୂର୍ଣ୍ଣେଶ କୁମାର ଈଶ୍ୱରଲାଲ ମୋଦି । ସେ ୧୯୬୫ ମସିହା ଅକ୍ଟୋବର ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ବିକମ୍ ଡିଗ୍ରୀ ହାସଲ କରିବା ପରେ ୧୯୯୨ ମସିହାରେ ସୁରଟସ୍ଥିତ ସାର୍ ଚୌବାସୀ ଆଇନ ମହାବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ ।

# ସିବିଆଇକୁ ଚିଠି ଲେଖିଲେ ଜୟରାମ ରମେଶ

ନୂଆଦିଲ୍ଲୀ : କଂଗ୍ରେସର ମହାସଚିବ ଜୟରାମ ରମେଶ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋକୁ ଚିଠି ଲେଖିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମେଘାଳୟର ପୂର୍ବତନ କୋନରାଡ ସାଙ୍ଗମା ସରକାରଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି କହିଥିବା ନେଇ ସେ ଅଭିଯୋଗ କରିଛନ୍ତି। ତଦନ୍ତ ପାଇଁ ସେ ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୈସୱାଲଙ୍କୁ ଅନୁରୋଧ କରିଛନ୍ତି। ମାର୍ଚ୍ଚ ୨୧ ରେ ଜୟରାମ ରମେଶ ଏହି ଚିଠି ଲେଖି ଗୁରୁବାର ଏହାର ଏକ କପି ଟୁଇଟରରେ ଶେୟାର କରିଛନ୍ତି। ସେ ଏହି ଚିଠିରେ କହିଛନ୍ତି ଯେ ମୁଁ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ ୧୭ ଫେବୃଆରୀ ୨୦୨୩ରେ ଅମିତ ଶାହା ତାଙ୍କର ଏକ ସାଧାରଣ ସଭାରେ କହିଥିଲେ ଯେ ତତ୍କାଳୀନ ମେଘାଳୟ ସରକାର ସବୁଠାରୁ ଦୁର୍ନୀତିଗ୍ରସ୍ତ ସରକାର।

# ତାହିର ହୁସେନ ନାଁରେ ହତ୍ୟା ଚାର୍ଜ ଫ୍ରେମ କଲେ କୋର୍ଟ

ନୂଆଦିଲ୍ଲୀ: ବହୁ ଚର୍ଚ୍ଚିତ ଦିଲ୍ଲୀ ଦଙ୍ଗା ଘଟଣାରେ କାରକରଡୁମା କୋର୍ଟ ଆଜି ଆପ୍‌ର ପୂର୍ବତନ ବିଧାୟକ ତାହିର ହୁସେନ ଓ ଅନ୍ୟ ୧୦ ଜଣଙ୍କ ନାଁରେ ହତ୍ୟା ଚାର୍ଜ ଫ୍ରେମ କରିଛନ୍ତି। ୨୦୨୦ ଦିଲ୍ଲୀ ଦଙ୍ଗା ବେଳେ ଆଇବି ଅଧିକାରୀ ଅଙ୍କିତ ଶର୍ମାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ କୋର୍ଟ ତାହିର ଆଣ୍ଡ କୋଙ୍କ ବିରୋଧରେ ଚାର୍ଜଫ୍ରେମ କରିଛନ୍ତି। ୨୦୨୦ ମସିହା ଫେବୃଆରୀ ୨୭ରେ ଦିଲ୍ଲୀର ଚାନ୍ଦ ବାଗ ଅଞ୍ଚଳରେ ଥିବା ଗୋଟିଏ ଡ୍ରେନରୁ ଅଙ୍କିତଙ୍କ ମୃତଦେହ ମିଳିଥିଲା। ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିଥିଲା ଯେ ଅଙ୍କିତଙ୍କ ଫୁସଫୁସ ଓ ମସ୍ତିଷ୍କରେ ଗଭୀର ଆଘାତ ଲାଗିବାରୁ ତାଙ୍କର ଜୀବନ ଯାଇଥିଲା। ଏହା ପଛରେ ତାହିର ଓ ଆଉ ୧୦ ଜଣ ଥିବା ଅଭିଯୋଗ ହେବା ପରେ ପୁଲିସ୍ ସେମାନଙ୍କୁ ଗିରଫ କରିଥିଲା। କୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ ତାହିର ହୁସେନ ନିୟମିତ ଭାବେ ଭିଡ଼କୁ ନିୟନ୍ତ୍ରଣ କରୁଥିଲେ ଓ ଆକ୍ରମଣ ପାଇଁ ଉସାହିତ କରୁଥିଲେ ବୋଲି ତାଙ୍କ କାର୍ଯ୍ୟକଳାପରୁ ସ୍ପଷ୍ଟ ହୋଇଛି। ସବୁ କିଛି ହିନ୍ଦୁମାନଙ୍କୁ ଟାର୍ଗେଟ କରି କରାଯାଉଥିଲା। ତେଣୁ ତାହିର ହୁସେସ ଓ ଆଉ ୧୦ ଜଣଙ୍କ ନାଁରେ ଆଇପିସିର ଧାରା ୧୪୭,୧୪୮, ୧୫୨ଏ, ୩୦୨, ୩୬୫, ୧୨୦ବି,୧୪୯,୧୮୮ ଓ ୧୫୩ଏ ଲାଗୁ କରାଯାଇଥିଲା। ଏହାବାଦ ତାହିର ହୁସେନଙ୍କ ନାଁରେ ୫୦୫,୧୦୯ ଓ ୧୧୪ ଧାରା ମଧ୍ୟ ଲାଗିଛି। ୨୦୨୦ ମସିହାର ଜୁନ୍ ୨ରେ ଦିଲ୍ଲୀ ପୁଲିସ୍ ଦଙ୍ଗା ଘଟଣାରେ ୨ଟି ଚାର୍ଜଶିଟ ଦାଖଲ କରିଥିଲା। ଗୋଟିଏ ଚାର୍ଜଶିଟରେ ତାହିର ହୁସେନଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଦର୍ଶାଯାଇଥିଲା।

କରଦାତା ଧ୍ୟାନ ଦିଅନ୍ତୁ !

Azadi Ka Amrit Mahotsav | G20 ଭାରତ 2023 INDIA

ଅପ୍‌ଡେଟେଡ୍ ଆୟକର ରିଟର୍ଣ୍ଣ
ଫାଇଲ୍ କରିବା ଲାଗି
ୱିଣ୍ଡୋ
ଖୋଲା ରହିଛି

ନିମ୍ନଲିଖିତ ମାମଲାରେ ଅପ୍‌ଡେଟେଡ୍ ରିଟର୍ଣ୍ଣ ଦାଖଲ କରାଯାଇ ପାରିବ :

- ଯଦି ମୂଳ ରିଟର୍ଣ୍ଣ ଦାଖଲ କରାଯାଇ ନାହିଁ
- ଯଦି ବିଳମ୍ବିତ ରିଟର୍ଣ୍ଣ ଦାଖଲ କରାଯିବାର ସମୟସୀମା ସମାପ୍ତ ହୋଇଯାଇଛି
- ମୂଳ ବିବରଣୀକୁ ସଂଶୋଧିତ କରିବା ଲାଗି
  ଯଦି ଆୟର ସଠିକ୍ ଘୋଷଣା କରାଯାଇ ନାହିଁ
  ଆୟର ଭ୍ରମାତ୍ମକ ଶୀର୍ଷ ଚିହ୍ନଟ କରାଯାଇଥିଲା ଅଥବା ଭୁଲ୍ ହାରରେ କର ଦାଖଲ କରାଯାଇଥିଲା
  ଅଗ୍ରେନିତ ହାନି କିମ୍ବା ଅସମାୟୋଜିତ ମୂଲ୍ୟ ହ୍ରାସରେ ଅଭାବ ଅପେକ୍ଷିତ ରହିଛି
  ଆୟର ଭ୍ରମାତ୍ମକ ଶୀର୍ଷ ଚିହ୍ନଟ କରାଯାଇଥିଲା ଅଥବା ଭୁଲ୍ ହାରରେ କର ଦାଖଲ କରାଯାଇଥିଲା
  MAT/AMT କ୍ରେଡିଟରେ ହ୍ରାସ ଅପେକ୍ଷିତ ଅଟେ

ଆପଣ ନିର୍ଦ୍ଧାରିତ ବର୍ଷ ୨୦୨୦-୨୧ ଲାଗି ନିଜର ଅପ୍‌ଡେଟେଡ୍ ରିଟର୍ଣ୍ଣ
୩୧ ମାର୍ଚ୍ଚ, ୨୦୨୩ ସୁଦ୍ଧା ଫାଇଲ୍ କରିପାରିବେ
ବିଳମ୍ବ କରନ୍ତୁ ନାହିଁ, ଆଜି ହିଁ ଫାଇଲ୍ କରନ୍ତୁ

| ଯଦି ଆପଣ ୩୧.୦୩.୨୦୨୩ ସୁଦ୍ଧା ଆଇଟିଆର-ୟୁ ଫାଇଲ କରନ୍ତି | ଦେୟ ଅତିରିକ୍ତ କରର ରାଶି |
|---|---|
| ନିର୍ଦ୍ଧାରିତ ବର୍ଷ ୨୦୨୦-୨୦୨୧ ଲାଗି | କର ଏବଂ ସୁଧର ମୋଟ୍ ଯୋଗର ୫୦% |
| ନିର୍ଦ୍ଧାରିତ ବର୍ଷ ୨୦୨୧-୨୦୨୨ ଏବଂନିର୍ଦ୍ଧାରିତ ବର୍ଷ ୨୦୨୨-୨୦୨୩ | କର ଏବଂ ସୁଧର ମୋଟ୍ ଯୋଗର ୨୫% |

ଅଧିକ ବିବରଣୀ ଲାଗି ଦୟାକରି ଆୟକର ଅଧିନିୟମ, ୧୯୬୧ର ଧାରା ୧୩୯ (୮-ଏ) ଏବଂ ୧୪୦-ବି ଦେଖନ୍ତୁ

cbc 15401/13/0021/2223

For e-Brochures scan QR Code

ଆୟକର ବିଭାଗ
INCOME TAX DEPARTMENT
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ

ଅଧିକ ବିବରଣୀ ଏବଂ ଅପ୍‌ଡେଟେଡ୍ ରିଟର୍ଣ୍ଣ ଫାଇଲ କରିବା ଲାଗି ଦୟାକରି ଦେଖନ୍ତୁ www.incometax.gov.in

For more information scan QR Code

@IncomeTaxIndia @IncomeTaxIndiaOfficial @IncomeTaxIndiaOfficial @Income Tax India @Income Tax India Official

# ଦଣ୍ଡ ନାଚ ପାଇଁ ବନ୍ଧ ସଫା କଲେ କର୍ପୋରେଟର ଦୁର୍ଗା

ବ୍ରହ୍ମପୁର, (ପିପିଏସ) : ବ୍ରହ୍ମପୁର ମହାନଗର ନିଗମର ୧୭ନଂ ୱାର୍ଡ ସ୍ପୋର୍ଟ୍ସ ଏରେନା ସମ୍ମୁଖ ଗୁଡ଼ିଖାଇ ବନ୍ଧ ଶୁକ୍ରବାର ସଫେଇ କରାଯାଇଛି । ସ୍ଥାନୀୟ କର୍ପୋରେଟର ଦୁର୍ଗା କୁମାର ଲାୟକଙ୍କ ତତ୍ତ୍ୱାବଧାନରେ ୱାର୍ଡ ବିଜେଡି କମିଟି ଓ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ସଫେଇ ହୋଇଥିଲା । ବିଏମ୍‌ସି ତରଫରୁ ବନ୍ଧ ଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଗଲେ ମଧ୍ୟ ତାହାର ସଠିକ୍ ରକ୍ଷଣାବେକ୍ଷଣ ନିଆଯାଉନାହିଁ । ଯଦ୍ୱାରା ବନ୍ଧରେ ଦଳ ସାଙ୍ଗକୁ ଆବର୍ଜନା ଭରି ହୋଇ ରହିଥିଲା । ୬ମାସରୁ ଉର୍ଦ୍ଧ୍ୱ ସମୟ ଧରି ସଫେଇ ନହୋଇ ପଡ଼ିରହିଥିଲା । ୨୧ଦିନିଆ ଦଣ୍ଡନାଚ ମାର୍ଚ୍ଚ ୨୫ରୁ ଆରମ୍ଭ ହେବାକୁ ଥିବା ବେଳେ ଏହାକୁ ଆଖି ଆଗରେ ରଖି ବନ୍ଧକୁ ସଫେଇ କରାଯାଇଥିବା କର୍ପୋରେଟର ଦୁର୍ଗା କହିଛନ୍ତି ।

# ଚଣ୍ଡୀମନ୍ଦିର ରୂପାନ୍ତରଣ କାର୍ଯ୍ୟ ତଦାରଖ କଲେ ଆରଡିସି, ସିଡିଏ ଅଧ୍ୟକ୍ଷ ଓ ଜିଲ୍ଲାପାଳ

➔ ଆରମ୍ଭ ହେଲା ନୂତନ ମାର୍କେଟ କମ୍ପ୍ଲେକ୍ସ କାମ

➔ ମନ୍ଦିର ନିର୍ମାଣରେ ବ୍ୟବହାର ହେବ ଖୋଣ୍ଡାଲାଇଟ ପଥର

କଟକ, (ପିପିଏସ) : ଚଣ୍ଡିମନ୍ଦିର ବିକାଶ ତଥା ରୂପାନ୍ତରଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ସେଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ କାମ ଆରମ୍ଭ ହୋଇଯାଇଛି । ସେହିପରି ମନ୍ଦିର ପରିସରରେ ଥିବା ପୁରୁଣା ବିଲ୍ଡିଂ ଓ ବାରାକ୍ ଭଙ୍ଗା କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି । ଏତଦ୍‌ବ୍ୟତୀତ ଶୈଳବାଳା ମହିଳା କଲେଜ ଭିତର ଦେଇ ରାସ୍ତା ଡାଇଭର୍ସନ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି ବୋଲି ପ୍ରୋଗ୍ରାମ ଇଂପ୍ଲିମେଣ୍ଟେସନ କମିଟି ଅଧ୍ୟକ୍ଷ ତଥା ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ କହିଛନ୍ତି । କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଲେଇ, ସିଡିଓ ଅଧ୍ୟକ୍ଷ ଶ୍ରୀ ସାମଲ ଓ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ କାର୍ଯ୍ୟ ତଦାରଖ ବେଳେ ଏହା କହିଛନ୍ତି । ଖୁବ୍ ଶୀଘ୍ର ମନ୍ଦିର ପୁନଃ ନବୀକରଣ ଆରମ୍ଭ ହେବ । ମନ୍ଦିରର ଉଚ୍ଚତା ବୃଦ୍ଧି ପାଇବା ସହ ସେଥିରେ ଖୋଣ୍ଡାଲାଇଟ୍ ପଥର ବ୍ୟବହାର କରାଯିବ । ଏହି ପଥର ଖୁବ୍ ଶୀଘ୍ର ପହଂଚିବ ବୋଲି ସିଡିଏ ଅଧ୍ୟକ୍ଷ ଶ୍ରୀ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ଉପରୋକ୍ତ

ଅଧିକାରୀମାନେ ଚଣ୍ଡି ମନ୍ଦିରରେ ପହଂଚି କାର୍ଯ୍ୟ ତଦାରଖ କରିବା ସହ ଓବିସିସି ଓ ଆରଏଣ୍ଡବି ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ । କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରି ସେମାନେ ସନ୍ତୋଷ ପ୍ରକାଶ କରିଥିଲେ । ଇତିମଧ୍ୟରେ ସେଠାରେ ପୁରୁଣା ବିଲ୍ଡିଂରେ ଥିବା ଜିନିଷପତ୍ର ସ୍ଥାନାନ୍ତର କରାଯିବା ସହ ଉକ୍ତ ଢାଂଚାକୁ ଭାଙ୍ଗି ଦିଆଯାଇଛି । ସେହିପରି ସେବାୟତ ଓ ପୂଜକଙ୍କୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ବିଶେଷକରି ପାଇପ୍ ଲାଇନ ସ୍ଥାନାନ୍ତର, ବିଦ୍ୟୁତ୍ ଲାଇନ ଟଣା ଓ ଟ୍ରାନ୍ସଫରମର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ବୋଲି ଉପରୋକ୍ତ ଅଧିକାରୀମାନେ କହିଛନ୍ତି । ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯେପରି ଶୃଙ୍ଖଳିତ ଢଙ୍ଗରେ ହେବ ଏବଂ ପାଚେରୀ ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ଶେଷ ହେବ ସେଥିପ୍ରତି ପ୍ରଶାସନ ଅଧିକ ଯତ୍ନଶୀଳ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଚୟନୀ କହିଛନ୍ତି । ଅକ୍ଟୋବର ୧୪ରେ ଏକ ଉଚ୍ଚସ୍ତରୀୟ ବୈଠକରେ ଚଣ୍ଡିମନ୍ଦିର ରୂପାନ୍ତରଣ ଓ ବିକାଶ ପ୍ରକଳ୍ପକୁ ଏକ ସପ୍ତାହ ମଧ୍ୟରେ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ୭୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ୨୦୨୩ ନଭେମ୍ବର ସୁଦ୍ଧା ଶେଷ ହେବ ବୋଲି ଉପରୋକ୍ତ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି ।

## ଡିଓ୍ୱାଇଏଫ୍‌ଆଇ ତରଫରୁ ଶହୀଦ ଦିବସ ପାଳନ

କଟକ ସଦର, (ପିପିଏସ) : ସ୍ଥାନୀୟ ମହାନଦୀ ବିହାର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଡିଓ୍ୱାଇଏଫ୍‌ଆଇ ତରଫରୁ ଆବାହକ ରତ୍ନିକ ମହାନ୍ତିଙ୍କ ସଭାପତିତ୍ୱରେ ଶହୀଦ ଭଗତସିଂ, ଶୁଖଦେବ ଓ ରାଜଗୁରୁଙ୍କ ୯୨ତମ ବଳିଦାନ ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଆୟୋଜିତ ସଭାରେ ଡିଓ୍ୱାଇଏଫ୍‌ଆଇର ପ୍ରତିଷ୍ଠାତା ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଆଜି ଦେଶ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତିରେ ଗତି କରୁଛି ବୋଲି କହିବା ସହିତ ଦେଶର ଶାସନଭାର ଫାଶିବାଦୀ ଶକ୍ତି ଆର୍‌ଏସ୍‌ଏସ୍ ଦ୍ୱାରା ପରିଚାଳିତ ହେଉଥିବା ସହିତ ଦେଶର ସମ୍ବିଧାନ ସୁରକ୍ଷିତ ନୁହେଁ ବୋଲି ମତପ୍ରକାଶ କରିଥିଲେ । ଏହି ସଭାରେ ସିପିଆଇ(ଏମ୍)ର ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଭାକୁ ସଂଗଠନର ସଭ୍ୟ ସୁଭ୍ରା ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ରାମପ୍ରସାଦ ଗର୍ତ୍ତି, ଭାଗ୍ୟଧର ନାୟକ, ବିମ୍ବାଧର ଶତପଥି, କୁନାଲ ମହାନ୍ତି, ଗୋପାଳ ରାଉତ, ଶର୍ମିଳା ବଳ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲାସ୍ତରୀୟ ଡାକ୍ତରଖାନା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପରିଷଦ ବୈଠକ

ଭଦ୍ରକ, (ପିପିଏସ) : ସାଧାରଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ପ୍ରଣୀତ ବିଭିନ୍ନ ସରକାରୀ ଯୋଜନା ସବୁ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କିପରି କାର୍ଯ୍ୟକାରୀ ହେଉଛି ସେ ସବୁର ସମୀକ୍ଷା ପାଇଁ ଆଜି ୨୪-୩-୨୦୨୩ ସକାଳେ ଜିଲ୍ଲାସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜୁମ୍ ଜରିଆରେ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଜୈବ ବର୍ଜ୍ୟବସ୍ତୁ ପରିଚାଳନା ପରିଷଦ ବୈଠକ ସହିତ ବୈଠକର ଆବାହକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଅତିରିକ୍ତ ଏସ୍.ପି. ବିଜୟ ରଞ୍ଜନ କେର୍କେଟା, ଭଦ୍ରକ ପୌରପରିଷଦର ନର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସଂପୃକ୍ତ ଡ଼ାକ୍ତର ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟ ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଡ଼ି ହୋଇଥିଲେ । ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଖାଦ୍ୟ ନିରାପତ୍ତା, ଡ଼ାକ୍ତରଖାନାର ବର୍ଜ୍ୟବସ୍ତୁ ନିଷ୍କାସନର ସଠିକ ପରିଚାଳନା, ଏଡ଼୍‌ସ ନିୟନ୍ତ୍ରଣ, ଜାତୀୟ ଗୁଣବତ୍ତା ଆଧାରରେ କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟତା ହାସଲ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ, ସୁରକ୍ଷିତ ମାତୃତ୍ୱ, ପରିବାର ନିୟୋଜନ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯିବା ସହିତ କେତେକ କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏପ୍ରିଲ-୨୨ରୁ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତା ସ୍କ୍ୱାଡ୍ ଦ୍ୱାରା ଖାଦ୍ୟ ଗୁଣବତ୍ତା ଧାରା ୬୯ ଅବମାନନାର ଧରପଗଡ଼ରେ ୪୭ ଜଣଙ୍କ ଠାରୁ ସମୁଦାୟ ୫୧,୪୦୦ଟଙ୍କା ଆଦାୟ କରାଯାଇଛି । ଏଥିସହ ଲାଇସେନସ୍ ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ଆଦି ରୁ ଆଦାୟ ରାଜସ୍ୱ ବାବଦ ସମୁଦାୟ ୧୮,୬୩,୭୦୦ଟଙ୍କା ଜମା ଦିଆଯାଇଛି । ବର୍ଷ ମଧ୍ୟରେ ୩୭୦ଟି ଲାଇସେନସ୍ ୭୮୦ଟି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ନିୟମିତ ଭାବେ ୩୯ଟି ଓ ଧରପଗଡ଼ରେ ୯୪ଟି ନମୁନା ସଂଗ୍ରହ କରାଯାଇଛି । ସମୁଦାୟ ୧୮୦ଟି ଇନିସ୍‌ପେକସନ୍ ପରିଚାଳନା କରାଯାଇଛି । ସୂଚନାଯୋଗ୍ୟକି ବାର୍ଷିକ ୧୨ଲକ୍ଷରୁ ୨୦ କୋଟି ପର୍ଯ୍ୟନ୍ତ କାରବାର କରୁଥିବା ଖାଦ୍ୟ ବ୍ୟବସାୟୀମାନଙ୍କ ପାଇଁ ଲାଇସେନସ୍ ଓ ୧୨ ଲକ୍ଷରୁ କମ୍ ପାଇଁ ପଞ୍ଜିକରଣ ବ୍ୟାବସ୍ଥା ଅଛି । ଏହି ବ୍ୟବସ୍ଥା ନେଇ ସଂପୃକ୍ତ ବ୍ୟବସାୟୀମାନଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ୮ଟି ଶିବିର, ଖାଦ୍ୟ ନିରାପତ୍ତା ସଚେତନତା ପାଇଁ ଖାଦ୍ୟ ବ୍ୟବସାୟୀଙ୍କୁ ନେଇ ୫୦ଟି ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା । ଭଦ୍ରକରେ ୧୪ଟି ରେଷ୍ଟୁରାଣ୍ଟରେ ସ୍ୱାସ୍ଥ୍ୟପ୍ରଦ ପରିବେଶ ଥିବା ଓ ଇଟ୍ ରାଇଟ୍ ସ୍କୁଲ ଭାବେ ଜଓ୍ୱାହର ନବଦୋୟ ବିଦ୍ୟାଳୟ, ଭଦ୍ରକକୁ ସୂଚିତ କରାଯାଇଥିବା ନେଇ ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା । ସେହିପରି ଏଡ଼୍‌ସ୍ କାର୍ଯ୍ୟକ୍ରମର ଜିଲ୍ଲା ପ୍ରବନ୍ଧକ ଦେବବ୍ରତ ମହାପାତ୍ର ଏଡ଼୍‌ସ୍ ନିୟନ୍ତ୍ରଣ ନେଇ ଜିଲ୍ଲାରେ କାର୍ଯ୍ୟାନ୍ୱୟନ ଓ ସଫଳତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । ଗତବର୍ଷ ୩୮ ଜଣ ଏଚ୍.ଆଇ.ଭି. ପୀଡ଼ିତଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି । ଫେବୃୟାରୀ ୨୩ ପର୍ଯ୍ୟନ୍ତ ଏଡ଼୍‌ସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସମୁଦାୟ ୫,୯୬,୨୩୭ ଜଣଙ୍କୁ ପାରାମର୍ଶ ପ୍ରଦାନ ପୂର୍ବକ ସଚେତନ କରାଯାଇ ୫,୭୪,୦୮୦ ଜଣଙ୍କ ଠାରେ ଏଚ୍.ଆଇ.ଭି. ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୧୧୧୧ ଜଣ ଏଡ଼୍‌ସ୍ ପୀଡ଼ିତ ଚିହ୍ନଟ ହୋଇଛନ୍ତି ଓ ଚିହ୍ନଟଙ୍କ ମଧ୍ୟରୁ ୭୧୫ଜଣ ଚିକିତ୍ସିତ ହେଉଛନ୍ତି । ସେହିପରି ଏପ୍ରିଲ ୨୨ ରୁ ଜାନୁୟାରୀ ୨୩ ମଧ୍ୟରେ ସମୁଦାୟ ୧୮୦୪୨ ଜଣ ଗର୍ଭବତୀଙ୍କୁ ପରୀକ୍ଷା କରାଯାଇ ୨ ଜଣଙ୍କୁ ଏଡ଼୍‌ସ୍‌ଯୁକ୍ତ ଚିହ୍ନଟ କରାଯାଇଛି । ଏଡ଼୍‌ସ୍ ଯୁକ୍ତ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଓ ଚିକିତ୍ସା ଏବଂ ଏ ସମସ୍ୟାର ନିରାକରଣ ପାଇଁ ଗର୍ଭବତୀ ମାଆମାନଙ୍କ କ୍ଷେତ୍ରରେ ଅଧିକ ପରୀକ୍ଷାର ଆବଶ୍ୟକତା ଅଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏନ୍‌କ୍ୱାସ (ଗୁଣବତ୍ତା ନିର୍ଦ୍ଧାରଣ)ର ସହକାରୀ ପରିଚାଳକ ଅଭିଳାଷ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ କାୟାକଳ୍ପ ପୁରସ୍କାର ପାଇଁ ୨୦୨୨-୨୩ରେ ଜିଲ୍ଲାର ୧୩୫ଟି ଅନୁଷ୍ଠାନ ରାଜ୍ୟ ଏବଂ ଜିଲ୍ଲା ଟିମ୍ ଦ୍ୱାରା ଆସେସ୍‌ମେଣ୍ଟରେ ଯୋଗ୍ୟତା ହାସଲ କରିଛି । ସେଥି ମଧ୍ୟରେ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନା ସହିତ ୫ଟି ସିଏଚ୍‌ସି, ୩୬ଟି ପିଏଚ୍‌ସି, ୩ଟି ୟୁପିଏଚ୍‌ସି, ଏସ୍.ସି. ଏବଂ ଏଚ୍‌ଡ଼ବ୍ଲ୍ୟୁସି ୬୧ଟି ଏକସ୍‌ଟରନାଲ ଆସେସ୍‌ମେଣ୍ଟରେ ଯୋଗ୍ୟତା ଅର୍ଜନ କରିଛନ୍ତି । ପୁରସ୍କାର ଅପେକ୍ଷାରେ ରଖାଯାଇଛି । ସୁରକ୍ଷିତ ମାତୃତ୍ୱ ନେଇ ମାଗଣାରେ ଗର୍ଭବତୀ ମହିଳା ଓ ନବଜନ୍ମିତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଚିକିତ୍ସା ବ୍ୟବସ୍ଥା ଥିବା ସୁମନ ଯୋଜନା ସମ୍ବନ୍ଧରେ ମଧ୍ୟ ସୂଚନା ଦିଆଯାଇଥିଲା । ପରିବାର ନିୟନ୍ତ୍ରଣ ଯୋଜନାରେ ବିଫଳତା ପାଇଁ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ଦିଆଯିବା ସହିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ସୂଚନାଯୋଗ୍ୟ କି ପରିବାର ନିୟନ୍ତ୍ରଣ ଜନିତ ଜଟିଳତା ପାଇଁ ସର୍ବାଧିକ ୫୦,୦୦୦ ଅସ୍ତ୍ରୋପଚାର ବିଫଳତା ପାଇଁ ୬୦,୦୦୦, ଅସ୍ତ୍ରୋପଚାରରେ ମୃତ୍ୟୁ ପାଇଁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ର ବ୍ୟବସ୍ଥା ଅଛି । ସେହିପରି ସମସ୍ତ ଡ଼ାକ୍ତରଖାନାରୁ ବାହାରୁଥିବା ଜୈବ ବର୍ଜ୍ୟ ବସ୍ତୁର ପୃଥକୀକରଣ ପ୍ରଣାଳୀ ଏବଂ ଡ଼ମ୍ପିୟାର୍ଡ଼ ପର୍ଯ୍ୟନ୍ତ ସେବୁଡ଼ିକର ନିଷ୍କାସନ ବ୍ୟବସ୍ଥାର ସଠିକ୍ ପରିଚାଳନା ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନା ସହିତ ଜିଲ୍ଲାର ସମସ୍ତ ସି.ଏଚ୍.ସି.ମାନଙ୍କରେ ଏହି ଜୈବ ବର୍ଜ୍ୟ ବସ୍ତୁ ପରିଚାଳନା ବ୍ୟବସ୍ଥା ସଠିକ୍ ଭାବେ ଚାଲୁଥିବା ସୂଚନା ଦିଆଯାଇଥିଲା ଏବଂ ପି.ଏଚ୍.ସି.ମାନଙ୍କରେ ଏ ଦିଗରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା ଓ ଗଣ ଧାରଣା

କଟକ ସଦର, (ପିପିଏସ) : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ରର ବିଜେପି ସରକାରର ଚକ୍ରାନ୍ତ ତଥା ଆକ୍ରୋଶ ମନୋବୃତ୍ତି ପ୍ରତିବାଦରେ ଆଜି କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସଭାପତି ସୁରେଷ ମହାପାତ୍ରଙ୍କ ନେତୃତ୍ୱରେ କଲେଜଛକଠାରେ ଏକ ପ୍ରତିବାଦ ସଭା ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଶ୍ରୀ ଗାନ୍ଧୀ ଦେଶର ଗଣତନ୍ତ୍ର, ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ବଞ୍ଚାଇ ରଖିବା ପାଇଁ ଯେଉଁ ଉଦ୍ୟମ କରୁଛନ୍ତି ସେଥିପ୍ରତି ଭାରତ ବର୍ଷରେ ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ଓ ଗଣତନ୍ତ୍ର ପ୍ରେମୀ ଜନସାଧାରଣଙ୍କର ସମର୍ଥନ ରହିଛି । ଏହି କାର୍ଯ୍ୟରେ ଯେତେପ୍ରକାରର ବାଧା ବିଘ୍ନ ଆସିଲେ ମଧ୍ୟ ଓଡ଼ିଶାବାସୀ ସମସ୍ତେ ତାଙ୍କର ଏହି ଉଦ୍ୟମକୁ ସମର୍ଥନ କରୁଛନ୍ତି ବୋଲି ଜିଲ୍ଲା କଂଗ୍ରେସର ନେତୃବୃନ୍ଦମାନେ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପିସିସି ଅନୁସୂଚିତ ଜାତି ଅଧ୍ୟକ୍ଷ ବାଙ୍କନିଧି ବେହେରା, ନଗର କଂଗ୍ରେସ ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, କର୍ପୋରେଟର କେ. କାମେଶ୍ୱର ରାଓ, କଂଗ୍ରେସ ନେତା ବରଦା ସାହୁ, ନିର୍ମଳ ସ୍ୱାଇଁ, ଉତ୍ତମ ବେହେରା, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ବିପନ୍ନ ପଶାୟତ, ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ଏସ୍.କେ. ଜାଫର, ଶିବୁ ଭଗତ, ସେକ୍ ଆବିଦ୍, କଳ୍ପନା ସେନ୍ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଏହି ପ୍ରତିବାଦ ସଭା ଓ ଧାରଣାରେ ଅଂଶଗ୍ରହଣ କରିଥିଲେ ।

## କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କଲେ ପ୍ରକଳ୍ପ ଅଧିକାରୀ

କଟକ ସଦର, (ପିପିଏସ) : ସ୍ୱାସ୍ଥ୍ୟ ସେବାକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ୫-ଟି ଅଧିନରେ ଅନ୍ତଃଭୁକ୍ତ କରିଛନ୍ତି । ଏହି ଅବସରରେ ୪୨ ମୌଜାସ୍ଥିତ ବେଣ୍ଟକାରଠାରେ ଅବସ୍ଥିତ କଟକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଜି କଟକ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ ଶ୍ରୀ କର ମୁଖ୍ୟତଃ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ଲାଇନ୍‌କୁ ସ୍ଥାନାନ୍ତରିକରଣ କରିବା, ମେଡ଼ିକାଲ ପରିସରର ଖାଲୁଆ ସ୍ଥାନକୁ ମାଟି ପକାଇ ସମତୁଲ କରିବା, ସ୍ୱାସ୍ଥ୍ୟ କେନ୍ଦ୍ରର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଏବଂ ଉଚ୍ଚ ନିର୍ମିତ ପାଣି ଟାଙ୍କିର ତୁରନ୍ତ ମରାମତି କରିବା ପ୍ରଭୃତି ସମସ୍ୟାଗୁଡ଼ିକ ବିଷୟରେ ଡାକ୍ତରଖାନାର କର୍ତ୍ତୃପକ୍ଷ ଡାକ୍ତର ବସନ୍ତ କୁମାର ସାହୁ ଓ ଉପସ୍ଥିତ ପୂର୍ତ୍ତ ବିଭାଗ-୨, ଅଧିକ୍ଷଣ ଯନ୍ତ୍ରୀ ଇଂ. ଅନୁପ ବେହେରାଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ୍‌ର କାର୍ଯ୍ୟକାରୀ ଅଧିକ୍ଷା ଅମ୍ବିକା ପାତ୍ର, ସ୍ଥାନୀୟ ସରପଞ୍ଚ ଶିବ ଶଙ୍କର ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟା ଶସ୍ମିତା ମାର୍ଥା, ୪୨ ମୌଜା ଉନ୍ନୟନ ପରିଷଦ ସଭାପତି ଅନିଲ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଯନାର୍ଦ୍ଦନ ପତିଙ୍କ ସମେତ ବିଦ୍ୟୁତ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ ଜେଲ ଦଣ୍ଡ

ଭଦ୍ରକ, (ପିପିଏସ) : ଭଦ୍ରକର ଅତିରିକ୍ତ ଜିଲା ତଥା ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ ଏକ ବଧୂହତ୍ୟା ମାମଲାର ବିଚାର କରି ବାଂଶଡା ଥାନା ଅନ୍ତର୍ଗତ କେଶରପୁର ଗ୍ରାମର ରମାକାନ୍ତ ବାରିକଙ୍କ ପୁତ୍ର ଟୁଟୁ ଓରଫ କୈଳାସ ବାରିକ (୩୮) କୁ ଭାରତୀୟ ପିଙ୍ଗଳ କୋର୍ଡର ଦଫା ୩୦୨ ରେ ଆଜୀବନ ଜେଲ୍ ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ପୁଣି ୩ ମାସ ସଶ୍ରମ କାରାଦଣ୍ଡ, ୪୯୮ (କ) ରେ ୩ ବର୍ଷ ସଶ

### ଗାଁକୁ ନାହିଁ ରାସ୍ତା

# ପୁଣି ୨ କି.ମି ବୁହା ହେଲେ ଗର୍ଭବତୀ ମହିଳା

ପାରଳାଖେମୁଣ୍ଡି, (ପିପିଏସ୍): ରାଜ୍ୟ ସରକାର ଲୋକଙ୍କ ବିକାଶ ଓ ଉନ୍ନତି ପାଇଁ ବିଭିନ୍ନ ଭାବେ ବହୁ ପ୍ରଚାର ଚଳାଇ ଆସୁଛନ୍ତି । ପ୍ରଚାର ଓ ବାସ୍ତବତା ମଧ୍ୟରେ ବହୁ ପାର୍ଥକ୍ୟ ରହିଛି. ଗଜପତି ଜିଲ୍ଲାରେ ଏପରି ଅନେକ ଗ୍ରାମ ରହିଛି ଯେଉଁ ଗ୍ରାମ ଗୁଡିକୁ ପାଦ ଚଲା ରାସ୍ତା ବ୍ୟତୀତ ନିତିଦିନିଆ ରାସ୍ତା ନିର୍ମାଣ ହୋଇପାରିନାହିଁ । ସରକାରୀ ନିଷ୍କ୍ରିୟତା ଯୋଗୁଁ ରାସ୍ତା ନିର୍ମାଣ ହୋଇ ପାରି ନାହିଁ । ଯଦ୍ୱାରା ୧୦୮ ଆମ୍ବୁଲାନ୍ସ ଏଭଳି ଗ୍ରାମ ଗୁଡିକୁ ଯାଇ ପାରୁନଥିବା ଯୋଗୁଁ ବହୁ ସମୟରେ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗର୍ଭବତୀଙ୍କୁ ୨ କିମି ପର୍ଯ୍ୟନ୍ତ ଲୋକେ କାନ୍ଧରେ ବୋହି ନେଉଥିବା ଅନେକ ଦୃଷ୍ଟାନ୍ତ ରହିଆସିଛି । ତଥାପି ସରକାର ରାସ୍ତା ନିର୍ମାଣ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି । କେବଳ ଗର୍ଭବତୀ ମହିଳା ନୁହଁନ୍ତି ଅନେକ ସମୟରେ ଜରୁରୀକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ଗ୍ରାମବାସୀମାନେ କାନ୍ଧରେ ବୋହି ନେବାକୁ ବାଧ୍ୟ ହେଉଛନ୍ତି । ଏଭଳି ଏକ ଘଟଣା ପୁଣି ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ କଳବାଡ଼ି ପଞ୍ଚାୟତ ଅଧୀନ ଦୁର୍ଗମ ଯେଗେରେସିଂ ଗ୍ରାମରେ । ସୂଚନା ପ୍ରକାରେ ଚନ୍ଦ୍ରଗିରି ପଞ୍ଚାୟତ କଙ୍କୋରଡା ଗ୍ରାମର ମୁନା ଶବରଙ୍କ ସ୍ତ୍ରୀ ସୁନିତା ଶବର ନିଜ ମାମୁଁ ଘର ଗାଁ ଯେଗେରେସିଂକୁ ଆସିଥିଲେ । ହଟାତ ସୁନିତାଙ୍କୁ ପ୍ରସବ ବେଦନା ହେବାରୁ ଗାଁ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ. ଆମ୍ବୁଲାନ୍ସ ଆସିଥିଲା କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଗ୍ରାମରେ ପହଞ୍ଚି ନ ପାରି ରାକେଶପଙ୍କା ଗ୍ରାମରେ ଅଟକି ଯାଇଥିଲା । ପାହାଡିଆ ମାଟି ପଥର ରାସ୍ତାରେ ଆମ୍ବୁଲାନ୍ସ ଆଗକୁ ଯାଇ ପାରିନଥିଲା । ଫଳରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଚାଳକ ସନ୍ତୋଷ ନାୟକ, ହେଲପର ସୁରେନ୍ଦ୍ର ସେଠୀ ଓ ଫାର୍ମାଶିଷ୍ଟ ରବି ନାରାୟଣ ବେହେରା ମିଳିତ ଭାବେ ୨ କିମି ପାହାଡିଆ କାଦର୍ଯ୍ୟ ରାସ୍ତା ଚଢି ଗ୍ରାମରେ ପହଞ୍ଚିବା ସହ ଷ୍ଟ୍ରେଚରକୁ ଭାର କରି ସୁନିତାଙ୍କୁ ବୋହି ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ. ପରେ ଗର୍ଭବତୀଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ସୁନିତା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ଉଭୟ ମା ଓ ଶିଶୁ କନ୍ୟା ସୁସ୍ଥ ଅଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

# ବିଭିନ୍ନ ସମସ୍ୟା ନେଇ ସିପିଆଇଏମ୍‌ଏଲ ଲିବରେସନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ରାୟଗଡ (ପିପିଏସ୍): ରାୟଗଡା ଜିଲ୍ଲା ରାମନାଗୁଡାରେ ସିପିଆଇଏମଏଲ ଲିବରେସନ ରାମନାଗୁଡା ବ୍ଲକ କମିଟି ପକ୍ଷରୁ ଭଗତ ସିଂ, ରାଜଗୁରୁ, ସୁକଦେବଙ୍କ ୬୯ ବର୍ଷ ଶ୍ରଦ୍ଧାଳି ଦିବସ ଅବସରରେ ଖିଲାପଦର ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ରାମନାଗୁଡା ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା । ଗୁଣପୁର ଉପଖଣ୍ଡକୁ ଜିଲ୍ଲା ଘୋଷଣା କରିବା, ଗୁଲୁଣ୍ଡି ପଞ୍ଚାୟତର ତାମିଲ ଗୁଡା ଗାଁର ଆଦିବାସୀମାନେ ଆଜିକୁ ୫୦ ବର୍ଷ ଧରି ଭୋଗ ଦଖଲ କରି ଆସୁଥିବା ୧୦ ଏକର ଜମିକୁ ଆଦିବାସୀମାନଙ୍କ ମଧ୍ୟରେ ଜମିର ପଟା ଅତିଶୀଘ୍ର ଯୋଗାଇବା, ରାମନାଗୁଡା ବ୍ଲକ ନିକଟ ତାମିଲିଗୁଡା ନାଳରେ ଝୁଲା ବ୍ରିଜ ଏବଂ ଲହରୀ ଗାଡା ନାଳକୁ ଜଳପ୍ରକଳ୍ପ କରି ଚାଷୀଙ୍କୁ ଜଳସେଚନ ବ୍ୟବସ୍ଥା ଗ୍ରହଣ କରିବା, ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୋଗୁପାଡୁ ପଞ୍ଚାୟତର ଲାଉଗୁଡ଼ା ଅଞ୍ଚଳ ଭିତରେ ଆନ୍ଧ୍ରପ୍ରଦେଶ କିଛି ଲୋକ ଓଡିଶା ପରିସିମାରେ ରହିଥିବା ଜମି ହଡପ କରିଛନ୍ତି ଏହାକୁ ବାହାର କରି ଲାଉଗୁଡ଼ା ଗାଁର ଆଦିବାସୀମାନଙ୍କ ମଧ୍ୟରେ ପଟା ବଣ୍ଟନ କରିବା, ରାମନାଗୁଡା ବ୍ଲକ ଗୋଗୁପାଡୁ ପଞ୍ଚାୟତର କାଟିକି, ପାଲିକିଡାଙ୍ଗ, ଆଚବା ଓ ଅନାନ୍ୟ ପଞ୍ଚାୟତରେ ଆନ୍ଧ୍ର ଜମିଦାରମାନେ ଆଦିବାସୀମାନଙ୍କ ଭୋଗ ଦଖଲ କରିଥିବା ୨୦୦ ଏକର ଜମିକୁ ବେଆଇନ ରେଜେଷ୍ଟ୍ରି କରି ହଡପ କରିବା ଉକ୍ତ ଜମିକୁ କ୍ରାଇମବ୍ରାଞ୍ଚ ତଦନ୍ତ କରି ଉକ୍ତ ଜମି ଆଦିବାସୀମାନଙ୍କ ମଧ୍ୟରେ ବଣ୍ଟନ କରିବା, ଗ୍ରାମୀଣ କ୍ଷେତ ମୁଲିଆମାନଙ୍କୁ ମନରେଗାରେ କାମ ବର୍ଷକୁ ୨୦୦ ଦିନ କାମ ଦୈନିକ ୬୦୦ ଟକା ମଜୁରୀ ଯୋଗାଇବା, ରେସନ୍ କାର୍ଡ ଧାରିଣଂ ଖାଦ୍ୟ ସୁରକ୍ଷା ଆଇନରେ ୫୦ କେଜି ଚାଉଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇ ଦେବା, ଗୋଗୁପାଡୁ ପଞ୍ଚାୟତର କେରାଣ୍ଡି ଗୁଡାଠାରେ ଭାଙ୍ଗି ଯାଇଥିବା ବ୍ରିଜକୁ ଅତି ଶୀଘ୍ର ମରାମତି କରିବା, ରାମନାଗୁଡା ବ୍ଲକରେ ଜବକାର୍ଡ ଧାରିମାନଙ୍କ ଖାତାକୁ ଠିକାଦାର ମାନେ ପୋଷ୍ଟାଲ ଓ ଅନାନ୍ୟ ବ୍ୟାଙ୍କ ଗୁପ୍ତ ଖାତା କରି ଟଙ୍କା ଠକୁଛନ୍ତି । ଏହା ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଗ୍ରାମସଭାକୁ ଅକାମୀ କରିଦେବାକୁ ହେଉଥିବା ଚକ୍ରାନ୍ତକୁ ବନ୍ଦ କରିବା ସହ ୨୦୨୦ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରତ୍ୟାହାର କରିବା, ୨୦୨୨ ମସିହାର ବିଦ୍ୟୁତ ଆଇନକୁ ରଦ୍ଦ କରିବା ସହ ଦରଦାମ ବୃଦ୍ଧି ରଦ୍ଦ କରିବା, ରାମନାଗୁଡା ତହସିଲ ଏରିଆର ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ଦ୍ୱାରା ଆଦିବାସୀମାନଙ୍କ ଦଖଲ ଥିବା ଜମିକୁ ଚିହ୍ନଟ କରିବା ପାଇଁ ମାସିକ ୧୫ ଦିନ ସର୍ଭେ କରାଯାଉ । ୧୩ - ସୌରା ଭାଷା ଓ ଲିପିକୁ ସମ୍ବିଧାନି ଅଧିକାର ଦେବା, ରାମନାଗୁଡା ବ୍ଲକରେ ଆଦିବାସୀମାନଙ୍କ ପାଇଁ ଟିଡିସିସି କେନ୍ଦ୍ର ଖୋଲି ଜଙ୍ଗଲଜାତ ଦ୍ରବ୍ୟ ମହୁଲ, ତେନ୍ତୁଳି, ଝୁଣା - ଛାଞ୍ଚୁଣି କିଣିବା ବ୍ୟବସ୍ଥା କରିବା, ରାମନାଗୁଡା ରେ ବସଷ୍ଟାଣ୍ଡ ସମ୍ପୂର୍ଣ୍ଣ କରିବା ସହ ଶୌଚାଳୟ ତିଆରି କରିବା ଆଦି ୧୮ଟି ଦାବି ସମ୍ପର୍କିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ରାମନାଗୁଡା ତହସିଲଦାର ନିର୍ମଳ ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଥିଲା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପସ୍ଥିତ ଥିବାରୁ ତାଙ୍କ ବଦଳରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରିଥିବା ବେଳେ ତହସିଲଦାରଙ୍କ ସହିତ ସିପିଆଇ ଏମଏଲ ଲିବରେସନର କେନ୍ଦ୍ରୀୟ କମିଟି ସଦସ୍ୟ ତ୍ରିପତି ଗମାଙ୍ଗ ଏବଂ ତାଙ୍କ ସହଯୋଗୀମାନେ ରାମନାଗୁଡା ବ୍ଲକର ଆନ୍ଧ୍ର ଓଡ଼ିଶା ସୀମାନ୍ତ ଲାଉଗୁଡ଼ାଠାରେ ଗତ କିଛି ଦିନ ତଳେ ଆନ୍ଧ୍ରପ୍ରଦେଶ ସରକାର ମନରେଗା ରେ ପୋଖରୀ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ସମୟରେ ବନ୍ଦ କରିବା ଓ ଜଙ୍ଗଲଜମି, ଘର ଢିହପଟ୍ଟା, ଆଦିବାସୀଙ୍କ ଜମିକୁ ଅଣଆଦିବାସୀ ଲିଜ ଆକାରରେ ନେଇ ଜମି ଅତିଆର କରିବା ଭଳି ବିଷୟରେ ଆଲୋଚନା କରିଥିଲେ । ସିପିଆଇ ଏମଏଲ ଲିବରେସନର ଦାବି ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜମି ସମ୍ପର୍କିତ ମାମଲା ଖୁବଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବରପାଲିପଡାରେ ୨୪ ପ୍ରହରୀ ନାମଯଜ୍ଞର ଶୁଭାରମ୍ଭ

ବଲାଙ୍ଗିର, (ପିପିଏସ୍): ବରପାଲିପଡା ଛକ ଠାରେ ୨୪ ପ୍ରହରୀ ନାମଯଜ୍ଞ ଆଜି ଶୁଭାରମ୍ଭ ହୋଇଯାଇଛି । ସନ୍ଧ୍ୟା ଘ.୬ ଘଟିକା ସମୟରେ ପ୍ରହରୀ ମଣ୍ଡପରୁ ବରପାଲିପଡାର ଶତାଧିକ ମହିଳା, ପୁରୁଷ ଓ ଯୁବବର୍ଗ ବାହାରି ନୃସିଂହ ମନ୍ଦିର କୁ କଳସ ଯାତ୍ରା କରିଥିଲେ । ନାଚ, ଗୀତ, ବାଦ୍ୟ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୬ ତାରିଖ ତିନି ଦିନ ଧରି ଏହି ପ୍ରହରୀ ଅନୁଷ୍ଠିତ ହେବ ଓ ଏଥିରେ ୩୩ଟି କିର୍ତ୍ତନ୍ୟ ଦଳ ଭାଗ ନେଉଥିବା ସୂଚନା ଦିଆଯାଇଛି । ଏହି ଅବସରରେ ମହିଳା କିର୍ତ୍ତନ ଦଳ ଏବଂ ମୀନାବଜାର ମୁଖ୍ୟ ଆକର୍ଷଣ ରହିବ ବୋଲି କମଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ମୁଖ୍ୟକର୍ତ୍ତା ଭାବେ କବିରାଜ ହୋତା ତଥା ମନପ୍ରସାଦ ମିଶ୍ର ଓ ଦେବରାଜ ପଟ୍ଟନାୟକ କାର୍ଯ୍ୟ ତୁଲାଇଛନ୍ତି । ବରପାଲିପଡା ପ୍ରହରୀ କମିଟି (ୱାର୍ଡ ନଂ.୬) ସଭାପତି ବିଘ୍ନରାଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଦେବରାଜ ସ୍ୱାଇଁ, ପପୁ ସାହୁ, ଲିଙ୍ଗରାଜ ପଟ୍ଟନାୟକ, ରୁପେଶ ପ୍ରଧାନ, ବାହନ ପ୍ରଧାନ, ବନପ୍ରସାଦ ମିଶ୍ର, ବିକାଶ ମିଶ୍ର, ସନ୍ତୋଷ ଗୁରୁ ଓ କରାଟେ କୋଚ ଅସୀମ ଭୋଇ ସହଯୋଗ କରିଛନ୍ତି । ବିଗତ ୧୨ ବର୍ଷ ପରେ ବରପାଲିପଡାରେ ପ୍ରହରୀ ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଉତ୍ସୁକତା ଦେଖାଦେଇଛି ।

### ବଜ୍ରକାପ୍ତା ଡିଲ୍ ବେଳେ ମାଡିବସିଲା ଏସ୍‌ଟିଏଫ୍

# ୨ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ

ବୌଦ୍ଧ, (ହି.ସ.): ବଜ୍ରକାପ୍ତା ବିକ୍ରି ଉଦ୍ୟମ ବେଳେ ବୌଦ୍ଧ ଜିଲା ଜାମୁଖୋଲ ଗ୍ରାମର ଦୁଇ ଶିକାରୀଙ୍କୁ ଗିରଫ କରିଛି ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ । ବଜ୍ରକାପ୍ତା ଡିଲ ବେଳେ ମାଡି ବସିଲା ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ । ବୌଦ୍ଧ ୫୭ ନମ୍ବର ଜାତୀୟ ରାଜପଥ ପଲାଶ ନିକଟରେ ଚାଲିଥିଲା ବଜ୍ରକାପ୍ତା ବିକ୍ରି ଉଦ୍ୟମ । ଖବର ପାଇ ବନବିଭାଗ ଓ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ପକ୍ଷରୁ କରାଯାଇଥିଲା ମିଳିତ ଚଢ଼ଉ । ମିଳିଥିବା ସୂଚନା ପ୍ରକାରେ, ଜବତ ହୋଇଥିବା ଦୁଇଟି ବଜ୍ରକାପ୍ତା ମଧ୍ୟରୁ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ବଜ୍ରକାପ୍ତା ରହିଛି । ୧୩ ଓ ୧୦ କେଜି ଓଜନର ଏହି ଦୁଇଟି ବଜ୍ରକାପ୍ତା ଉଦ୍ଧାର କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ଦୁଇ ଶିକାରୀଙ୍କୁ ଗିରଫ କରାଯାଇଛି । ଶିକାରି ଦୁଇ ଜଣ ହେଲେ ବଘିଆପଡା ଫାଣ୍ଡି ଅନ୍ତର୍ଗତ ଜାମୁଖୋଲ ଗ୍ରାମର ଉତ୍ସବ କହଁର ଓ ପ୍ରଶାନ୍ତ ବେହେରା ବୋଲି ସ୍ପେଶାଲ ଟାସ୍କ ଫୋର୍ସ ସୂଚନା ଦେଇଛି । ଦୁଇ ଜଣ ଶିକାରୀଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ । ଅନ୍ୟପଟେ ଦୁଇ ବଜ୍ରକାପ୍ତା ସୁରକ୍ଷିତ ଅଛନ୍ତି ତାଙ୍କୁ ଜଙ୍ଗଲରେ ଛଡାଯିବ ବୋଲି ବୌଦ୍ଧ ଡିଏଫଓ ସୂଚନା ଦେଇଛନ୍ତି । ସୂଚନା ଥାଉକି, ଗତ ରବିବାର ବୌଦ୍ଧ ହରଭଙ୍ଗାରୁ ଗୋଟିଏ ବାଘ ଛାଲ ଓ ୨ଟି ହରିଣ ଛାଲ ଜବତ କରିବା ସହ ଜଣକୁ ଗିରଫ କରିଥିଲା ଏସଟିଏଫ । ଏହା ପୂର୍ବରୁ ଦୁଇ ଥର ବୌଦ୍ଧ ଜିଲାରୁ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯିବା ସହ ସମ୍ପୃକ୍ତ ଶିକାରୀମାନଙ୍କୁ ଗିରଫ କରିଥିଲା ପୋଲିସର ସ୍ପେଶାଲ ଟାସ୍କଫୋର୍ସ । ତେବେ ଜିଲ୍ଲାରେ ବନ୍ୟଜନ୍ତୁ ଶିକାରର ଏକ ବିରାଟ ରାକେଟ କାମ କରୁଥିବା ନେଇ ଜୋର ଚର୍ଚ୍ଚା ହେଉଛି ।

# ଉଦ୍ୟାନ ବିଭାଗ ପକ୍ଷରୁ ଛତୁଚାଷ ପ୍ରଶିକ୍ଷଣ ପ୍ରଦାନ

ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ ବିଭାଗ ପକ୍ଷରୁ ୩୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ଦିନିକିଆ ଛତୁ ଚାଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।ରାଜ୍ୟ ଛତୁ ମିଶନ ଯୋଜନାରେ ମହିଳାମାନଙ୍କୁ ସଶକ୍ତିକରଣ କରିବା ନେଇ ଛତୁ ମିଶନ ଗଜପତି ଜିଲ୍ଲାରେ ଆରମ୍ଭ କରାଯାଇଛି । ଏହି ପ୍ରଶିକ୍ଷଣରେ ଗୁମ୍ମା ବ୍ଲକ, ଗୋଶାଣୀ ବ୍ଲକ, ରାୟଗଡ ବ୍ଲକ, କାଶୀ ନଗର ବ୍ଲକର ୩୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ ରଶ୍ମିରଞ୍ଜନ ସେଠୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶ, ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ, ଡଖଗ ର ଉଚଗ ପ୍ରିୟମ୍ବଦା ବିଷୋୟୀ, କୃଷି ବୈଜ୍ଞାନିକ କେନ୍ଦ୍ରର ବୈଜ୍ଞାନିକ ସଂଗ୍ରାମ କେଶରୀ ପରମ ଗୁରୁ,ସହକାରୀ ଉପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଛତୁ ଚାଷ ବିଷୟରେ ବୁଝାଇ ଥିଲେ ।ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ପ୍ରଶିକ୍ଷଣ ନେବା ପରେ ସ୍ୱାବଲମ୍ବୀ ହୋଇ ପାରିବେ ଓ ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ହୋଇ ପାରିବ ସେମାନେ ସମାଜର ମୁଖ୍ୟ ସ୍ରୋତରେ ପହଞ୍ଚି ପାରିବେ ।ଏହି ଭଳି ରାଜ୍ୟ ସରକାରଙ୍କ ଯୋଜନାକୁ ଭୁୟସ ପ୍ରଶଂସା କରାଯାଇଛି ।ଏହି ସମସ୍ତ କାର୍ଯ୍ୟକ୍ରମକୁ ଗୋଶାଣୀର ସହକାରୀ ଉଦ୍ୟାନ ଅଧିକାରୀ ପରିଚାଳନାରେ ସହଯୋଗ କରିଥିଲେ ।

### ରାୟଗଡା ପରିବହନ ବିଭାଗ ପକ୍ଷରୁ ମଦ୍ୟପ ଚାଳକଙ୍କୁ ଯାଞ୍ଚ୍

# ଗୋଟିଏ ମ୍ୟାକ୍ସ ପିକଅପ୍ ସମେତ ଚାରି ବାଇକ ଜବତ

ରାୟଗଡ (ପିପିଏସ୍): ରାୟଗଡା ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ରାମନାଗୁଡା ବ୍ଲକ ଅନ୍ତର୍ଗତ ପାରୀକ୍ଷିତି ନିକଟ ୩୨୬ ନମ୍ବର ଜାତୀୟ ରାଜପଥରେ ରାୟଗଡା ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀ, ଟ୍ରାଫିକ ନିରୀକ୍ଷକ ଝସ କେତନ ଭରା ସଗରିଆଙ୍କ ନେତୃତ୍ୱରେ ସଦଳବଳେ ଉପସ୍ଥିତ ରହି ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକମାନଙ୍କଠାରୁ ଫାଇନ ଆଦାୟ କରିବା ସହ ଉକ୍ତ ଗାଡି ଗୁଡିକ ଜବତ କରାଯାଇଥିଲା । ଯାତ୍ରା କରିବା ସମୟରେ ମଦ୍ୟପାନ କରି ଗାଡି ଚାଳନା କରି ଦୁର୍ଘଟଣା ଘଟାଉ ଥିବାରୁ ଦୁର୍ଘଟଣା ନିୟନ୍ତ୍ରଣ କରିବା ଲକ୍ଷ ନେଇ ରାୟଗଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ରାୟଗଡା ପରିବହନ ବିଭାଗ ତରଫରୁ କଡାକଡି ଭାବେ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଗୋଟିଏ ମ୍ୟାକ୍ସ ପିକଅପ ସମେତ ୪ ଟି ବାଇକକୁ ଜବତ କରାଯାଇଥିବା ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀ କହିଛନ୍ତି ।

# ମହାସିଂରେ ଗଞ୍ଜେଇ ଚାଷ ଓ ଚାଲାଣ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, (ହି.ସ.): କନ୍ଧମାଳ ଜିଲାରେ ଦିନକୁଦିନ ବେଆଇନ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ବଢିଚାଲିଥିବାରୁ ଏହାକୁ ରୋକିବା ପାଇଁ ଜିଲ୍ଲା ଅବକାରୀ ବିଭାଗ ସହଯୋଗରେ ଅଗ୍ରଣୀ କଳା ଓ ସଂସ୍କୃତି ଅନୁଷ୍ଠାନ ବନାନୀ କଳାସଙ୍ଗମ ପକ୍ଷରୁ କ.ନୂଆଗାଁ ବ୍ଲକ ଅନ୍ତର୍ଗତ ମହାସିଙ୍ଗ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଂଯୋଜକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସରପଂଚ ରଞ୍ଜିତ ମଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ ନାଏବ ସରପଂଚ, ସାରଥୀ ବେହେରାଦଳେଇ, ଆଇନଜୀବୀ ସମାଜସେବୀ ତଥା କାର୍ଯ୍ୟକାରୀ ସଭାପତି ପ୍ରେସ କ୍ଲବ ଅଶୋକ ପରିଡା, ଅବକାରୀ ବିଭାଗ ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ସବ ଇନିସପେକ୍ଟର ସୁମିତ୍ରା ଦଳେଇ, ପଂଚାୟତ ନିର୍ବାହୀ ଅଧିକାରୀ କେଶବ କାମ୍ପ, ବାଲିଗୁଡା ଥାନା ସବ ଇନିସପେକ୍ଟର ପ୍ରମୋଦ ଜେନା, ମନୋଜ ବେହେରା, କୁଡୁଟୁଳି ସରପଂଚ ଶ୍ରୀଚନ୍ଦ୍ର ମଲିକ, ଶିବରାମ ନାୟକ ପ୍ରମୁଖ ଯୋଗଦେଇ ଆଜିର ଯୁବ ସମାଜ ପଥଭ୍ରଷ୍ଟ ହୋଇ ରାତାରାତି ଧନୀ ହେବାର ସୁନେଲି ସ୍ୱପ୍ନ ଦେଖି ଦଲାଲ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବେଆଇନ ଗଞ୍ଜେଇ କାରବାର କରି ଶେଷରେ ଧରା ପଡୁଛନ୍ତି, ଆଉ ପରିବାର ଲୋକେ କୋର୍ଟ କଚେରୀ ଦଉଡି ନିଜର ଥିବା ଜମିବାଡ଼ି ବିକି ସର୍ବସ୍ୱାନ୍ତ ହେଉଛନ୍ତି ଯାହାକି ଦୁଃଖ ଦାୟକ ବୋଲି କହିବାସହ ଏଥିରୁ ନିବୃତ ହୋଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ସାମିଲହେବା ଲାଗି ପରାମର୍ଶ ଦେଇଥିଲେ । ଏହାପରେ ବରିଷ୍ଠ ଆଇନଜୀବୀ ତଥା ନାଟ୍ୟକାର ବିଜୟ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ' ନୀଳ ଜହର' ପ୍ରଦର୍ଶିତ ହୋଇଥିଲା । ସାମ୍ବାଦିକ ତଥା କଳାକାର ସଂଘ ଉପସଭାପତି ପ୍ରମୋଦ ଦଣ୍ଡସେନାଙ୍କ ନେତୃତ୍ୱରେ ନିଳ ଜହର ପ୍ରଦର୍ଶିତ ହୋଇଥିଲା ।ପଂଚାୟତର ଲୋକ ପ୍ରତିନିଧିଙ୍କ ସମେତ ଏସଏଚଜି ମହିଳା, ସ୍ୱେଚ୍ଛାସେବୀ, ସ୍ଥାନୀୟ ଜନସାଧାରଣ ବହୁସଂଖ୍ୟାରେ ଏଥିରେ ଯୋଗଦେ

*ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

**(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଗତିତନ୍ତ୍ର

ତା ୨୫।୩।୨୦୨୩ ■ ଶନିବାର

## ସପ୍ତାହାନ୍ତ ବିଚାର

# ଛାତିଏ ପାଣିରେ ହେଲାଣି ବିପକ୍ଷ, ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ନିଜ ନିଜର ପ୍ରତିଷ୍ଠା ଓ ପ୍ରଭାବ ଲାଗି ଲଢୁଥିବା ଅଣ-ଭାଜପା ଦଳଗୁଡ଼ିକ ମଧ୍ୟରେ ଦମ୍ଭ ଟିକେ ଅଧିକ ଆବଶ୍ୟକ ଥିବାବେଳେ ବିପକ୍ଷ ଦଳମାନଙ୍କ ମଧ୍ୟରେ ଏକତାର ଋତୁ ଆସିଯାଇଥିବା ଭଳି ଲାଗୁଛି । ବିଭିନ୍ନ ଦଳର ନେତା ଅନ୍ୟ ଦଳର ନେତାଙ୍କୁ କୌଣସି ବାହାନାରେ ଭେଟୁଛନ୍ତି । କିନ୍ତୁ ଏକଜୁଟ ହେବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ । ଇଏ ପୁଣି ଘଟୁଛି ଯେତେବେଳେ ନିର୍ବାଚନ ଆଉ ମାତ୍ର ମାସ କେଇଟାରେ ହେବାକୁ ଯାଉଛି । ୨୦୧୯ର ନିର୍ବାଚନ ପରିଣାମକୁ ଯଦି ବିଚାରକୁ ନିଆଯାଏ ତେବେ କଂଗ୍ରେସ ୪୨୧ ଆସନରେ ପ୍ରାର୍ଥୀ ଛିଡ଼ା କରାଇ ୫୨ଟି ସିଟରେ ବିଜୟ ହାସଲ କରିଥିଲା, କିନ୍ତୁ ୨୧୦ଟି ଆସନରେ ତା'ର ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଥିଲେ ଓ ୧୪୮ଟି ଆସନରେ ତାହାର ପ୍ରାର୍ଥୀ ଅମାନତ ରକ୍ଷା କରିପାରିଲେ ନାହିଁ । ଯଦି ଏଥିରେ କଂଗ୍ରେସ ବନାମ ଭାଜପା ମଧ୍ୟରେ ସିଧା ପ୍ରତିଦ୍ୱନ୍ଦ୍ୱିତାର କଥା ବିଚାରକୁ ନିଆଯାଏ, ତେବେ କଂଗ୍ରେସ ସାଂଘାତିକ ଭାବେ ବିଫଳ ହୋଇଥିଲା । ଯେଉଁ ୧୯୨ ଆସନରେ ସିଧା ପ୍ରତିଦ୍ୱନ୍ଦିତା ହୋଇଥିଲା, ସେଠି କେବଳ ୧୬ଟି ଆସନରେ କଂଗ୍ରେସ ବିଜୟ ହାସଲ କରିପାରିଲା, ୧୭୬ଟି ଆସନରେ ଭାଜପା ଜିତିଥିଲା । ତେବେ ଏହାର ଆଉ ଏକ ପକ୍ଷ ମଧ୍ୟ ଅଛି ଯାହାକି ଚିତ୍ରକୁ ଅଧିକ ସ୍ପଷ୍ଟ କରିବ । ୨୦୧୯ରେ ଭାଜପା ୩୦୩ଟି ଆସନ ହାସଲ କଲା, କିନ୍ତୁ ତାହାକୁ ୩୭ ପ୍ରତିଶତ ଭୋଟ ମିଳିଥିଲା, ଅର୍ଥାତ୍ ସେ ନିର୍ବାଚନରେ ଅଣ-ଭାଜପା ଦଳମାନଙ୍କୁ ୬୩ ପ୍ରତିଶତ ଭୋଟ ମିଳିଥିଲା ।

କଂଗ୍ରେସ ଯେଉଁ ଆସନ ଗୁଡ଼ିକରେ ଜିତିଛି, ତା' ମଧ୍ୟରୁ ଏପରି କେତେକ ଦଳମାନଙ୍କୁ ତାହା ପରାଜିତ କରିଥିଲା ଯେଉଁମାନଙ୍କ ସହ ଏବେ ମେଣ୍ଟ କରିବା କଥା ଚାଲିଛି । ସବୁଠାରୁ ଅଧିକ କମ୍ୟୁନିଷ୍ଟ ସାମ୍ମୁଖ୍ୟର ୨୧୩ ଜଣ ପ୍ରାର୍ଥୀ ତେଲେଙ୍ଗାନା ରାଷ୍ଟ୍ର ସମିତି (ଏବେ ଭାରତ ରାଷ୍ଟ୍ର ସମିତି)ର ତିନିଜଣ ପ୍ରାର୍ଥୀ ଓ ଜେଡି(ୟୁ)ର ଗୋଟିଏ ଆସନରେ କଂଗ୍ରେସକୁ ଜିତାପଟ ମିଳିଥିଲା । ଏହାଛଡ଼ା ଯେଉଁଠି କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲା, ତହିଁରୁ ବିଆରଏସର ଆଠ, ଶିବସେନାର ସାତ ଓ ଜେଡି(ୟୁ)ର ପାଞ୍ଚଟି ଆସନରେ ତାହା ହାରିଛି । ୨୦୧୯ରେ ଅଣ-ଏନଡିଏ ଦଳମାନଙ୍କର ପ୍ରଦର୍ଶନ ଯଦି ଦେଖାଯାଏ, ତେବେ ୟୁପିଏର ସବୁଠାରୁ ବଡ଼ ପାର୍ଟି କଂଗ୍ରେସକୁ ୧୯.୪୯ ପ୍ରତିଶତ ଭୋଟ ଓ ୫୨ଟି ଆସନ ମିଳିଥିଲା । ଡିଏମକେ ୨.୩୪ ପ୍ରତିଶତ ଭୋଟ ସହ ୨୪ଟି ଆସନ ହାସଲ କରିଥିଲା । ଶିବସେନାକୁ ଭୋଟ ମିଳିଥିଲା ୨.୦୯ ପ୍ରତିଶତ ଓ ସିଟ ମିଳିଲା ୧୮, ଜେଡି(ୟୁ)କୁ ୧.୪୫ ପ୍ରତିଶତ ଭୋଟ ସହ ୧୬ଟି ଆସନ ମିଳିଥିବା ବେଳେ ଏନସିପିକୁ ୧.୩୯ ଭୋଟ ପ୍ରତିଶତ ମିଳିଥିଲା କିନ୍ତୁ ଆସନ ମିଳିଲା ମାତ୍ର ୫ଟି । ଅନ୍ୟ କ୍ଷୁଦ୍ର ଦଳମାନଙ୍କୁ ଯୋଡ଼ିକରି ୟୁପିଏ ପାଖରେ ୩୦ ପ୍ରତିଶତ ଭୋଟ ଓ ୧୧୦ ଆସନ ଥିଲା ।

ଏବେ ଅଣ-ଭାଜପା ଓ ଅଣ-କଂଗ୍ରେସ କଥା କହୁଥିବା ଦଳ ଯଥା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ ୪.୦୬ ପ୍ରତିଶତ ଭୋଟ ସହ ୨୨ଟି ଆସନ ମିଳିଥିବା ବେଳେ ୱାଇଏସଆର କଂଗ୍ରେସକୁ ୨.୫୩ ପ୍ରତିଶତ ଭୋଟରେ ୨୨ଟି ଆସନ ମଧ୍ୟ ମିଳିଛି । ବିଜେଡ଼ିକୁ ୧.୬୬ ପ୍ରତିଶତ ଭୋଟରେ ୧୨ଟି ଆସନ ମିଳିଛି । ଉତ୍ତର ପ୍ରଦେଶରେ ବିଏସପି ୩.୬୨ ପ୍ରତିଶତ ଭୋଟରେ ୧୦ଟି ଆସନ ଓ ସମାଜବାଦୀ ପାର୍ଟିକୁ ୨.୫୫ ପ୍ରତିଶତ ଭୋଟରେ ପାଞ୍ଚଟି ଆସନ ମିଳିଛି । ସେଠି ତେଲେଙ୍ଗାନାରେ ବିଆରଏସକୁ ୧.୨୫ ପ୍ରତିଶତ ଭୋଟ ଓ ୯ଟି ଆସନ ମିଳିଛି । କମ୍ୟୁନିଷ୍ଟକୁ ୨.୭୩ ପ୍ରତିଶତ ଭୋଟ ସହ ୩ଟି ଆସନ ଓ ତେଲୁଗୁଦେଶମକୁ .୦୪ ପ୍ରତିଶତ ଭୋଟ ସହ ୩ଟି ଆସନ ମିଳିଛି । ଏଆଇଏମ୍‌ଆଇଏସକୁ ଭୋଟ ମିଳିଛି ୦.୨ ପ୍ରତିଶତ କିନ୍ତୁ ଦୁଇଟି ଆସନରେ ବିଜୟୀ ହୋଇଥିବା ବେଳେ, ଆମ ଆଦମୀ ପାର୍ଟି ୦.୪୪ ପ୍ରତିଶତ ଭୋଟ ପାଇ ମାତ୍ର ଗୋଟିଏ ଆସନରେ ଜିତିପାରିଥିଲା ।

ଏ ବିବରଣୀର ଅନ୍ୟ ଏକ ପକ୍ଷ ବି ଅଛି । ଏକଲା କୌଣସି ବି ରାଜନୈତିକ ଦଳକୁ ଭାଜପାର ମୁକାବିଲା କରିବା ହାରିବା ସହ ସମାନ ହେବ । ଅବଶ୍ୟ ଓଡ଼ିଶା, ପଶ୍ଚିମବଙ୍ଗ ଓ ତେଲେଙ୍ଗାନା ଭଳି ରାଜ୍ୟରେ ଭାଜପା ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲା ଏସବୁ ରାଜ୍ୟର ପ୍ରଭାବଶାଳୀ ଆଞ୍ଚଳିକ ଦଳମାନଙ୍କ ସହ । ତେବେ ୨୦୧୯ରେ ୮୦ଟି ଏପରି ଆସନ ଥିଲା, ଯେଉଁଠି କଂଗ୍ରେସର ମୁକାବିଲା ଅଣ-ଭାଜପା ଦଳମାନଙ୍କ ସହ ହୋଇଥିଲା । ଏଥିମଧ୍ୟରୁ ୩୬ଟି ଆସନରେ କଂଗ୍ରେସ ବିଜୟ ଲାଭ କରିଥିଲା । ଭାରତୀୟ ଜନତା ପାର୍ଟି ୪୩୭ଟି ଆସନରେ ପ୍ରାର୍ଥୀ ଦେଇଥିଲା, ୨୪୫ଟି ଆସନରେ ତାହାର ପ୍ରତିଦ୍ୱନ୍ଦ୍ୱିତା ଅଣ-କଂଗ୍ରେସ ଦଳମାନଙ୍କ ସହ ହୋଇଥିଲା ଓ ଏଥିରୁ ୧୩୭ଟି ଆସନରେ ଭାଜପା ବିଜୟ ଲାଭ କରିଥିଲା । ଏହି ଆସନ ମଧ୍ୟରୁ ୫୦ଟିରେ ଭାଜପା ପ୍ରାର୍ଥୀ ଅମାନତ ହରାଇଥିଲେ ଓ ଦେଶର ୧୧ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ନିଜର ଖାତା ଖୋଲିପାରି ନଥିଲା ।

ଆଜି ଭାଜପା ହେଉଛି ନମ୍ବର ୱାନ ବା ଏକନମ୍ବର ପାର୍ଟି । ଲଗାତାର ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ହୋଇଥିବା ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତାରେ କୌଣସି ହ୍ରାସ ପାଇନାହିଁ, କିନ୍ତୁ ୨୦୨୪ରେ ଯେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ, ଏପରି ଭାବିବା ଉଚିତ ହେବ ନାହିଁ । ଇତିହାସ ଉପରେ ନଜର ପକାଇଲେ, ୧୯୭୭ ନିର୍ବାଚନ ପୂର୍ବରୁ କଂଗ୍ରେସ ପାଖରେ ୩୫୨ ଆସନ ଥିଲା ଓ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ଥିଲା, କିନ୍ତୁ ସେ ନିର୍ବାଚନରେ କଂଗ୍ରେସ ଖସିଆସି ୧୫୪ରେ ପହଞ୍ଚିଲା ଓ ବିଭିନ୍ନ ରାଜନୈତିକ ଦଳ ମିଶି ଗଠିତ ଜନତା ପାର୍ଟିକୁ ୨୯୫ ଆସନ ମିଳିଥିଲା । ୧୯୮୪ର ୩୦ ବର୍ଷ ପରେ କେନ୍ଦ୍ରରେ ଭାଜପାକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଲା କିନ୍ତୁ ସ୍ମରଣଯୋଗ୍ୟ ଯେ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ କଂଗ୍ରେସକୁ ଯେବେ ୪୧୪ ସିଟି ମିଳିଥିଲା ଓ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ, ସେବେ ଭାଜପାକୁ ମାତ୍ର ଦୁଇଟି ସିଟ ମିଳିଥିଲା ଏବଂ ପରବର୍ତ୍ତୀ ନିର୍ବାଚନରେ ଅର୍ଥାତ୍ ୧୯୮୯ରେ କଂଗ୍ରେସ ଜିତିପାରିଲା ମାତ୍ର ୧୯୭ଟି ସିଟ ଏବଂ ୧୪୩ଟି ଆସନରେ ଜିତିକରି ମଧ୍ୟ ଜନତା ଦଳ କେବଳ ସରକାର ଗଢ଼ିଲା ନାହିଁ, ବରଂ ବିଶ୍ୱନାଥ ପ୍ରତାପ ସିଂହ, ଦୁଇ ବିପରୀତ ଧ୍ରୁବ ଭାବେ ପରିଗଣିତ ଭାରତୀୟ ଜନତା ପାର୍ଟି ଓ କମ୍ୟୁନିଷ୍ଟ ମେଣ୍ଟର ସମର୍ଥନ ମଧ୍ୟ ହାସଲ କରିଥିଲେ । ଅର୍ଥାତ୍, କେବଳ ନିର୍ବାଚନ ପୂର୍ବର ମେଣ୍ଟ ଭରସାରେ ପରବର୍ତ୍ତୀ ସରକାରର ସମ୍ଭାବନାର ହିସାବ କରାଯିବା ଠିକ୍ ହେବ ନାହିଁ ।

୨୦୧୯ ନିର୍ବାଚନ ବେଳେ ବିପକ୍ଷ ଏକତା ପୂର୍ଣ୍ଣମାତ୍ରାରେ ଅଭାବ ଥିଲା । ଭାଜପାକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିବା ପରେ ବିରୋଧୀ ପକ୍ଷ ଏକତାର ସ୍ୱପ୍ନ ମଧ୍ୟ ଭାଙ୍ଗିଗଲା । ଏବେ ବିଚାରଧାରା ଆଧାରରେ ବିପକ୍ଷ ଏକାଠି ହୋଇପାରୁ ନଥିଲେ ମଧ୍ୟ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସୀଙ୍କ ପଦକ୍ଷେପ ଯୋଗୁଁ ବିରୋଧୀ ନେତାଙ୍କ ଭୟ ସେମାନଙ୍କୁ ଏକାଠି ହେବା ଲାଗି ବାଧ୍ୟ କରୁଛି । ସେମାନେ ଭାବୁଛନ୍ତି ଯଦି ପୁଣିଥରେ ମୋଦୀ ସରକାର ଗଠନ ହୁଏ ତେବେ ସେମାନଙ୍କୁ ନିଜର ଅସ୍ତିତ୍ୱ ବଞ୍ଚାଇବା କଷ୍ଟକର ହୋଇପଡ଼ିବ । ତଥାପି ବିପକ୍ଷ ମଧ୍ୟରେ 'ଆଗରେ କିଏ' ଏ ଦୌଡ଼ ବି ଚାଲିଛି । ଆରଜେଡି କହୁଛି କଂଗ୍ରେସ ଅତିବେଶୀରେ ୨୦୦ଟି ଆସନରେ ଲଢୁ ଓ ବାକି ୩୪୫ଟି ଆସନ ଆଞ୍ଚଳିକ ଦଳମାନଙ୍କୁ ଛାଡ଼ିଦେଉ । କମ୍ୟୁନିଷ୍ଟ ନେତାମାନେ କହୁଛନ୍ତି କେବଳ ଛତିଶଗଡ଼ ଓ ରାଜସ୍ଥାନରେ ଜିତିକରି କେନ୍ଦ୍ର ଶାସନ ଡୋର ହାତକୁ ନେଇହେବ ନାହିଁ ।

ଉପରୋକ୍ତ କଥାରୁ ସ୍ପଷ୍ଟ ଜଣାଯାଉଛି ଲଢ଼େଇ ଲମ୍ବା ଚାଲିବ, ମୁସ୍କିଲ ବି । ସେତେ ଧୈର୍ଯ୍ୟ ବିପକ୍ଷର ନେତାମାନଙ୍କର ଅଛି କି ? ❑❑

**–ଭର୍ତ୍ତୃହରି ମହତାବ**

## ସଚେତନ ଓ ସତର୍କ ରହିବାର ସମୟ

ମନୁଷ୍ୟ ଜୀବନକାଳ ଭିତରେ ଅନେକ କିଛି ହାସଲ କରି ପାରେ କିନ୍ତୁ ଖୁସି ହାସଲ କରିବା ସହଜ ନୁହେଁ । କାରଣ ଏହା କୌଣସି ବସ୍ତୁ ନୁହେଁ ଯେ , ଅର୍ଥ ଦେଇ କିଣି ହେବ । ଏହା ସମ୍ପୂର୍ଣ୍ଣ ରୂପେ ସ୍ୱତଃପ୍ରବୃତ । ତଥାପି, ଆମେ ଯଦି ଜୀବନର ନିମ୍ନଲିଖିତ କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦେବା ତେବେ ହୁଏତ ଏହା ସହଜସାଧ୍ୟ ହୋଇ ପାରେ । ଯଦି କେବେ କୌଣସି ବ୍ୟକ୍ତିଙ୍କ ଠାରୁ କିଞ୍ଚିତ ସହଯୋଗ ବି ପାଇ ଥାଅ ତେବେ ତାଙ୍କୁ କୃତଜ୍ଞତା ପ୍ରକାଶ କରିବା ଉଚିତ୍ । କେବଳ ସେହି ମୁହୂର୍ତ୍ତ ପାଇଁ ନୁହେଁ ବରଂ ସାରା ଜୀବନ ତୁମେ ଏହାକୁ ମନେ ରଖିବା ଉଚିତ୍ । ଏହା ଦ୍ୱାରା ଆମ ମନରେ ଥିବା ଅହଁ ଭାବ ଦୂର ହୁଏ । ଯାହା

**ପ୍ରାପ୍ତପତ୍ର**

ଆମକୁ ଜୀବନରେ ବିନୟୀ ହେବା ପାଇଁ ଶିକ୍ଷା ଦିଏ । କେବଳ ଦୁର୍ବଳ ଶ୍ରେଣୀ ନୁହେଁ ସମସ୍ତଙ୍କ ପ୍ରତି ମନରେ ଦୟା ଭାବ ରଖିବା ଉଚିତ୍ । ମନରେ କଠୋରତା ରହିଲେ ସେଠାରେ ଖୁସି ବିରାଜମାନ କରିବା କଷ୍ଟସାଧ୍ୟ ହେବ । କେବେ କୌଣସି ପଶୁ ପକ୍ଷୀ ପ୍ରତି ସ୍ନେହ ଶ୍ରଦ୍ଧା ଜ୍ଞାପନ କରିବା ହେଉ କିମ୍ବା କୌଣସି ଗରିବ ଲୋକଙ୍କୁ ସାହାଯ୍ୟ କରିବା ହେଉ । ଆମେ ପ୍ରତ୍ୟେକ ଦିନ ମିଶୁଥିବା ବା କଥାବାର୍ତ୍ତା କରୁଥିବା ଲୋକ ମାନଙ୍କର ଆମ ମାନସିକ ସନ୍ତୁଳନ ଉପରେ ଏକ ଗଭୀର ପ୍ରଭାବ ରହିଛି । ତେଣୁ, ଆମେ ସତର୍କ ରହିବା ଉଚିତ୍ ଯେ, ଆମ ଚତୁଃପାର୍ଶ୍ୱରେ ଥିବା କେଉଁ ଲୋକ କେଉଁ ସ୍ୱଭାବର ଅଟେ ।

ସୁବାସ ନାୟକ, ଚୌଦ୍ୱାର

# ଏକ ମିଳନାତ୍ମକ ନାଟକ ଏ ଜୀବନ

**ମାୟାଧର ନାୟକ**

ଗୋଟିଏ ବଡ଼ ସମ୍ବେଦନଶୀଳ ଘଟଣା ହେଉଛି – ମୋ ବଡନନା ଦୀନବନ୍ଧୁ ନାୟକ ଲେଖିଛନ୍ତି "ତୀର୍ଥତରୁ ତିନିଭାୟା"ରେ - ଦିନେ ବାସନ୍ତୀ ତା'ର ପତ୍ନୀସୁଲଭ ଚାଲାକିରେ ମୋର ବେଶ୍ ସ୍ୱାଭାବିକ ଖୁସି ଅବସ୍ଥାରେ ମୋତେ କହିଲା - ମୁଁ ତମକୁ ଗୋଟିଏ ଅପୂର୍ବ ଜିନିଷ ଦେଖାଇବି, ଦେଖିବ ? ହଠାତ୍ ମୋତେ ଜିନିଷଟିକୁ ନ ଦେଖାଇ ମୋର ଉତ୍କଣ୍ଠା ବଢ଼ାଇ ଚାଲିଲା ଏବଂ ଶେଷରେ ମୋର ଜିଦ୍ ଯୋଗୁଁ ଗୋଟିଏ ଫଟୋ ଆଣି ଦେଖାଇଲା । - କହିଲ ଦେଖି ଝିଅଟି କିପରି, ତୁମକୁ କେମିତି ଲାଗୁଛି ? ମୁଁ ସେ ଝିଅଟିକୁ କେବେ ଦେଖିନି । ତେବେ ଫଟୋରୁ ଯାହା ମୁଁ ଅନୁମାନ କଲି କହିଲି - ଭଲ ଝିଅଟିଏ ହୋଇଥିବ । ତା' ଆଖିରୁ ମନେ ହେଉଛି ସରଳ, ଅଥଚ ଖୁବ୍ ଦୃଢ଼ମନା । ପୋଷାକରୁ ମନେ ହେଉଛି ଶିକ୍ଷିତ ଘରୁଆଘରର ଝିଅ ବୋଲି । ହସିହସି ବାସନ୍ତୀ କହିଲା - ଏଇ ଝିଅଟିକୁ ମାୟା ପସନ୍ଦ କରିଛି, ତାଙ୍କ ପାର୍ଟିରେ ଏ ଝିଅ ଅଛି । ମାୟା, ପୁଣି ଝିଅ ପସନ୍ଦ ଅର୍ଥାତ୍ ବିବାହ !! ମୋତେ ଲାଗିଲା ସତେ ଯେପରି ଦୁଇ ବିପରୀତ ବିନ୍ଦୁ ଏକ ହୋଇଗଲେ କି ? ମୁଁ ଅବିଶ୍ୱାସର ହସ ହସି କହିଲି - ଧେତ୍ ! ତୋତେ ଥଟ୍ଟା କରିବାକୁ ଲୋକ ମିଳିଲେନି ? ସେ ମୋତେ ସବୁକଥା ସବିସ୍ତାରେ ଶୁଣାଇଲା, ମୁଁ ଖୁସି ହୋଇଗଲି ।

କିନ୍ତୁ ଏକ ବିରାଟ ସମସ୍ୟା ଆସି ପହଞ୍ଚିଲା । ସେ ଝିଅଟି କରଣ ଘରରଝିଅ, ଉଚ୍ଚଶିକ୍ଷିତା, କିନ୍ତୁ ପାର୍ଟିକର୍ମୀ । ବାପା ତ ମାୟା ଉପରେ ଭୀଷଣ ଭାବେ ରାଗିକରି ଥାଆନ୍ତି, ତାକୁ ଏକରକମ ଛାଡ଼ି ଦେଇଥାଆନ୍ତି । ତା' ଉପରେ କରଣଝିଅକୁ ବାହାହୋଇ ସାମାଜିକ ସ୍ତରରେ ତାଙ୍କ ଖାତିର୍ ଆହୁରି କମାଇଦେବ ବୋଲି ଆଶଙ୍କା କରି ରାଗିକରି ପାଟିଗଲେ । ମୋର କିନ୍ତୁ ଝିଅଟି ପସନ୍ଦ ହୋଇଥାଏ । ବାପାଙ୍କୁ ବୁଝାଇବାକୁ ଚେଷ୍ଟା କଲି । ସେ କାଠିପାଞ୍ଚଣ ଛୁଆଁଇ ଦେଲେନି, ନା - ମାନେ - ନା । ମୁଁ କିନ୍ତୁ ହତୋତ୍ସାହ ନ ହୋଇ ତାଙ୍କ ମାନସିକ ସ୍ଥିତିକୁ ଲକ୍ଷ୍ୟ କରି ସୁଯୋଗ ଉଣ୍ଡି ବୁଝାଇ ଚାଲିଥାଏ । କରଣ ତ କିଛି ଖରାପ ଜାତି ନୁହେଁ, ହଁ, ଆମର ଆଗରୁ ସେମାନଙ୍କ ସହିତ ବୈବାହିକ ସଂପର୍କ ନାହିଁ । ଦେଶ, ସମାଜ କେତେ ଆଗେଇ ଗଲାଣି, ସେଇ ପୁରୁଣାକାଳିଆ ରୀତିନୀତିକୁ ଧରିବସିଲେ ଚଳିବ ନାହିଁ । ତା' ପରେ ଝିଅଟି ସୁନ୍ଦର, ଶିକ୍ଷିତା, ଗୁଣର, ଗୋଟିଏ ପାର୍ଟିର, ସେମାନେ ତାଙ୍କର ତାଙ୍କ ସଂସାର ଗଢ଼ନ୍ତୁ । ତା'ପରେ ବଡ଼ କଥା ହେଉଛି, ଶାସ୍ତ୍ର କହୁଛି - କନ୍ୟାରତ୍ନ । ରତ୍ନ ପଙ୍କରେ ପଡିଥିଲେ ବି ତାହା ଗ୍ରହଣଯୋଗ୍ୟ । ବହୁ ବଡ଼ବଡ଼ ଲୋକଙ୍କ ଉଦାହରଣ ଦେଲି । ଏଇ ରତ୍ନ କଥାରୁ ବାପା ଟିକେ ନରମିଲେ । କହିଲେ - ହଉ ତୁ ଯଦି କହୁଛୁ କର । ହେଲେ ବେଦୀ ଉପରେ ଦୁହିଁଙ୍କୁ ବସାଇ ବ୍ରାହ୍ମଣ ମନ୍ତ୍ର ପଢି ଗୋତ୍ରରେ ପୂରାଇବି ।

ମୁଁ ଉତ୍ସାହିତ ହୋଇ ମାୟାକୁ ଡକାଇଲି । ତାହା ଆମ ଦୁଇଭାଇଙ୍କ ଭିତରେ ସବୁଠୁ ଦୀର୍ଘ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଥିଲା । ମାୟା କିନ୍ତୁ, ବ୍ରାହ୍ମଣର ମନ୍ତ୍ର, ବେଦୀ, ରୀତି, ରିଓ୍ୱାଜ ପାଇଁ ଆଦୌ ରାଜି ହେଲାନି । ଯେତେ ଯାହା ଯୁକ୍ତି ମୁଁ ଦେଲେ ବି ସେ କେବଳ ପାର୍ଟିର ଆଦର୍ଶ ଓ ନୀତି କହି ସବୁ କାଟି ଦେଲା । କ'ଣ କରିବି ! ଏତେ ଚେଷ୍ଟା କରି ବାପାଙ୍କୁ ରାଜି କରିଥିଲି, ଏ କଥା ଶୁଣିଲେ ସେ ପୂରା ସୂତାଟିକୁ ଛିଣ୍ଡାଇ ଦେବେ । ବହୁତ ବଡ଼ ଚିନ୍ତାରେ ପଡିଗଲି । ହଠାତ୍ ବହୁଦିନ ତଳର ଗୋଟାଏ ସୂତ୍ର ମୋର ମନେପଡ଼ିଗଲା । ବହୁଦିନ ଆଗରୁ ପ୍ରାୟ ମୁଁ କୋରାପୁଟରେ ଥିଲି, ସେତିକିବେଳେ ବାପା ଦୈତାରି ଉପରେ ଭୀଷଣ ରାଗିଥାଆନ୍ତି । ଦୁଇଜଣଙ୍କ ଠାରୁ ଚିଠି ପାଇଥାଏ । ଦୁହିଁଙ୍କୁ ଚିଠି ଲେଖିଲି । ବାପାଙ୍କ ଚିଠିରେ ଲେଖିଲି -ଆପଣ ବାପା, ପୁଅର ଦୋଷକୁ କ୍ଷମା କରିଦିଅନ୍ତୁ । ଦୈତାରି ଚିଠିରେ ଲେଖିଲି - ସେ ବାପା, ଜନ୍ମଦାତା, ତାଙ୍କ ଉପରେ ରାଗିବା ପୁଅର କର୍ତ୍ତବ୍ୟ ନୁହେଁ । ଯେତେ ଯାହା ହେଲେ ବି ତାଙ୍କ ଦୋଷ ଧରିବାର ନୁହେଁ । ଲ'ାପାରେ ଠିକଣା ଲେଖି ସତର୍କତାର ସହିତ ବାପାଙ୍କ ଖାମ୍‌ରେ ଦୈତାରି ଚିଠି ଓ ଦୈତାରି ଖାମ୍‌ରେ ବାପାଙ୍କ ଚିଠି ପୂରାଇ ପଠାଇଦେଲି । ବାପା ପାଇଲେ ଦୈତାରି ଚିଠି, ଦୈତାରି ପାଇଲା ବାପାଙ୍କ ଚିଠି । କହିବା ବାହୁଲ୍ୟ, ସେତିକିରେ ସବୁ ସମାଧାନ ହୋଇଗଲା । ମୁଁ ସେହି ବୁଦ୍ଧି ପ୍ରୟୋଗ କଲି । ମାୟାକୁ କହିଲି - ଠିକ୍ ଅଛି ତୁ ଆଗେଇ ଯା । ମୁଁ ତୋ ପଛରେ ଅଛି, କିନ୍ତୁ ପ୍ରକାଶ୍ୟରେ ନୁହେଁ, ପ୍ରକାଶ୍ୟରେ ମୁଁ ବାପାଙ୍କ ପଟରେ ।

ମାୟା କହିଲା - ରେଜେଷ୍ଟ୍ରି ମ୍ୟାରେଜରେ ଆମପଟରୁ ଜଣେ ରହିବା ଦରକାର ।

ମୁଁ କହିଲି - ଦୈତାରି ରହିବ । କାମ ସରିଯାଉ । ବାପାଙ୍କ କଥା ମୁଁ ସମ୍ଭାଳିବି ।

ମାୟା ଖୁସି ହୋଇଗଲା । ଦୈତାରିକୁ ସବୁ ବିଷୟ ବୁଝାଇ ଦେଲି, ପରିସ୍ଥିତି ବି ସେ ବୁଝିଗଲା । ରେଜେଷ୍ଟ୍ରି ମ୍ୟାରେଜ ଦୈତାରିର ଉପସ୍ଥିତିରେ ହୋଇଗଲା । ମୁଁ ଏପର୍ଯ୍ୟନ୍ତ ଝିଅଟିର ନାଁ କହିନି । ସେ ଆମ ଲିଲି, ଇନ୍ଦିରା ଦାସ, ଭୂମିକା, ଆକାଶର ବୋଉ, ରିଟାୟାର୍ଡ ହେଡ୍ ମିଷ୍ଟ୍ରେସ୍ ।

ବାପାଙ୍କ ଅଜାଣତରେ ଏ ସବୁ ଘଟଣା ଘଟିଯିବା ପରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେଲା । ଦିନେ ମୁଁ ବାରଣ୍ଡାରେ ବସିଛି, ବାପା ବାହାରୁ ଆସି ମୋତେ ଦେଖି ରାଗି କରି କହିଲେ - ମୁଁ ମାୟାକୁ ଶୁଦ୍ଧି ହେବି । ତୁ ମୋ ସାଙ୍ଗରେ ଶୁଦ୍ଧି ହେବୁ ନା ନାହିଁ ? ମୁଁ ଘଟଣାଟା ଚଟ୍‌କରି ଅନୁମାନ କରି ନେଲି । କହିଲି, ଖୁବ୍ ନମ୍ର ଅଥଚ ଦୃଢ଼ ଭାବେ - ମୋ ଭାଇଟା ବଂଚିଛି, ମୁଁ ତାକୁ ଶୁଦ୍ଧ ହେବି କିପରି ? ମୁଁ ଶୁଦ୍ଧି ହେବି ନାହିଁ । ମୋଠାରୁ ଏପରି ଉତ୍ତର ବାପା ଆଶା କରି ନଥିଲେ । ସାଙ୍ଗେ ସାଙ୍ଗେ କହିଲେ - ସେଇଟା ମୋ କଥା ମାନିଲା ନାହିଁ, ତାକୁ ଘରୁ ବାହାର କରିଦେଲି । ତୁ ବି ମୋ କଥା ମାନିଲୁନି, ତୁ ମୋ ଘରୁ ବାହାରି ଯା । ମୁଁ କହିଲି - ବେଶ୍, ମୁଁ ବି ତୁମ ଘରୁ ବାହାରି ଯିବି । ପୁଣି ଗର୍ଜି ଉଠି କହିଲେ - ତୋ ଛୁଆପିଲାଙ୍କୁ ନେଇ ତୁ ବାହାରି ଯା, ଏ ବୁଢ଼ାବୟସରେ କ'ଣ ତୋ ଛୁଆପିଲାଙ୍କୁ ମୁଁ ପୋଷିବି ? ମୁଁ କହିଲି - ଏବେ କୁଆଡ଼େ ଯିବି, ରାତି ପାହିଲେ, ମୁଁ ବାହାରି ଯିବି । ହେଲେ ଅଳକା ତା ସାଙ୍ଗମାନଙ୍କ ସାଙ୍ଗରେ ସିନେମା ଦେଖି ଯାଇଛି । ଛୁଆଟା ଏପର୍ଯ୍ୟନ୍ତ ଫେରିଲାନି, ଟିକେ ଯାଉନାହାଁନ୍ତି ତାକୁ ନେଇ ଆସିବେ । ବାପା ନାଟକୀୟ ଠାଣିରେ ଝଡ଼ବେଗରେ ପ୍ରସ୍ଥାନ କଲେ । ବାପାଙ୍କ ପ୍ରସ୍ଥାନରୁ ମୁଁ ଠିକ୍‌ଭାବେ ଅନୁମାନ କରିଥିଲି, ଏହା ମାୟା ଉପରେ ଥିବା ରାଗର ଖଣ୍ଡିଆଭୂତ, ହଠାତ୍ ଆସିବ, ଧୂଳିକୁଟା ସବୁ ଗୁଡ଼େଇତୁଡ଼େଇ ଉଠେ

## ପାଞ୍ଚଦିନରେ ଅଧେ ଷ୍ଟଲ୍‌ରେ ତାଲା

# ହସ୍ତଶିଳ୍ପ ପ୍ରଦର୍ଶନୀ ନାମରେ ସରକାରୀ ଅର୍ଥ ଆତ୍ମସାତ

କୋଣାର୍କ (ବିଚିତ୍ର ଓଝା): କେନ୍ଦ୍ରସରକାର ଙ୍କ ବୟନ ଶିଳ୍ପ ମନ୍ତ୍ରାଳୟ ଓ ଓଡିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନ ରେ ସ୍ଥାନୀୟ ହସ୍ତଶିଳ୍ପ ଜିନିଷକୁ ପ୍ରଚାର ଓ ପ୍ରସାର କରିବା ସହିତ ଶିଳ୍ପୀ ମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ହସ୍ତଶ୍ଳିପ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ । ଯାହାକି ହସ୍ତଶିଳ୍ପ ର ପ୍ରଚାର ପ୍ରସାର ହେବାସହ କାରୀଗର ମାନଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିଥାଏ । ଏହିକ୍ରମରେ ଚଳିତ ମାସ ୧୦ତାରିଖ ରୁ ୧୯ ତାରିଖ ପର୍ଯ୍ୟନ୍ତ ଦଶଦିନ ଧରି କୋଣାର୍କ ଅର୍ବାନହାଟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଉତ୍କଳିକା ପକ୍ଷରୁ ଆୟୋଜିତ ହୋଇଥିଲା । ଘରେ ନପସୁ ଚାଳ ବାଜିବା ପରି ୧୦ତାରିଖ ଦିନ ଖୋଲାଯାଇଥିବା ପ୍ରଦର୍ଶନୀ ଷ୍ଟଲକୁ ବିଭାଗୀୟ ମନ୍ତ୍ରୀ ଆନୁଷ୍ଠାନିକ ଭାବେ ୧୩ ତାରିଖ ଦିନ ଉଦଘାଟନ କରିଥିଲେ । ଆରମ୍ଭ ହେବାର ପାଞ୍ଚ ଦିନ ମଧ୍ୟରେ ଅଧାରୁ ଅଧିକ ଷ୍ଟଲ୍ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ମାତ୍ର ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟପାଇଁ ନାମକୁ ମାତ୍ର ପଦର୍ଶନୀ କରିଦେଇ ନିଜର କର୍ତ୍ତବ୍ୟ ସାରିଦେବା ଲକ୍ଷ୍ୟ ନେଇ ଏଠାରେ ପାଞ୍ଚଦିନ ବିତିଯାଇଥିଲେ ମଧ୍ୟ ପ୍ରଦର୍ଶନୀ କୁ ନେଇ କୌଣସି ପ୍ରଚାର କି ପ୍ରସାର କରାଯାଉନଥିବା ଯୋଗୁ ନିର୍ମାଣ କରାଯାଇଥିବା ୫୦ ଗୋଟି ଷ୍ଟଲ ମଧ୍ୟରୁ ଅର୍ଦ୍ଧଧିକ ଷ୍ଟଲରେ ତାଲା ପଡ଼ିଥିବା ବେଳେ ଗରାଖ ନଥିବାରୁ ପ୍ରଦର୍ଶନୀସ୍ଥଳରେ ମାଛି ଉଡୁଥିବା ଦେଖିବାକୁ ମିଳିଥିଲା ।ଫଳରେ ଏଠାର ସ୍ଥାନୀୟ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ ନକରି ଉକ୍ତ ପ୍ରଦର୍ଶନୀ ପ୍ରତି ବିମୁଖ ହୋଇ ଅର୍ବାନ ହାଟ ମଧ୍ୟକୁ ଯାଉନଥିବା ଦେଖିବାକୁ ମିଳିଥିଲା । ରାଜ୍ୟ ସରକାର କାରିଗର ମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ପାଇଁ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ମେଳାର ଆୟୋଜନ କରୁଥିବା ବେଳେ ବିଭାଗର କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ପାଇଁ ଏହା ଫଳପ୍ରଦ ହୋଇପାରୁନାହିଁ । ଯେଉଁ ଲକ୍ଷ୍ୟ ନେଇ କୋଣାର୍କ ସ୍ଥିତ ଅର୍ବାନହାଟ ପରିସରରେ ଏହି ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା ତାହା କୋଣାର୍କ ବଜାର ଠାରୁ ଅପହଞ୍ଚ ଅଞ୍ଚଳରେ କରାଯାଇଥିବା ଯୋଗୁଁ ହସ୍ତଶିଳ୍ପ ସାମଗ୍ରୀ ଷ୍ଟଲ ଆଣି ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟବସାୟୀ ମାନଙ୍କ ସାମଗ୍ରୀ ବିକ୍ରି ନ ହେବା ସେମାନଙ୍କ ମଧ୍ୟରେ ହତାଶର ବାତାବରଣ ଖେଳାଇ ଦେଇଛି । କୋଣାର୍କ ଠାରେ ବିଭାଗର ଏଭଳି ଖାମଖିଆଲି ଓ ବେପରୁଆ ମନୋଭାବ ନୀତି ଯୋଗୁଁ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସହ ଯେଉଁ ଉଦେଶ୍ୟ ନେଇ ଏହା କରାଯାଇଥିଲା ତାହା ଫଳପ୍ରଦ ହେବା ଆଶଙ୍କା ପ୍ରକାଶ ପାଇଛି ।

## ଆବାସ ଯୋଜନା କାହା ପାଇଁ ?

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ଟିଟିଲାଗଡ଼, (ତୀର୍ଥଙ୍କର ପଟେଲ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଆବାସ ଯୋଜନା ରହିଛି ହେଲେ କିଭଳି ରୂପାୟନ ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆବାସ ଯୋଜନା ଯୋଗୁଁ ନିରାଶ୍ରୟ ହୋଇ ଜରି ପାଲ ଘୋଡ଼େଇ କାଳ କାଟୁଥିବା ପରିବାର ର ଦୁର୍ଦ୍ଦଶା ନେଇଁ ବିଭିନ୍ନ କାର୍ଯ୍ୟାଳୟ ଧାଇଁ, ଧାଇଁ ନିରାଶ ହେବା ସାର ହୋଇଛି । ଟିଟିଲାଗଡ ପୌରପରିଷଦ ଅଧିନସ୍ତ ୧୫ ନମ୍ବର ୱାର୍ଡ ନିବାସୀ ହେମସାଗର ସରାଫ ଏହି ଆବାସ ଯୋଜନା ନେଇ କାର୍ଯ୍ୟାଦେଶ ପାଇଥିବା ବେଳେ ଧାର,କରଜ କରି ନିଜ ଘର ଭାଙ୍ଗି ଦେଇ ନିର୍ମାଣ ଆରମ୍ଭ କରିଥିଲେ ସରକାରୀ ନିୟମାନୁଯାୟୀ ଗୃହ ନିର୍ମାଣ କିସ୍ତି ଅର୍ଥ ପ୍ରଦାନ ବଦଳ ରେ ବର୍ଷ ପୂରିବାକୁ ବସିଲାଣି କିନ୍ତୁ ଟଙ୍କା ମିଳିଲାନି । ଏପରି କି ବୃଦ୍ଧ ବାପା ବିଗତ ଦିନରେ ଥଣ୍ଡା ରେ ବାସହୀନ ହୋଇ ତାଙ୍କ ଜୀବନ ଚାଲି ଯାଇଥିବା ଅଭିଯୋଗ ହୋଇଛି । ସେହିପରି ପୌର ପରିଷଦ ରେ ଦାବି ମୁତାବକ ଅର୍ଥ ନ ଦେଲେ ଏମିତି ଦୁର୍ଦ୍ଦଶା ଭୋଗ କରିବା ସାର ହେଉଛି ବୋଲି ଅନେକ ହିତାଧିକାରୀ ପ୍ରକାଶ କରିଛନ୍ତି । ଏବେ ସ୍ଥାନୀୟ ପୌର ପରିଷଦ ଠୁଁ ନେଇ ବିଭିନ୍ନ ଅଧିକାରୀ ଙ୍କୁ ଆବେଦନ, ନିବେଦନ କରି,କରି ନିରାଶ ହେବା ସାର ହୋଇଛି । ନିଜ ଦୁଇଟି ଝିଅ, ସ୍ତ୍ରୀ ଓ ବୃଦ୍ଧା ମାଆ ଦୟନୀୟ ଅବସ୍ଥାରେ କାଳ କାଟୁଥିବା ବେଳେ ଏ ନେଇ ତୁରନ୍ତ ବିଭାଗୀୟ ମୁଖ୍ୟ ସଚିବ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପାନ୍ତରିତ କେବଳ କାଗଜ-କଲମରେ ସୀମିତ

# ବିଶେଷଜ୍ଞ ଅଭାବରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ

ଖପ୍ରାଖୋଲ, (ଅଶୋକ ବାଗ୍): ସରକାର ସବୁବେଳେ ଶିଶୁ ଓ ଗର୍ଭବତୀଙ୍କୁ ସୁରକ୍ଷିତ ରଖିବାକୁ ବିଭିନ୍ନ ପ୍ରକାର ଯୋଜନା ଆଣିଛନ୍ତି । କିନ୍ତୁ ସେହି ଗର୍ଭବତୀ ସୁରକ୍ଷିତ ମଣୁ ନଥିବାର ନଜରକୁ ଆସିଛି । ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର କେନ୍ଦ୍ର ସ୍ଥଳରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହା ବ୍ଲକର କେନ୍ଦ୍ର ସ୍ଥଳୀ ଭାବରେ ପରିଚିତ । ଏହା ୨୦୧୪ ମସିହାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଥିବା ବେଳେ ଏଠାରେ ୨ ଟି ବିଶେଷଜ୍ଞ ରହିବା କଥା । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୧ ଟି ପଞ୍ଚାୟତ ଏବଂ ଆଖପାଖ ବ୍ଲକର ଲୋକେ ନିର୍ଭର କରି ସ୍ୱାସ୍ଥ୍ୟ ସେବା ପାଇଁ ଆସୁଥିବା ବେଳେ ଏଠାରେ ନାହାନ୍ତି ଜଣେ ମଧ୍ୟ ସ୍ତ୍ରୀ ଓ ପ୍ରସୁତି କିମ୍ବା ଭେଷଜ ବିଶେଷଜ୍ଞ । ଯାହା ଫଳରେ ବହୁ ସଂଖ୍ୟାରେ ପ୍ରସୁତି ରୋଗୀ ସେବାରୁ ବଞ୍ଚିତ ହେଉଥିବାର ଜଣାପଡ଼ିଛି । ଏପରିକି ଏହି ସମ୍ବନ୍ଧୀୟ ରୋଗ ଦେଖାଇବାକୁ ଆସୁଥିବା ପ୍ରସୁତି ମାନେ ହଇରାଣ ହରକତ ହେଉଛନ୍ତି । ଏପରିକି ପ୍ରସବ ବେଳେ ରୋଗୀ ମାନଙ୍କୁ ପାଟଣାଗଡ଼ ସଦର ଡାକ୍ତରଖାନା କୁ କିମ୍ବା ବଲାଙ୍ଗୀର ଭୀମଭୋଇ ହସପିଟାଲକୁ ଘଡ଼ି ସନ୍ଧି ମୂହୁର୍ତ୍ତରେ ଜୀବନକୁ ବାଜି ଲଗାଇ ଯିବାକୁ ପଡୁଛି । କାରଣ ଯେହେତୁ ଏଠାରେ ସେହି ଡାକ୍ତର ନାହାନ୍ତି ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ନର୍ସ ଓ ଅନ୍ୟ ଡାକ୍ତର ଏହି ରୋଗୀଙ୍କୁ ଚିକିତ୍ସା ଏବଂ ପ୍ରସୂତୀ କରିବାକୁ ଡରି ସ୍ଥାନାନ୍ତର କରିବାର ଦେଖିବାକୁ ମିଳୁଛି । ଫଳରେ କାହର ରାସ୍ତାରେ ପିଲା ଜନ୍ମ ହେଉଛିତ କାହାର ସେଠାରେ ଅପରେସନ କରି ପିଲାଜନ୍ମ କରାଯାଉଛି । ସେହିପରି ସାଧାରଣ ଲୋକେ କୌଣସି ରୋଗ ଦେଖେଇବା ପାଇଁ ଡାକ୍ତରଖାନାକୁ ଆସିଲେ କୌଣସି ଭେଷଜ ବିଶେଷଜ୍ଞ ନଥିବାରୁ ଦାନ୍ତ ବିଶେଷଜ୍ଞ ରୋଗୀ ମାନଙ୍କୁ ଚିକିତ୍ସା କରୁଥିବାର ଦେଖିବାକୁ ମିଳୁଛି । ଏହି ସବୁ ପରିସ୍ଥିତିରେ ରୋଗୀମାନେ ହନ୍ତସନ୍ତ ହେଉଥିଲେ ମଧ୍ୟ କୌଣସି ନେତା ମନ୍ତ୍ରୀ କିମ୍ବା ଉଚ୍ଚ ପଦବୀରେ ଥିବା ସରକାରୀ ବାବୁ ମାନେ ଆଖି ବନ୍ଦ କରି ଦେଇଥିବା ଜଣାପଡୁଛି । ଜିଲ୍ଲା ପ୍ରଶାସନ ପକ୍ଷରୁ କେତେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୂପାନ୍ତରିତ କରାଯାଇଥିବା ବେଳେ ଏଥିରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରୂପାନ୍ତରିତ ହୋଇଥିବା ନେଇ ଜିଲ୍ଲାପାଳ ଚଞ୍ଚଳ ରାଣା ଘୋଷଣା କରିଥିଲେ ମାତ୍ର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛ । ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ୧୦ ମାସରୁ ଉର୍ଧ୍ୱ ହେବ ଜଣେ ଭେଷଜ ବିଶେଷଜ୍ଞ ଙ୍କ ବଦଳି ହୋଇଅଛି କିନ୍ତୁ ସେ ନିଜର କ୍ଲିନିକ ଚଲେଇବାରେ ବ୍ୟସ୍ତ ଏବଂ ନେତା ମନ୍ତ୍ରୀଙ୍କ ପ୍ରଶୟରେ ସେ ଖପ୍ରାଖୋଲ ଡାକ୍ତରଖାନାକୁ ଆସୁନାହାନ୍ତି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି । ବଲାଙ୍ଗୀର ଜିଲ୍ଲାପାଳ ମହୋଦୟଙ୍କୁ ବାରମ୍ବାର ଏବିଷୟରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ କରୁନଥିବା ନଜରକୁ ଆସିଛି । ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ସୁରଜ କୁମାର ଦୀପଙ୍କୁ ପଚାରିବାରୁ ସେ କହନ୍ତି ଆମେ ଏବିଷୟରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଛୁ । ଯଦି ସମସ୍ତ ଜନସାଧାରଣ ଏକ ହୋଇ ଲଢ଼ିଲେ ଯାଇ ସମସ୍ୟାର ସମାଧାନ ହେବ ଏବଂ ଏହିପରି ସମସ୍ୟା ମାନଙ୍କ ପାଇଁ ଜନସାଧାରଣ ରାଜରାସ୍ତା କୁ ଓଲ୍‌ହାଇ ଶୋଭାଯାତ୍ରା ବାହାର କରିବେ ତାହେଲେ ଧନ୍ୟବାଦ ଏଭଳି ସରକାର ଏବଂ ଜିଲ୍ଲା ପ୍ରଶାସନ କୁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଅଛି ।

**ନିରବଦ୍ରଷ୍ଟା ପାଲଟିଛି ଜିଲ୍ଲା ପ୍ରଶାସନ**

# ଆର୍ଯ୍ୟ ପ୍ୟାଲେସ୍‌ରେ ବୁଲିଲା ବୁଲ୍‌ଡୋଜର

ବଲାଙ୍ଗର(ପିପିଏସ) : ବଲାଙ୍ଗୀର ସହର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟସ୍ଥିତ ଆର୍ଯ୍ୟ ପ୍ୟାଲେସ ନାମକ ଏକ ବିବାହମଣ୍ଡପରେ ବୁଲ୍‌ଡୋଜର ବୁଲିଛି । ବୁଧବାର ବଲାଙ୍ଗୀର ପୋଲିସ ଏବଂ ପ୍ରଶାସନିକ ଟିମ୍ ଜେସିବି ମେସିନ ସାହାର୍ଯ୍ୟରେ ଆର୍ଯ୍ୟ ପ୍ୟାଲେସରେ ପହଞ୍ଚି ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି । ବେଆଇନ ଭାବେ ୧୭ ଡିସିମିଲ ଇଡ୍‌କୋ ଜମି ଉପରେ ଥିବା ଏହି ବିବାହମଣ୍ଡପକୁ ଉଚ୍ଛେଦ କରାଯାଉଛି । ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ଉପସ୍ଥିତରେ ଏସ୍‌ଡିପିଓ ତୋଫାନ ବାଗ, ଟାଉନ ଥାନାଧିକାରୀ ମନବୋଧ ବିଶ୍ୱଜିତ୍, ଇଡ୍‌କୋ ଡିଭିଜନାଲ ମ୍ୟାନେଜର ନୀଳମଣି ଜ୍ଞାନଚାନ୍ଦଙ୍କ ଉପସ୍ଥିତିରେ ପ୍ରଶାସନିକ ଟିମ୍ ଘରଭଙ୍ଗା ଅଭିଯାନ ଆରମ୍ଭ କରିଛି । ଉପଜିଲାପାଳ କୁମାର ନାଗଭୂଷଣ କହିଛନ୍ତି ଯେ, ଆର୍ଯ୍ୟ ପ୍ୟାଲେସ ବିବାହ ମଣ୍ଡପରୁ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତି ଆପରାଧିକ କାର୍ଯ୍ୟ କରୁଥିଲେ । ଇଡ୍‌କୋ ଜମିରେ ସିମେଣ୍ଟ କାରଖାନା ପାଇଁ ଅନୁମତି ଦିଆଯାଇ ଥିବାବେଳେ ବିବାହମଣ୍ଡପ କରି ସେଠାରୁ ଅପରାଧିକ କାର୍ଯ୍ୟକଳାପ କରୁଥିବା ପୋଲିସ ପକ୍ଷରୁ କୁହାଯାଇଥିଲା । ବଲାଙ୍ଗୀର ହିଟ୍ ଆଣ୍ଡ୍ ରନ୍ ମାମଲାରେ ଅଭିଯୁକ୍ତ ଚିତ୍ତରଞ୍ଜନ ଗିରଫ ହୋଇ ଏବେ ବି ଜେଲ୍‌ରେ ଅଛନ୍ତି ।

## ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୭.୦ ଡ଼ିଗ୍ରୀ

ମାଲକାନଗିରି: ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୭.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ବୌଦ୍ଧରେ ୧୬.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୪.୮ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୨.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି । କଟକରେ ସର୍ବୋଚ୍ଚ ତାପମାତ୍ରା ୩୩.୫ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୩.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# 'ମଣିଷର ସାଧାରଣ ପ୍ରବୃତ୍ତି ହେଉଛି କବି ପ୍ରବୃତ୍ତି'

## ଇସ୍ପାତ ସାହିତ୍ୟ ସଂସଦର ବିଶ୍ୱ କବିତା ଦିବସ

ରାଉରକେଲା(ପିପିଏସ): ମଣିଷର ପ୍ରବୃତ୍ତି ହେଉଛି କବି ପ୍ରବୃତ୍ତି । କବିତା ଭିତରେ କବିତା ଥାଏ ବୋଲି ଅଧ୍ୟାପକ ଉମାକାନ୍ତ ପ୍ରଧାନ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଇସ୍ପାତ ସାହିତ୍ୟ ସଂସଦ ତରଫରୁ ଆୟୋଜିତ ବିଶ୍ୱ କବିତା ଦିବସ ପାଳନ ଅବସରରେ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ ଓ ସାଧାରଣ ସଂପାଦକ ନୃସିଂହ ଚରଣ ବିଶ୍ୱାଳଙ୍କ ଆବାହକତ୍ୱ ତଥା ସୁମିତ୍ରା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ଉମାକାନ୍ତ ପ୍ରଧାନ ଓ ଡଃ ଅଶ୍ୱିନୀ କୁମାର ରାୟ ଯୋଗଦେଇ ବିଶ୍ୱ କବିତା ଦିବସ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ କବି ଙ୍ଗ ଜଳଧର ପ୍ରଧାନଙ୍କ ନବମ ସଂକଳନ ' ଆମ ଗାଁ, ସେବର,ଏବର ଆଉ ଆଗକୁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅଧ୍ୟାପକ ଡଃ ରାୟ ପୁସ୍ତକଟିକୁ ସମୀକ୍ଷା କରିବା ସହ କବି ଙ୍ଗ ପ୍ରଧାନଙ୍କ ପଲ୍ଲିଶ୍ରୀ ର ବର୍ଣ୍ଣନା ଅତି ଚମତ୍କାର ବୋଲି ମତ ରଖିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଅଧ୍ୟାପକ ପ୍ରଧାନ ଉପରୋକ୍ତ ମନ୍ତବ୍ୟ ସହ ଗଛରୁ ପତ୍ର ପଡିବା, ଶିଶୁ ଜନ୍ମର କ୍ରନ୍ଦନରୁ କବିତା ଆରମ୍ଭ ବୋଲି କହିଥିଲେ । ଏହା ସହ କବି ଓ କବିତା ମଧ୍ୟରେ ସଂପର୍କ ତଥା ବକ୍ତା, ଶ୍ରୋତା,କବି, କବିତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଶ୍ରୋତା ଓ ଦର୍ଶକ କବିଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ସ୍ୱାଗତ ଭାଷଣ, ସଭାପତି ଶ୍ରୀ ଦାଶ ସଭାପତିତ୍ୱ ଅଭିଭାଷଣ ଓ ସଂପାଦକ ଶ୍ରୀ ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ସଭାପତି ତ୍ରିଲୋଚନ ମଥାନ ଓ ହରମୋହନ ମିଶ୍ର ବିଶ୍ୱ କବିତା ଦିବସ ପାଳନ ଅବସରରେ ଶୁଭେଚ୍ଛା ବାର୍ତ୍ତା ଦେବା ସହ ଅନୁଷ୍ଠାନର ପ୍ରତିବଦ୍ଧତା କୁ ପ୍ରଶଂସା କରିଥିଲେ । ପୁସ୍ତକର ଲେଖକ ଙ୍ଗ ପ୍ରଧାନ ପୁସ୍ତକ ସଂପର୍କରେ ନିଜର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିବା ବେଳେ ସଂପାଦକ ଶ୍ରୀ ବିଶ୍ୱାଳଙ୍କ ଅବସରକାଳୀନ ବିଦାୟ ଓ ଅନୁଷ୍ଠାନ ପ୍ରତି ସମର୍ପିତ ଭାବନା ଯୋଗୁଁ ସମ୍ବର୍ଦ୍ଧନା ଦିଆଯାଇଥିଲା । କବି ବିଭୁ ନାୟକ ମାନପତ୍ର ପାଠ କରିଥିଲେ । ଏହି ଅବସରରେ ଅଜୟ କୁମାର ମହାନ୍ତିଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା ବେଳେ ଅତିଥିମାନେ ଅନୁଷ୍ଠାନର ବାର୍ଷିକ କ୍ୟାଲେଣ୍ଡର୍ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବନଲତା ମିଶ୍ର ଙ୍କ ସଭାପତିତ୍ୱ ତଥା ମମତା ଜେନା ଓ ଶ୍ୱେତ କୁମାର ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ସର୍ବଶ୍ରୀ କରୁଣାକର ପାଢଶାଣୀ, ମିତା ପ୍ରଧାନ, ଜଳଧର ପ୍ରଧାନ,କଳ୍ପନା ନନ୍ଦ,ଉପେନ୍ଦ୍ର କୁମାର ବଣ୍ଟିଆ, ହରମୋହନ ମିଶ୍ର, କୁଞ୍ଜବିହାରୀ ରାଉତ, ଶିବ ପ୍ରସାଦ ବେହେରା, ଏଲିନା ମହାନ୍ତି, ମଞ୍ଜୁଳା ରଥ,ଡା ଗୀତାଞ୍ଜଳୀ ପତ୍ରୀ, ସବିତା ବଣ୍ଟିଆ,ବିଜୟିନୀ ଜେନା, ରଶ୍ମିବାଳା ରାଉତରାୟ, ଅର୍ଚ୍ଚନା ପାତ୍ର, ଚିତ୍ତରଞ୍ଜନ ବ୍ରହ୍ମା, ଅଜୟ ମହାନ୍ତି, ସତ୍ୟବ୍ରତ ଦାସ , ପ୍ରତାପ କୁମାର ପଣ୍ଡା,ଗଦାଧର ରଥ ଓ ସଂଯୋଜକ ଦ୍ୱୟ ତଥା ସଭାପତି ସରଚିତ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଡଃ ଶକ୍ତି ପ୍ରସାଦ ସାମନ୍ତରାୟ, ଗୌତମ ଦାସ, ତାରିଣୀ ଚରଣ ସାହୁ,ଅଭିରାମ ପ୍ରଧାନ, ବିଜନ ପ୍ରଧାନ,ଭାନୁମତି ପ୍ରଧାନ, ଡଲିରାଣୀ ବ୍ରହ୍ମା, ଡା କୃପାସିନ୍ଧୁ ନାୟକ, ସାଗର ମହାନ୍ତି, ଗଙ୍ଗାଧର ପୁହାଣ, କନକଲତା ମିଶ୍ର, ହରିହର ଶତପଥୀ, ବ୍ରଜବିହାରୀ ଦାଶ, ଅଶୋକ ମହାନ୍ତି, ଦିବାକର ଦାସ,ବିକ୍ରମଚନ୍ଦ୍ର ଆଚାର୍ଯ୍ୟ, ପ୍ରଫୁଲ୍ଲ ସାମଲ, ରଙ୍କନିଧି ସେଠୀ, ରଶ୍ମିତ ସାହାଣୀ, ମୀନକେତନ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ସରୋଜିନୀ ମିଶ୍ରଙ୍କ ପରଲୋକ

ବଲାଙ୍ଗିର, (ପିପିଏସ୍): ମାଲପଡା ନିବାସୀ ସରୋଜିନି ମିଶ୍ରଙ୍କ ୯୩ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ପୁତ୍ର ଆଶୁତୋଷ ମିଶ୍ର, ଅରୁଣ ମିଶ୍ର, ପ୍ରଫେସର ତରୁଣ କୁମାର ମିଶ୍ର ଙ୍କ ସହିତ ନାତି ନାତୁଣି ସିଦ୍ଧାର୍ଥ, ସରୁପ, ଦେବାଶିଷ, ଆଦିତ୍ୟ, ଶିଳା, ପୂଜା, ଅଣନାତି ମାମାଲି, ବାପାଲି ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ଶବ ସତ୍କାରରେ ମାଲପଡା ନାଗରିକ କମିଟି, ରେଲୱେ ଉପଭୋକ୍ତା ସଂଘ ଓ ଖଦ୍ୟୋତ ଅନୁଷ୍ଠାନର ଦିବାକର ହୋତା, ଧର୍ମବ୍ରତ ରଥ, ଯୁଧିଷ୍ଠିର ମିଶ୍ର, ନାରାୟଣ ପାଢୀ, ଅଶୋକ ଗ୍ରନ୍ଦ, ନରେନ୍ଦ୍ର କବାଟ, ରବିଚନ୍ଦ୍ର ପଶାୟତ, ଆକୁଳ ବେହେରା, ଦାମୋଦର ମିଶ୍ର, ଡା. ରାଧାକାନ୍ତ ମିଶ୍ର ଉପସ୍ଥିତ ଥିଲେ । ଜ୍ୟେଷ୍ଠ ପୁତ୍ର ଆଶୁତୋଷ ମିଶ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ପରିଚିତ ମହଳରେ ଶୋକର ଛାୟା ଖେଳିଯାଇଛି ।

# ଜିଲ୍ଲାସ୍ତରୀୟ ଯୁବ ପଡୋଶୀ ସଂସଦୀୟ କାର୍ଯ୍ୟକ୍ରମ

ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଯୁବ ପଡୋଶୀ ସଂସଦୀୟ କାର୍ଯ୍ୟକ୍ରମ ରାୟଗଡାସ୍ଥିତ ମିଟ୍‌ସ ଇଂଜିନିୟରିଂ କଲେଜର ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ମିଟ୍‌ସ କଲେଜର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଅନିତା ମହାପାତ୍ର, ସହକାରୀ ଯନ୍ତ୍ରୀ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପ୍ରକଳ୍ପ, ତତ୍ତ୍ୱୋମସି ମହାପାତ୍ର, ଜିଲ୍ଲା ନିୟୋଜନ ଅଧିକାରୀ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ । ସାଂପ୍ରତିକ ଦିନରେ ଯୁବକମାନେ ସଶକ୍ତ ହୋଇ ଗଣତନ୍ତ୍ରର ମୂଲ୍ୟବୋଧକୁ ବୁଝି ରାଷ୍ଟ୍ର ନିର୍ମାଣରେ କେମିତି ସାମିଲ ହେବେ ଅତିଥିମାନେ ମତପୋଷଣ କରିଥିଲେ । ଜିଲ୍ଲାରୁ ପ୍ରାୟ ୫୦୦ରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଜି-୨୦ ଓ ବସୁଧୈବ କୁଟୁମ୍ବକମ୍ ଶୀର୍ଷକ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ବିଶ୍ୱଜିତ୍ ପଣ୍ଡା ଉପାଧ୍ୟକ୍ଷ ମିଟ୍‌ସ, ପ୍ରଫୁଲ୍ଲ ଧଳ ଜେ.କେ. ପେପର ମିଲ୍‌ସ, ମନୋଜ କୁମାର ମାଜିଲି, ଡିପିଏମ୍ ମିଲେଟ୍ ମିଶନ୍ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ବି. ରମେଶ ଜିଲ୍ଲା ଯୁବ ଅଧିକାରୀ, ନେହେରୁ ଯୁବକେନ୍ଦ୍ର ରାୟଗଡା ସଭାପତିତ୍ୱ କରିଥିବାବେଳେ ଦୁତିଆ ବନଛୋର କାର୍ଯ୍ୟକ୍ରମ ସଂଚାଳନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ସଙ୍ଗେ ସଙ୍ଗେ ଜିଲ୍ଲା ନେହେରୁ ଯୁବକେନ୍ଦ୍ର ଦ୍ୱାରା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ମୁଖ୍ୟଅତିଥି ଏବଂ ସମ୍ମାନନୀୟ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ନେହେରୁ ଯୁବକେନ୍ଦ୍ରର ଏମ୍‌ଟିଏସ୍ ଲକ୍ଷ୍ମୀନାରାୟଣ ସେଠୀ ଏବଂ ମିଟ୍‌ସ କଲେଜର କର୍ମକର୍ତ୍ତାଗଣ ପରିଚାଳନା କରିଥିଲେ ।

## ମିନିଟ୍ରକ ପଛରେ ପିଟିଲା ଟାଟାଏସି, ଅଳ୍ପକେ ବର୍ତ୍ତିଲେ ଦୁଇ ଚାଳକ

ବୌଦ୍ଧ: ସଦର ଥାନା ମୁରୁଷୁଣ୍ଡି ଗ୍ରାମ ନିକଟରେ ମିନିଟ୍ରକ ପଛରୁ ପିଟିଲା ଟାଟା ଏସି ଗାଡି । ତେବେ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତିଛନ୍ତି ଦୁଇ ଚାଳକ । ବୌଦ୍ଧ ଆଦର୍ଶଥାନା ଅନ୍ତର୍ଗତ ମୁରୁଷୁଣ୍ଡି ଗ୍ରାମ ନିକଟରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ଘଟିଛି ଏହି ଦୁର୍ଘଟଣା ।ପ୍ରକାଶ ଯେ, ଖରାପ ହୋଇଥିବା ଟାଟା ଏସି ଗାଡିକୁ ଅନ୍ୟ ଏକ ମିନିଟ୍ରକ ଟାଣି ଟାଣି ନେଉଥିଲା । ମୁରୁଷୁଣ୍ଡି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଟାଟା ଏସି ଗାଡିଟି ଆଗରେ ଥିବା ମିନିଟ୍ରକକୁ ପଛରୁ ଧକ୍କା ଦେଇଥିଲା । ସୌଭାଗ୍ୟ କ୍ରମେ ଦୁଇ ଗାଡିର ଚାଳକ ଦୁର୍ଘଟଣାରୁ ବର୍ତି ଯାଇଛନ୍ତି । ଅନ୍ୟପକ୍ଷରେ ଦୁଇ ଦୁର୍ଘଟଣାଗ୍ରସ୍ତ ଗାଡି ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ପଡିରହିବା ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି । ବୌଦ୍ଧ ଆଦର୍ଶ ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି ।

## ଭକ୍ତି ସଙ୍ଗୀତ ଗୁରୁ ଏମ୍‌ମାଧବ ପାତ୍ରଙ୍କୁ 'ମାଆ ରାଧାଦେବୀ କଳାଶ୍ରୀ' ସମ୍ମାନ

ପାରଳାଖେମୁଣ୍ଡି,(ପିପିଏସ୍): ନବରଙ୍ଗପୁର ଜିଲ୍ଲାର ଏକ ମାତ୍ର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ 'ଭାରତୀ କଳା ନିକେତନ' ଦ୍ୱାରା ଆୟୋଜିତ ସପ୍ତଦଶ ବାର୍ଷିକ ଉତ୍ସବ ଓ ପଞ୍ଚମ ତ୍ରିଦିବସୀୟ ନାଟକ ମହୋତ୍ସବରେ ଭକ୍ତି ସଙ୍ଗୀତ ସଂସଦ, ପାରଳାଖେମୁଣ୍ଡିର ଗୁରୁ ଏମ. ମାଧବ ପାତ୍ରଙ୍କୁ ଅନୁଷ୍ଠାନ ଦ୍ୱାରା 'ମାଆ ରାଧାଦେବୀ କଳାଶ୍ରୀ ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରାଯାଇଛି । ତାଙ୍କର ଯନ୍ତ୍ରସଙ୍ଗୀତ ପରିଚାଳନା ଓ ସୁଲଳିତ କଣ୍ଠ ସଙ୍ଗୀତକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରାଯାଇଛି କ୍ଷ ଉକ୍ତ ସମ୍ବର୍ଦ୍ଧିତ ସଭାରେ ମାନ୍ୟବର ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି, ନାଟ୍ୟକାର ଗୌରୀ ପ୍ରସାଦ ରଥ, ନାଟ୍ୟକାର ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ତଥା ଅନୁଷ୍ଠାନର ଅଧ୍ୟକ୍ଷା ମଧୁସ୍ମିତା ମହାରଣା ଓ ପ୍ରତିଷ୍ଠାତା ସମ୍ପାଦକ ଅଧ୍ୟାପକ ଗୋପାଳ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ କ୍ଷ ଅତିଥି ମାନେ ଏମ୍ ମାଧବ ପାତ୍ରଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପମାଲ୍ୟ ଓ ଅନୁଷ୍ଠାନର ସ୍ମୃତି ଫଳକ ପ୍ରଦାନପୂର୍ବକ ତାଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ମାଆ ରାଧାଦେବୀ କଳାଶ୍ରୀ ସମ୍ମାନ-୨୦୨୩' ରେ ସମ୍ବର୍ଦ୍ଧିତ କରିଥିଲେ । ଏଥିପାଇଁ ପାରଳାଖେମୁଣ୍ଡି ଓ ଭକ୍ତି ସଙ୍ଗୀତ ସଂସଦ ର କଳାପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଗର୍ବ ଅନୁଭବ କରିଛନ୍ତି ।

# କାଗଜକଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଆନ୍ଦୋଳନ ଚେତାବନୀ

ଜୟପୁର: କାଗଜକଳ ଶ୍ରମିକ ସଂଘ ସଭାପତି ଏବଂ ଅବସରପ୍ରାପ୍ତ ଶ୍ରମିକ ଆବାହକ ପ୍ରମୋଦ କୁମାର ମହାନ୍ତି କାଗଜ କଳ ୟୁନିଟ୍ ହେଡ୍ ଓ ଏଚ୍‌ଆର୍ ହେଡ୍‌ଙ୍କୁ ଲେଖି ଜଣେଇଛନ୍ତି ଯେ, ସମସ୍ତ ଜୀବିତ ଅବସରପ୍ରାପ୍ତ ଶ୍ରମିକମାନଙ୍କୁ ଗ୍ରାଚ୍ୟୁଇଟି ଓ ବକେୟା ପାଉଣା ତୁରନ୍ତ ପ୍ରଦାନ କର ନଚେତ୍ କାରଖାନା ଗେଟ୍ ବାହାରେ ହେଉ କି ବାସଭବନ ଆଗରେ ପୁଣି ଧାରଣା, ଆନ୍ଦୋଳନ ଆରମ୍ଭ ହେବ । ପ୍ରକାଶ ଥାଉକି, ୧୩ ମାର୍ଚ୍ଚ ରାସ୍ତା ଅବରୋଧ ଆନ୍ଦୋଳନରେ ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ବିଧବା ପତ୍ନୀମାନଙ୍କ ସେଥିରେ ଯୋଗଦାନ ପରେ ଶ୍ରମ ବିଭାଗ ଚାପରେ ମ୍ୟାନେଜମେଂଟ ୩୦ ଜଣ ମୃତ ଶ୍ରମିକଙ୍କ ପରିବାରକୁ ୮୧ ଲକ୍ଷ ଗ୍ରାଚ୍ୟୁଇଟି ଦେବାପାଇଁ ଲିଖିତ ଭାବେ ଦେଇଛି । ଶ୍ରମ ବିଭାଗର ଉଦ୍ୟମକୁ ପ୍ରଶଂସା କରିବା ସହ ମ୍ୟାନେଜମେଣ୍ଟକୁ ପ୍ରଶ୍ନ କରିଛନ୍ତି ଯେ, ଅବସରପ୍ରାପ୍ତ ଶ୍ରମିକମାନେ ମୃତ୍ୟୁବରଣ କରିବା ପରେ ଗ୍ରାଚ୍ୟୁଇଟି ଦେବକି ?

ମ୍ୟାନେଜମେଣ୍ଟ ସବୁବେଳେ ଆର୍ଥିକ ଦୁର୍ଗତି କଥା କହି ଆସୁଛି । କିନ୍ତୁ ବାସ୍ତବ କଥା ହେଉଛି ୧୫୦ କୋଟି ଟଙ୍କା ଋଣ ନେଇ ସେଥିରୁ ଗୌତମ ଥାପରକୁ ୧୦୦ କୋଟି ଦେଇ ଦେବା ପରେ କାରଖାନାକୁ ଚଳେଇବା ପାଇଁ ଆବଶ୍ୟକ କଂଚାମାଲ୍ କିଣି ଆଣି ପାରୁନାହିଁ । ଅନ୍ୟଦିଗରେ ଆର୍ଥିକ ଦୁର୍ଗତି ବେଳେ ମ୍ୟାନେଜମେଂଟ ଅଧିକାରୀମାନେ ଶତକଡା ୧୦ ଭାଗ ଦରମାରେ ବୃଦ୍ଧି ପାଇଛନ୍ତି । କେବଳ ଶ୍ରମିକମାନଙ୍କୁ ଶୋଷଣ କରି ଚାଲିଛି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପି ଏଫ୍ ଟଙ୍କା ଡିପୋଜିଟ୍ ୨୦୨୦ ଜୁଲାଇ ପରେ କମ୍ ଦରମାରୁ ହେଉଥିବାରୁ ତାପରେ ଅବସର ନେଉଥିବା ଶ୍ରମିକ ମାନେ ବହୁତ କମ୍ ପେନସନ୍ ପାଇବେ ଏବଂ ମୃତ ଶ୍ରମିକ ମାନଙ୍କ ପରିବାର ବର୍ଗଙ୍କୁ ଇଡିଏଲଆଇ ସ୍କିମ୍ ରୁ ମିଳିବାକୁ ଥିବା ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ ପରିବାର ଲୋକେ ହରେଇବେ । ଏଣୁ ଯଥାଶୀଘ୍ର କାର୍ଯ୍ୟରତ ଶ୍ରମିକ ମାନଙ୍କୁ ପୁରା ଦରମା ଦେବା ସହ ପିଏଫ୍ ଜମାରାଶି ପୈଠ କରନ୍ତୁ । ଏ ସମ୍ବନ୍ଧରେ ଏକ ଚିଠି ୟୁନିଅନ ପକ୍ଷରୁ ଦେଇ ସମସ୍ୟା ସମାଧାନ ପାଇଁ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଦାବି କରିଛନ୍ତି ।

# ଭିତ୍ତିଭୂମି ପ୍ରକଳ୍ପ ଓ ଜୀବିକା ସଂକ୍ରାନ୍ତରେ ସାଧାରଣ ଅଭିଯୋଗ ଶୁଣାଣି

ଝାରସୁଗୁଡ଼ା: ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ.ପାଣ୍ଡିଆନ ଭିତ୍ତିଭୂମି ପ୍ରକଳ୍ପ ଓ ଜୀବିକା ସଂକ୍ରାନ୍ତରେ ସାଧାରଣ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଂଚଳର ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଝାରସୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଝାରସୁଗୁଡ଼ା ବ୍ଲକ ଓ ପୌରପରିଷଦ ଅଂଚଳର, ଲଖନପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଲଖନପୁର ବ୍ଲକ, ବ୍ରଜରାଜନଗର ଓ ବେଲପାହାଡ଼ ପୌରପରିଷଦ ଅଂଚଳର ଏବଂ କୋଲାବିରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୋଲାବିରା, କିର୍ମିରା ଓ ଲଇକେରା ବ୍ଲକ ଅଂଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଓ ଅଧ୍ୟାପକଙ୍କ ଅଭିଯୋଗ ଶୁଣାଣି କରିଥିଲେ । ଶିକ୍ଷାନୁଷ୍ଠାନରେ ଶ୍ରେଣୀ ଗୃହ ନିର୍ମାଣ, ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ପରୀକ୍ଷା ପାଇଁକକ୍ଷ, ପାଚେରୀ, ବାଳକ ବାଳିକାଙ୍କ ସକାଶେ କମନ ରୁମ୍ ତଥା

# ରୁକୁଣା ରଥ ପାଇଁ ସମନ୍ୱୟ ବୈଠକ

**ଭୁବନେଶ୍ୱର (ପିପିଏସ୍):** ଏପ୍ରିଲ୍ ୨୯ ତାରିଖ ଶନିବାର ପଡୁଛି ପବିତ୍ର ଅଶୋକାଷ୍ଟମୀ । ରୁକୁଣା ରଥଯାତ୍ରା ପାଇଁ ଗତକାଲି ସତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ରଥଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି । ମାତ୍ର ଏଥିରେ ସେବାୟତମାନେ ଯୋଗ ଦେଇନାହାନ୍ତି । ସେବାୟତମାନଙ୍କ ଦୀର୍ଘ ଦିନ ଦାବି ପ୍ରତି ସରକାର ଉଦାସୀନ ରହିବା ଅଭିଯୋଗ କରି ସେବାୟତମାନେ ଏହି ବୈଠକକୁ ଆସିନଥିବା ଜଣାପଡ଼ିଛି । ତେବେ ରଥଯାତ୍ରାରେ ମହାପ୍ରଭୁଙ୍କ ସବୁ ନୀତିକାନ୍ତିରେ ସେମାନେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିବେ ବୋଲି ଜଣାଇଦେଇଛନ୍ତି । ତେଣୁ ସେମାନେ ଅଭିମାନରେ ବୈଠକକୁ ବର୍ଜନ କରିଥିଲେ ବି ଜାଗର ଭଳି ରଥଯାତ୍ରା ବିଳମ୍ବିତ ହେବା ଆଶଙ୍କା ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ଜୋର୍ ଧରିଛି । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବୈଠକରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଉପଜିଲ୍ଲାପାଳ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସାଇଁ, ବିଏମ୍‌ସି ଅତିରିକ୍ତ କମିସନର, ଅତିରିକ୍ତ ଡିସିପି, ଲିଙ୍ଗରାଜ ଥାନା ଅଧିକାରୀ, ଟ୍ରାଫିକ୍ ପୁଲିସ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ପୂର୍ତ୍ତବିଭାଗ ଏବଂ ୱାଟ୍‌କୋର ଅଧିକାରୀମାନେ ଉପସ୍ଥିତ ଥିଲେ । ଅପରାହ୍ନ ସାଢ଼େ ୧୨ଟାରୁ ସାଢ଼େ ୧ଟା ମଧ୍ୟରେ ପହଣ୍ଡି ନୀତି ସଂପନ୍ନ ହେବ ଏବଂ ମହାପ୍ରଭୁ ରଥାରୁଢ଼ ହେବେ । ରଥରେ ନୀତିକାନ୍ତି ସରିବା ପରେ ସାଢ଼େ ୩ଟାରୁ ରଥଟଣା ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି । ରଥଯାତ୍ରା ବେଳେ ରାମେଶ୍ୱର ପାଟଣା ଛକ, ଇଲେକ୍ଟ୍ରିଶିଟି ଅଫିସ ଛକ, କେଦାରଗୌରୀ ଛକ, ବଡ଼େଇବାଙ୍କ ଛକଠାରୁ ରାସ୍ତା ସିଲ୍ କରାଯିବ । ସେହିପରି ୱାଟ୍‌କୋ ପକ୍ଷରୁ ଅସ୍ଥାୟୀ ଟ୍ୟାପ୍ ଜରିଆରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଯୋଗାଇ ଦିଆଯିବ । ରଥଖଳା ନିକଟରେ, ବଡ଼େଇବାଙ୍କ ଛକରେ, ରାମେଶ୍ୱର ମନ୍ଦିର ନିକଟରେ ଓ ରଥ ପଛ ପଟେ ପାଣି ଟାଙ୍କି ରହିବ । ରଥ ଉପରେ ଭିଡ଼ କମାଇବାକୁ ବିଚାର କରାଯାଇଛି । ଭିଡ଼ ଯୋଗୁଁ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିପାରୁନଥିବାରୁ ଏଥର କିଛି ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି । ପୁଲିସ ଓ ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧିମାନେ ଏଥିପାଇଁ ନଜର ରଖିବେ ବୋଲି ନିଷ୍ପତ୍ତି ହୋଇଛି । ଏଥର ରଥ ପାଖରେ ଅଧିକ ଲାଇଟ୍ ଲାଗିବ । ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ରଥ ଅବସ୍ଥାନ କରିବା ସ୍ଥାନରେ ପୂର୍ବାପେକ୍ଷା ଅଧିକ ଆଲୋକ ବ୍ୟବସ୍ଥା କରାଯିବ ।

# ଭିନ୍ନକ୍ଷମଙ୍କୁ ଆଧୁନିକ ମୋଟର ଯାନ ପ୍ରଦାନ

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ୫୦ଟି ରେଟ୍ରୋ-ଫିଟେଡ୍ ମୋଟର ଯାନ ବଣ୍ଟନ କରାଯାଇଛି । ଆଜି ପୋଖରୀପୁଟସ୍ଥିତ ନ୍ୟାସନାଲ୍ କ୍ୟାରିୟର ସର୍ଭିସ୍ ସେଣ୍ଟର ଫର୍ ଡିଫରେଣ୍ଟଲି ଏବୁଲଡ୍ (ଏନ୍‌ସିଏସ୍‌ସିଡିଏ) ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଏହି ଅତ୍ୟାଧୁନିକ ମୋଟର ଯାନ ବଣ୍ଟନ କରିଥିଲେ । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସହଜ ଓ ସରଳ ଯାତାୟତ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ଉଦ୍ୟମ ଓ ରାଜ୍ୟରେ ଭିନ୍ନକ୍ଷମ ସଶକ୍ତୀକରଣ କ୍ଷେତ୍ରରେ ଏପରି କାର୍ଯ୍ୟକ୍ରମ ଭିନ୍ନକ୍ଷମମାନଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି । ଏଥିରେ ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭାଗକୁ ପ୍ରଶଂସା କରିଥିଲେ । ହିରୋ ମୋଟର୍ସର ଓଡ଼ିଶା ମୁଖ୍ୟ ହର୍ଷବର୍ଦ୍ଧନ ସମାଜ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଉଦ୍ୟୋଗଗୁଡ଼ିକ ଆଗ୍ରହୀ ଅଛନ୍ତି ବୋଲି ପ୍ରକାଶ କରି ଭିନ୍ନକ୍ଷମମାନଙ୍କୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଏପରି ମୋଟର ଯାନ ବିତରଣ କରାଯାଉଥିବାରୁ ଖୁସି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୋଟର ଯାନଗୁଡ଼ିକର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେବା ସହିତ ଭିନ୍ନକ୍ଷମମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ବିଭାଗୀୟ ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯକ୍ଷ୍ମା ଓ ମେରୁଦଣ୍ଡ ଯକ୍ଷ୍ମା ରୋଗର ନିରାକରଣ ସମ୍ଭବ

**ଭୁବନେଶ୍ୱର (ପିପିଏସ୍):** ଜନସାଧାରଣଙ୍କ ମଧ୍ୟରେ ଯକ୍ଷ୍ମାରୋଗ ପ୍ରତି ସଚେତନତା ସୃଷ୍ଟି କରିବା ସହ ଏହାର ନିରାକରଣ 'ବିଶ୍ୱ ଯକ୍ଷ୍ମା ଦିବସ' ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୪ରେ ଏହି ଦିବସ ପାଳନ କରାଯାଇଥାଏ । ଏହି ଅବସରରେ କିମ୍‌ସର ବିଶେଷଜ୍ଞ କହିଛନ୍ତି ଯେ ଯକ୍ଷ୍ମା ଓ ମେରୁଦଣ୍ଡ ଯକ୍ଷ୍ମା ରୋଗର ନିରାକରଣ ସମ୍ଭବ । ୨୦୨୫ ସୁଦ୍ଧା ଭାରତରୁ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ(ଏନ୍‌ଟିଇପି)ର ଲକ୍ଷ୍ୟ ହାସଲ ଦିଗରେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନସେସ୍ (କିମ୍‌ସ) କାର୍ଯ୍ୟ କରୁଛି । ଯକ୍ଷ୍ମାର ବିଭିନ୍ନ ଚିକିତ୍ସା ସମେତ ଉନ୍ନତ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ଭବ ହୋଇପାରୁଛି । କିମ୍‌ସ ସୁପର ସ୍ପେସିଆଲିଟିରେ ଏହାର ଚିକିତ୍ସା ପାଇଁ ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି ବୋଲି କିମ୍‌ସର ଅସ୍ଥିଶଲ୍ୟ ଏବଂ ସ୍ନାୟୁ ବିଶେଷଜ୍ଞ ତଥା ଓଡ଼ିଶା ସ୍ପାଇନ୍ ସୋସାଇଟିର ସମ୍ପାଦକ ଡା. ଜିତେନ୍ଦ୍ର କୁମାର ରାଉତ କହିଛନ୍ତି । ଓଡ଼ିଶା ଲୋକଙ୍କ ମଧ୍ୟରେ ମେରୁଦଣ୍ଡ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ପାଇବା ଆବଶ୍ୟକ ବୋଲି ସେ କହିଛନ୍ତି । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକ୍ରମେ କିମ୍‌ସ ସୁପର ସ୍ପେସିଆଲିଟିରେ ବିରଳ ରୋଗର ସଫଳ ଚିକିତ୍ସା କରାଯାଇପାରୁଛି । ଦେଶରେ ପ୍ରତିବର୍ଷ ଯକ୍ଷ୍ମା ରୋଗରେ ବହୁ ଲୋକଙ୍କ ପ୍ରାଣ ହାନି ଘଟୁଛି । ଏହା ଏକ ସଂକ୍ରାମକ ରୋଗ ଏବଂ ଏହା ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବୋକୁଲୋସିସ୍ ନାମକ ଏକ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ ବୋଲି ଡା. ରାଉତ କହିଛନ୍ତି । ସଂକ୍ରମିତ ବ୍ୟକ୍ତିର କାଶ, କଫ ଓ ଛିଙ୍କ ଆଦି ସଂସ୍ପର୍ଶରେ ଆସିଲେ ଏହି ରୋଗ ବ୍ୟାପିଥାଏ । ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ, ଏଚ୍‌ଆଇଭି ସଂକ୍ରମିତ, ଅତ୍ୟଧିକ ଧୂମପାନ କରୁଥିବା ଏବଂ ଅପପୁଷ୍ଟିର ଶିକାର ହୋଇଥିବା ଲୋକ ଏଥିରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥାଏ । ଏହି ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ । ଏହା ସହ ନଖ ଏବଂ ବାଳକୁ ଛାଡ଼ି ଶରୀରର ଲସିକାଗ୍ରନ୍ଥି, ହାଡ଼ ଓ ଗଣ୍ଠି, ଅନ୍ତନଳୀ, ଯକୃତ, ହୃତପିଣ୍ଡ ଓ ଚର୍ମ ଆଦିକୁ ଆକ୍ରାନ୍ତ କରିଥାଏ । ବିଶେଷ କରି ମେରୁଦଣ୍ଡକୁ ଆକ୍ରାନ୍ତ କରିଥାଏ । ଠିକ୍ ସମୟରେ ଏହି ରୋଗକୁ ଚିହ୍ନଟ କରିବା ସହିତ ଚିକିତ୍ସା କରାଯାଇପାରିଲେ ରୋଗୀମାନେ ସାଧାରଣ ଜୀବନଯାପନ କରିପାରିବେ ବୋଲି ପ୍ରଫେସର ରାଉତ ପରାମର୍ଶ ଦେଇଛନ୍ତି ।

# ଓଡ଼ିଶା ଦଳିତ ଅଧିକାର ମଞ୍ଚର ସାଧାରଣ ବୈଠକ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ରେଡକ୍ରସ୍ ଭବନଠାରେ ଓଡ଼ିଶା ଦଳିତ ଅଧିକାର ମଞ୍ଚର ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ମାନସ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ । ସଭାରେ ଓଡ଼ିଶାର ଅନୁସୂଚିତ ଜାତିମାନଙ୍କ ଶିକ୍ଷା, ଜମି, ନିଯୁକ୍ତି, ନିର୍ଯାତନା, ଦାଦନ ଓ ବାସଚ୍ୟୁତ ସମସ୍ୟା ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟ୍‌ରେ ଥିବା ଅନୁସୂଚିତ ଜାତି ଉନ୍ନୟନ ଯୋଜନା ବ୍ୟୟବରାଦ ଉପରେ ଆଲୋଚନା ହୋଇଥିଲା । ଶ୍ରୀ ଜେନା କହିଥିଲେ ଯେ, ଓଡ଼ିଶା ଜନସଂଖ୍ୟାର ୧୭ଭାଗ ଅନୁସୂଚିତ ଜାତିର ଲୋକମାନଙ୍କ ଅବସ୍ଥାରେ ବିଶେଷ ପରିବର୍ତ୍ତନ ଆସିନାହିଁ । ଦାରିଦ୍ର୍ୟ ହାର କମିଥିଲେ ମଧ୍ୟ ଏହି ବର୍ଗର ଲୋକମାନେ ଆଜି ବି ସବୁ ଦୃଷ୍ଟିରୁ ସମାଜର ତଳ ଶ୍ରେଣୀରେ ରହିଛନ୍ତି । ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଡକ୍ଟର କଲ୍ୟାଣ ରାୟ, କଳ୍ପନା ପଟ୍ଟନାୟକ, ପ୍ରଫେସର ପଙ୍କଜ ନାୟକ, ସୁରେଶ ପାଣିଗ୍ରାହୀ, ନାରାୟଣ ରେଡ୍ଡୀ, ରାଧାକାନ୍ତ ସେଠୀ, ଡକ୍ଟର ସଦାନନ୍ଦ ବାଗ, ସନ୍ଦୀପ ପଟ୍ଟନାୟକ, ବାସୁଦେବ ସୁନାନୀ, ମଧୁସୂଦନ ସେଠୀ ଓ କୈଳାସ ନାୟକ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଲୋକପ୍ରତିନିଧି ଓ ଶ୍ରମିକନେତା, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ । ପରେ ଏକ ପ୍ରତିନିଧି ମଣ୍ଡଳୀ ଏହି ମର୍ମରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ଖଣ୍ଡଗିରି-ଉଦୟଗିରି ମଝି ରାସ୍ତା ପୁଣି ବନ୍ଦ

**ଭୁବନେଶ୍ୱର (ପିପିଏସ୍):** ପୁଣି ବନ୍ଦ ହେଲା ଖଣ୍ଡଗିରି-ଉଦୟଗିରି ମଝି ରାସ୍ତା । ପୂର୍ବରୁ ଖଣ୍ଡଗିରି ଯାତ୍ରାବେଳେ ବ୍ୟାରିକେଡ୍ କରି ଏହି ରାସ୍ତାକୁ ବନ୍ଦ କରାଯାଇଥିଲା । କିନ୍ତୁ ଖଣ୍ଡଗିରି ମେଳା ସରିବା ପରେ ଏଏସ୍‌ଆଇର ଦାୟିତ୍ୱହୀନତା ପାଇଁ ବ୍ୟାରିକେଡ୍ ସୁରକ୍ଷିତ ରହିପାରିଲାନାହିଁ ଏବଂ ଉକ୍ତ ରାସ୍ତାରେ ଲୋକେ ଯାତାୟାତ କରିବା ଆରମ୍ଭ କରିଥିଲେ । ଏମିତିକି ଭାରିଯାନ ବି ଚଳାଚଳ ଆରମ୍ଭ ହୋଇଯାଇଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏଏସ୍‌ଆଇର ଚେତା ଫେରିଛି । ଆଜି ପୁଣି ବ୍ୟାରିକେଡ୍ ପକାଇ ଉକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଏହି ମଝି ରାସ୍ତାରେ ଭାରୀଯାନ ଚଳାଚଳ କରିବା ଦ୍ୱାରା ଖଣ୍ଡଗିରି-ଉଦୟଗିରି ଐତିହ୍ୟ ଅସୁରକ୍ଷିତ ହୋଇପଡୁଥିଲା ବୋଲି ଗବେଷକମାନେ ଆଶଙ୍କା କରିଥିଲେ । ତେଣୁ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା । ମାତ୍ର ସ୍ଥାନୀୟ ଲୋକଙ୍କ ଯାତାୟାତ ପାଇଁ ସମସ୍ୟା ଥିବାରୁ ଏହାକୁ ବନ୍ଦ କରାଯାଇପାରୁନଥିଲା । ମାତ୍ର ଏବେ ଏହି ପାହାଡ଼ ଚାରିକଡ଼ରେ ଉନ୍ନତମାନର ରାସ୍ତା ହୋଇସାରିଥିବାରୁ ସ୍ଥାନୀୟ ଲୋକଙ୍କ ସମସ୍ୟା ନାହିଁ । ତେଣୁ ଏହି ମଝି ରାସ୍ତାକୁ ବନ୍ଦ କରିଦିଆଗଲା । ପାଟ୍ଟିକା ଛକରୁ ବସ୍ ଟର୍ମିନାଲ ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରିଦିଆଗଲା । ପାଟ୍ଟିକା ଛକରେ ବ୍ୟାରିକେଡ୍ ପକାଇଦିଆଗଲା । ମାତ୍ର ଖଣ୍ଡଗିରି ମେଳା ସରିବା ପରେ ଏହି କଟକଣା ଉପରେ ଏଏସ୍‌ଆଇର ନଜର ରହିଲା ନାହିଁ । ତେଣୁ ବ୍ୟାରିକେଡ୍ ?କୁ ଘୁଞ୍ଚାଇ ଲୋକେ ପୁଣି ଗାଡ଼ିରେ ଯା'ଆସ କଲେ । ଏନେଇ ଖବର ପ୍ରସାରଣ ହେବା ପରେ ଆଜିଠାରୁ ପୁଣି ଏହି ରାସ୍ତାକୁ ବନ୍ଦ କରିଦିଆଯାଇଛି । ସୂଚନାନୁସାରେ ପାର୍କିଂ ସ୍ଥଳୀରୁ ପାହାଡ଼ ପର୍ଯ୍ୟନ୍ତ ବୟସ୍କ ଲୋକଙ୍କ ଯାତାୟାତ ପାଇଁ ଖୁବ୍ ଶୀଘ୍ର ବ୍ୟାଟେରିଚାଳିତ ଯାନ ଚଳାଚଳ ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି ।

# ଏପ୍ରିଲ୍‌ରେ ବଣ୍ଟା ହେବ ୫୦ ହଜାର ଜମି ଅଧିକାର ପ୍ରମାଣପତ୍ର

**ଭୁବନେଶ୍ୱର (ପିପିଏସ୍):** ଜାଗା ମିସନକୁ ନେଇ ବିବାଦ ଥମୁନି । ଏବେ ଚାଲିଥିବା ସର୍ଭେରେ ବସ୍ତି ଉନ୍ନୟନ ସଂଘ(ଏସ୍‌ଡିଏ)ର ହସ୍ତକ୍ଷେପ ସୀମା ଲଂଘିଛି । ନିଜ ସ୍ୱାର୍ଥ ସାଧନ କରିବାକୁ ଯାଇ ଏସ୍‌ଡିଏ ଏହି ସର୍ଭେ ତାଲିକାରୁ ଯୋଗ୍ୟ ହିତାଧିକାରୀଙ୍କ ନାଁ କାଟି ଦେଉଛି । ଏଭଳି ଅଭିଯୋଗ ଦିନକୁ ଦିନ ବଢ଼ି ବଢ଼ି ଯାଉଛି । ଏ ଯାବତ୍ ବିଏମ୍‌ସି ୧୪ ଏସ୍‌ଡିଏଙ୍କୁ କୈଫିୟତ ତଲବ କରିଥିବା ବେଳେ ୯ ଜଣ ଉତ୍ତର ଦେଇଛନ୍ତି । କିନ୍ତୁ ଉତ୍ତର ସନ୍ତୋଷଜନକ ହୋଇ ନାହିଁ । ବାକି ୫ଟି ସଂଘର ଉତ୍ତର ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଏମ୍‌ସି କହିଛି । ସରକାର ଏହି ମିସନକୁ ଗୁରୁତ୍ୱ ଦେଇଛନ୍ତି । ବସ୍ତିକୁ ଉଚ୍ଛେଦ ନ କରି ସେମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦେବା ପାଇଁ ଘୋଷଣା କରିଛନ୍ତି । ଏହି କ୍ରମରେ ଏପ୍ରିଲ୍ ସୁଦ୍ଧା ଭୁବନେଶ୍ୱରରେ ୫୦ ହଜାର ବସ୍ତିବାସିନ୍ଦାଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ସର୍ଭେ କରାଯିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ଏଭଳି ସ୍ଥିତିରେ ଏସ୍‌ଡିଏଙ୍କ ବେଆଇନ ହସ୍ତକ୍ଷେପ ଏହି ମିସନ୍‌ରେ ବାଧକ ସାଜିଛି । ଏଣୁ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଏମ୍‌ସି ପ୍ରକ୍ରିୟା ଆରମ୍ଭ କରିଛି ।

ଏଭଳି ଅଭିଯୋଗ ନିୟମିତ ଆସୁଛି । କେତେକ ଏସ୍‌ଡିଏ ଏକ ପ୍ରକାର ଦଲାଲ ସାଜିଛନ୍ତି । ନାଁ ଯୋଡ଼ିବା ଓ ନାଁ କାଟିବା ପାଇଁ ମୋଟା ଅଙ୍କର ହାତଗୁଞ୍ଜା କାରବାର ହେଉଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ବିଏମ୍‌ସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗର ତଦନ୍ତ କରୁଛନ୍ତି । ପ୍ରମାଣ ମିଳିବା ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଉଛି । ତେବେ ଏହାକୁ କିଭଳି ଜଗିବେ ସେ ନେଇ ବିଏମ୍‌ସି ଚିନ୍ତାରେ ପଡ଼ିଛି । କେବଳ ଅଭିଯୋଗ ଆସିଲେ ତାହାର ସମାଧାନ କରାଯାଉଥିବା ବେଳେ ଯେଉଁଠି ଅଭିଯୋଗ ଆସୁନାହିଁ କିମ୍ବା ହିତାଧିକାରୀ ଜାଣି ପାରୁ ନାହାନ୍ତି ସେଠାରେ କଣ କରାଯିବ ସେ ନେଇ ମାନସମନ୍ଥନ ଆରମ୍ଭ ହୋଇଛି । ସର୍ଭେ କରୁଥିବା ଘରୋଇ ସଂସ୍ଥାକୁ ଏହା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି । ସେହିଭଳି ଅନେକ ଜାଗାରେ ବସ୍ତିବାସିନ୍ଦା ସର୍ଭେର ବିରୋଧ କରୁଛନ୍ତି । ସରକାର ନିର୍ଦ୍ଦିଷ୍ଟ ପରିମାଣର ଜମି ଉପରେ ଅଧିକାର ପ୍ରମାଣପତ୍ର ଦେବା ଯୋଜନା କରିଥିବା ବେଳେ ସେମନେ ଅଧିକ ଜମି ମାଡ଼ି ବସିଛନ୍ତି । ପ୍ରମାଣପତ୍ର ମିଳିବା ପରେ ଅତିରିକ୍ତ ଜମି ଜବରଦଖଲ ମୁକ୍ତ ହେବା ସହ ସରକାରଙ୍କ ଦଖଲକୁ ଚାଲିଯିବ । ଏହି ଭୟରେ ସେମାନେ ସର୍ଭେ କରାଇ ଦେଉ ନାହାନ୍ତି । ଯେଉଁଠି ଏଭଳି ସମସ୍ୟା ହେଉଛି ସେଠାରେ ସର୍ଭେ ହୋଇପାରୁ ନାହିଁ । ଫଳରେ ସେମାନେ ଏହି ମିସନ୍‌ରୁ ବାଦ୍ ପଡ଼ିବା ସହ ଭବିଷ୍ୟତରେ ଜବରଦଖଲ ଉଚ୍ଛେଦର ଶିକାର ହେବା ଆଶଙ୍କା ସୃଷ୍ଟି ହୋଇଛି । ଅଦ୍ୟାବଧି ୪ଟି ବସ୍ତିରେ ଏଭଳି ସମସ୍ୟା ହୋଇଛି ।

# 'ଡିଜେ ଆଜେକ୍ସ'ଙ୍କ ଆତ୍ମହତ୍ୟା ମୋବାଇଲ୍‌ରୁ ପ୍ରମାଣ ଖୋଜୁଛି ପୁଲିସ

**ଭୁବନେଶ୍ୱର (ପିପିଏସ୍):** ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା ଉପରୁ ପରଦା ହଟାଇବା ଲାଗି ତଦନ୍ତ ପ୍ରକ୍ରିୟାକୁ ଆଗେଇଛି କମିସନରେଟ୍ ପୁଲିସ । ଦିନ ଗଡ଼ିବା ସହ ନୂଆନୂଆ ତଥ୍ୟ ପଦାକୁ ଆସୁଥିବାରୁ ତଦନ୍ତକାରୀ ଟିମ୍ ଲାଗି ଆହ୍ୱାନ ହୋଇଛି । 'ଡିଜେ ଆଜେକ୍ସ'ଙ୍କ ଆତ୍ମହତ୍ୟାର କାରଣ ପୁଲିସ ଖୋଜୁଥିବା ବେଳେ ପୁଣି ସାମ୍‌ନାକୁ ଆସିଛି ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ । 'ଡିଜେ ଆଜେକ୍ସ' ଆତ୍ମହତ୍ୟା କରିଥିବା ଦିନ ଅର୍ଥାତ୍ ଶନିବାର ସନ୍ଧ୍ୟା ସନ୍ଧ୍ୟା ୬ଟା ୪୫ମିନିଟ୍‌ରେ ଘଣ୍ଟାର ବ୍ୟାଟେରୀ ଖୋଲିଥିଲେ ଆଜେକ୍ସ । ଆଉ ସନ୍ଧ୍ୟା ୬ଟା ୫୭ ମିନିଟ୍‌ରେ ପ୍ରେମିକାଙ୍କୁ ଫୋନ କରିଥିଲେ । ପ୍ରାୟ ୯୭ସେକେଣ୍ଡ କଥା ହୋଇଥିଲେ । ଏହାର କିଛି ସମୟ ପରେ ପ୍ରେମିକା ଆଜେକ୍ସଙ୍କୁ ଭିଡ଼ିଓ କଲ୍ କରିଥିଲେ । ମାତ୍ର ସେ ଭିଡିଓ କଲ ଉଠାଇ ନ ଥିଲେ । ଏଣୁ ପ୍ରେମିକା ଭିଡିଓ କଲ କରିବା ବେଳକୁ ଆଜେକ୍ସ ଆତ୍ମହତ୍ୟା କରି ସାରିଥିବା ସନ୍ଦେହ କରୁଛି ପୁଲିସ । ଆତ୍ମହତ୍ୟା ପୂର୍ବର

# ନବରାତ୍ର ପୂଜାର ତୃତୀୟ ଦିନ

ମା' କଟକ ଚଣ୍ଡୀଙ୍କ ସୁନାବେଶ।

ମା' ଗଡ଼ଚଣ୍ଡୀଙ୍କ ରାଜାରାଜେଶ୍ୱରୀ ବେଶ

ମା' ବାସନ୍ତୀ ଦୁର୍ଗାଙ୍କ ଚନ୍ଦ୍ରଘଣ୍ଟା ବେଶ

(ଫଟୋ : ସରୋଜ)

## ଚୌଦ୍ୱାର ପୌରପାଳିକାରେ ରାସ୍ତା ଆଲୋକ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ପୌରପାଳିକାରେ ରାସ୍ତା ଆଲୋକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଲାଣି । ପୌରପାଳିକା ତରଫରୁ ମୁଖ୍ୟରାସ୍ତା ତଥା ୱାର୍ଡ ଗୁଡିକର ରାସ୍ତାକଡ଼ ଖୁଣ୍ଟରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ ଗୁଡିକ ବହୁ ସଂଖ୍ୟାରେ ଅଚଳ ହୋଇ ଯାଇଥିବାରୁ ସନ୍ଧ୍ୟାହେଲେ ରାସ୍ତା ଅନ୍ଧାର ରହୁଥିବା ଦେଖିବାକୁ ମିଳୁଛି । ଫଳରେ ଜନସାଧାରଣ ନାନାଦି ସମସ୍ୟା ଭୋଗୁଛନ୍ତି । ପୌରାଞ୍ଚଳରେ ରାସ୍ତା ଆଲୋକିକରଣ ବ୍ୟବସ୍ଥାକୁ ସରକାର ଘରୋଇ କରଣ କରିଥିବା ଏବଂ ସମ୍ପୃକ୍ତ କମ୍ପାନୀ ଏଦିଗରେ କୌଣସି ପଦକ୍ଷେପ ନେଉ ନଥିବାରୁ ଆବଶ୍ୟକତା ଥିବା ସ୍ଥାନ ମାନଙ୍କରେ ନୂତନ ଲାଇଟ ଲଗାଇବା ପୌରପାଳିକା ତରଫରୁ ସମ୍ଭବ ହୋଇପାରୁନାହିଁ ବୋଲି ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି । ରାସ୍ତାରେ ଲଗାଯାଇଥିବା କିଛି ଷ୍ଟ୍ରିଟ୍‌ଲାଇଟ ଆଜକୁ ଦୀର୍ଘଦିନ ହେବ ଜଳୁନାହିଁ ।ଲାଇଟ ଲଗାଇବା ଏବଂ ମରାମତି ଦାୟିତ୍ୱରେ ଥିବା ଘରୋଇ କମ୍ପାନୀ କର୍ମଚାରୀ ମାନେ ସେମାନଙ୍କ ଦରମା ପାଇ ନଥିବାରୁ କାର୍ଯ୍ୟକୁ ଆସୁନଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ଜନୈକ ପୌରକର୍ମଚାରୀ ପ୍ରକାଶ କରିଛନ୍ତି । ଖୁଣ୍ଟ ଗୁଡ଼ିକରେ ଲାଇଟ ଜଳୁ ନଥିବାରୁ ଏହାର ସୁଯୋଗ ନେଇ ଚୋରମାନେ ବହୁ ଖୁଣ୍ଟରୁ ଲାଇଟ ସବୁ ଖୋଲି ନେଇ ଯାଉଥିବା ମଧ୍ୟ ଦେଖିବାକୁ ମିଳିଛି । ଏହି ଲାଇଟ ଚୋରି ସମ୍ପର୍କରେ ପୌର ପାଳିକା କର୍ତ୍ତୃପକ୍ଷ ଚୌଦ୍ୱାର ଥାନାରେ କେବଳ ଏତାଲା ଦାଖଲ କରି ନୀରବରେ ବସି ଯାଇଛନ୍ତି । ସୁଚନାଯୋଗ୍ୟ ଆଜକୁ ୫ବର୍ଷ ହେବ ବିଭିନ୍ନ ପୌରପାଳିକାରେ ଷ୍ଟ୍ରିଟ୍ ଲାଇଟ ଲଗାଇବା ଓ ମରାମତି ଦାୟିତ୍ୱ ରାଜ୍ୟ ସରକାର ଇଏସ୍‌ଏଲ ନାମକ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରିଥିଲେ । ଇଏସଏଲ ସଂସ୍ଥା ଚୌଦ୍ୱାର ପୌରପାଳିକାର ଷ୍ଟ୍ରିଟ ଲାଇଟ ପରିଚାଳନା ଦାୟିତ୍ୱ ଢେଙ୍କାନାଳର ଆସ୍ଥା ନାମକ ଅନ୍ୟ ଏକ ସଂସ୍ଥାକୁ ନ୍ୟସ୍ତ କରିଥିଲେ ।ଉକ୍ତ ସଂସ୍ଥା ତରଫରୁ ଚୌଦ୍ୱାର ସହରର ମୋଟ ୧୯ଟି ୱାର୍ଡ଼ ପାଇଁ ମାତ୍ର ୨ଜଣ କର୍ମଚାରୀ ଦାୟିତ୍ୱରେ ଥିବାବେଳେ ବହୁ ସମୟରେ ସେମାନେ ଆସୁ ନଥିବା ଏବଂ ଠିକ୍ ଭାବେ କାର୍ଯ୍ୟ କରୁ ନଥିବା ବହୁ କାଉନସିଲର ଅଭିଯୋଗ କରିଛନ୍ତି । ଏଦିଗରେ ପୌର କର୍ତ୍ତୃପକ୍ଷ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ସମସ୍ୟା ସମ୍ପର୍କରେ ପୌର ପ୍ରଶାସନ ତରଫରୁ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣା ଯାଇଥିବା ଏବଂ ଏବଂ ଖୁବ୍ ଶିଘ୍ର ଏଦିଗରେ ସେ ପଦକ୍ଷେପ ନେବେବୋଲି ପଦସ୍ତ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ପୌର ପରିଷଦ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ସୂଚନା ଦେଇଛନ୍ତି ।

### ସାରସ୍ୱତ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତି ସନ୍ଧ୍ୟା

## ରମାକାନ୍ତ ଜେନା ପାଇଲେ ପ୍ରଫୁଲ୍ଲ ଚନ୍ଦ୍ର ସାରସ୍ୱତ ସମ୍ମାନ

କଟକ, (ପିପିଏସ) : ଆଜି ସନ୍ଧ୍ୟାରେ କଟକ ବିଜୁପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଯଶସ୍ୱୀ ସାରସ୍ୱତ ସାଧକ ପ୍ରଫେସର ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତି ସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଡକ୍ଟର ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏସ.ଭି.ଏମ. କଲେଜ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ଜ୍ୟୋତି ରଞ୍ଜନ ସାମଲ ମୁଖ୍ୟବକ୍ତା ଏବଂ ଅଧ୍ୟାପିକା ଡ. କବିତା ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ସମ୍ଭ୍ରାନ୍ତ 'ଗୋକର୍ଣ୍ଣିକା' ପତ୍ରିକାର ସଂପାଦକ ରମାକାନ୍ତ ଜେନାଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା । ମୁଖ୍ୟଅତିଥି ସହଦେବ ସାହୁ କହିଲେ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓଡିଆ ସାହିତ୍ୟର ଜଣେ ପ୍ରଜ୍ଞାଦୀପ୍ତ ସାଧକ ଓ ଗବେଷକ ଥିଲେ । ବିଶ୍ୱସାହିତ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଅନନ୍ୟ । ମୁଖ୍ୟବକ୍ତା ଡ. ସାମଲ କହିଲେ, ଡକ୍ଟର ମହାନ୍ତି ଥିଲେ ଜଣେ ବିଶିଷ୍ଟ ବାଗ୍ମୀ ଓ ଶିକ୍ଷାବିତ । ଜଣେ ଜୀବନବାଦୀ ସାହିତ୍ୟିକ ଓ ଭାରତୀୟ ସଂସ୍କୃତିର ପରମ ଉପାସକ ଭାବରେ ଡକ୍ଟର ମହାନ୍ତି ସୁବିଦିତ ଥିଲେ । ଯଥାର୍ଥରେ ସେ ଥିଲେ ଫକୀରମୋହନ ସାହିତ୍ୟର ସଫଳ ଗବେଷକ । ସମ୍ମାନିତବକ୍ତା ଡ. କବିତା ମିଶ୍ର କହିଲେ, ସମକାଳୀନ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଡ. ମହାନ୍ତିଙ୍କ ଅବଦାନ ଅତୁଳନୀୟ । ସଭାପତି ଡ. ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ, ଫକୀରମୋହନ ଓ ପ୍ରେମଚାନ୍ଦଙ୍କ ସାହିତ୍ୟ କୃତିର ସମୀକ୍ଷା ଓ ମୂଲ୍ୟାୟନ କରିବାରେ ଡ. ମହାନ୍ତିଙ୍କ ଅଦମ୍ୟ ପ୍ରଚେଷ୍ଟା ପ୍ରଶଂସନୀୟ । ଯଥାର୍ଥରେ ସେ ଜଣେ ଛାତ୍ରବତ୍ସଳ ଶିକ୍ଷାବିତ ଓ ସରଳ ମଣିଷ ଥିଲେ ବୋଲି ଡ. ସ୍ୱାଇଁ ମତ ଦେଇଥିଲେ । ପ୍ରାରମ୍ଭରେ ସ୍ମୃତି ସଂସଦର ଉପସଭାପତି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦିକା କ୍ଷୀରାବ୍ଧି ତନୟା ମହାନ୍ତି ବିବରଣୀ ପାଠ କରିଥିଲେ । ଉପାସନା ମହାନ୍ତି ମାନପତ୍ର ପାଠ କରିଥିଲେ । ଶେଷରେ ଆଲୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଡ. ମହାନ୍ତିଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣାଳି ତାଲିମ୍ ଶିବିର

ବାଙ୍କୀ, (ପିପିଏସ) : ବାଙ୍କୀ ଶିକ୍ଷାବିଭାଗ ଅଧିନ ସୁବର୍ଣ୍ଣପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କୁଷ୍ଠର ସ୍ତରୀୟ ବର୍ଣ୍ଣାଳୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୂପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ଆୟୋଜିତ ଏହି ଶିବିରରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ । ସୁବର୍ଣ୍ଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବନ୍ଦାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଓସ୍ତିଆ ଦଧିବାମନ ଉଚ୍ଚବିଦ୍ୟାଳୟ କୁଷ୍ଠରର ୪୨ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଲିମ୍ ଗ୍ରହଣ କରିଥିଲେ । ପ୍ରଶିକ୍ଷକ ଚକାନୟନ ପ୍ରଧାନ , କର୍ଣ୍ଣରଞ୍ଜନ ସାହୁ, ଇତିଶ୍ରୀ ଦାଶ, ସୋମନାଥ ଖଟୁଆ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ । ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ସିଠ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଅରୁଣୋଦୟ ବେହେରା , ସୁରେଶ କୁମାର ପାତ୍ର, ମନୋରଞ୍ଜନ ମନ୍ତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

## ଯାଜପୁର ଜିଲ୍ଲାରେ ବାର୍ଷିକ ଏକ କୋଟି ଲିଟର ମଦ ବିକ୍ରି ହେଉଛି, ପାଞ୍ଚ ଲକ୍ଷ ଯୁବକ ପଥଭ୍ରଷ୍ଟ ହେଉଛନ୍ତି

ବରୀ, (ପିପିଏସ୍) : ଯାଜପୁର ଜିଲ୍ଲାର ୧୦ ଗୋଟି ବ୍ଲକ ଦୁଇ ଗୋଟି ମୁନିସିପାଲିଟି ଅଞ୍ଚଳରେ ବାର୍ଷିକ ଏକ କୋଟି ଲିଟର ମଦ ବିକ୍ରି ହେଉଥିବା ଜଣାପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଆସନ୍ତା ଏପ୍ରିଲ ମାସରେ ଲଟେରୀ ମାଧ୍ୟମରେ ଜିଲ୍ଲାର ୪୨ ଟି ବିଦେଶୀ ମଦ ଦୋକାନ, ୧୮ ଟି ଦେଶୀ ମଦ ଦୋକାନକୁ ଲିଜ ଦିଆଯିବ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏଥି ସହିତ ପୂର୍ବରୁ ୪୯ ଟି ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଛି । ଏସବୁ ଥିରୁ ସରକାର ବାର୍ଷିକ ୧୮ କୋଟି ଟଙ୍କା ରାଜସ୍ୱ ବୃଦ୍ଧି ନିମନ୍ତେ ହାତେଇ ନେଉଥିବା ଜଣାପଡିଛି । ସରକାରୀ ଭାବେ ଜିଲ୍ଲାରେ ୪୨ ଲକ୍ଷ ୪୬ ହଜାର ୭୨୬ ଲିଟର ମଦ କାରବାର ପାଇଁ ବିହିତ ଅନୁମତି ପ୍ରଦାନ କରିଛନ୍ତି ବୋଲି ସୂଚନା ମିଳିଛି । ମଦ ବିକ୍ରି ବୃଦ୍ଧିକୁ ଜିଲ୍ଲାରେ ହଜାରେ ଖୁଚୁରା ମଦ ବେପାରୀ, (କୋଚିଆ)ରହିଥିବା ଅନୁସନ୍ଧାନରୁ ଜଣାପଡିଛି । ଯାହା ଫଳରେ ପରିସଂଖ୍ୟନ ଠାରୁ ତିନି ଗୁଣ ମଦ ବିକ୍ରି ହେଉଛି । ଏଥିରେ ଶହେ ଜଣ ମଦ ବ୍ୟବସାୟୀ ନିଯୁକ୍ତି ରହିଥିଲା ବେଳେ ୫୦ ଜଣ କୋଟିପତି ତାଲିକାରେ ରହିଛନ୍ତି । ହଜାରେ କୋଚିଆ ବେପାରୀଙ୍କ କଚେ ପୁଅ ବାର ହେଉଛି । ଏସବୁ ସମାଜରେ କୁପ୍ରଭାବ ପଡୁଥିଲା ବେଳେ ସରକାର ପୁଣି ଥରେ ଲଟେରୀ ମାଧ୍ୟମରେ ମଦ ବେପାରକୁ ଆଗେଇନେବା ପାଇଁ ସୁଚିନ୍ତିତ ପଦକ୍ଷେପମାନ ବାଛି ନେଇଛନ୍ତି । ମଦ ବିରୋଧୀ ଅଭିଯାନ ଜିଲ୍ଲାରେ ମଦକୁ ବିରୋଧ କରୁଥିବାବେଳେ ସରକାର ଏସବୁକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ଶତାଧିକ ବୁଦ୍ଧିଜିବୀ ମତ ଦେଇଛନ୍ତି । ବିଶେଷ କରି ଜାତୀୟ ରାଜପଥ କଡରେ ଥିବା ଢାବା, ଗାଁ ଗହଳିର ଛକ ମାନଙ୍କରେ କୋଚିଆ ବେପାରୀ ଖୁଚୁରା ମଦ ବେପାରୀ ପାଲଟିଛନ୍ତି । ଏମାନଙ୍କୁ ସ୍ଥାନୀୟ ପୋଲିସ, ଅବକାରୀ ବିଭାଗ କର୍ମଚାରୀ ପ୍ରୋତ୍ସାହନ ଯୋଗାଇ ଆସୁଥିବା ଅଭିଯୋଗ ହୋଇଛି । ପୋଲିସ ଓ ଅବକାରୀ ବିଭାଗ ସଚେତନ ହୋଇ ସମାଜ ପାଇଁ ପ୍ରକୃତ କର୍ତ୍ତବ୍ୟ ପାଳନ କରନ୍ତି ଜିଲ୍ଲାରେ ମଦର ବହୁଳ ବ୍ୟାପାର ହୋଇ ପାରନ୍ତା ନାହିଁ । ଏହିଭଳି ମଦର ବ୍ୟାପାର ହେଲେ ଯୁବ ସମାଜ ଆହୁରି ପଥ ଭ୍ରଷ୍ଟ ହୋଇ ଯିବେ ବୋଲି ଜଣାପଡିଛି ।

## ଚର୍ଚ୍ଚିକା ସେବାସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଙ୍କୀ, (ପିପିଏସ) : ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଚର୍ଚ୍ଚିକା ସେବାସମବାୟ ସମିତିର ବାର୍ଷିକ ସାଧାରଣ ସଭା ଚର୍ଚ୍ଚିକା ଯାତ୍ରୀ ନିବାସ ଠାରେ ଅନୁଷ୍ଠିତ ହୋଇଥିଲା । ସେବା ସମବାୟ ସମିତି ସଭାପତି ସଂଜୟ କୁମାର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସଂପାଦିକା ପ୍ରତୀମା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ । ବୈଠକରେ ପୂର୍ବ ସାଧାରଣ ସଭାର ବିବରଣୀ ପଠନ କରାଯାଇ ଅନୁମୋଦନ କରାଯିବା ସହିତ ୨୦୨୩-୨୪ବର୍ଷର ଆୟବ୍ୟୟ ଅଟକଳ ଅନୁମୋଦନ ୨୦୨୨ ଓ ୨୦୨୩ର ଜମାଖର୍ଚ୍ଚ ପଠନ କରାଯାଇ ଗ୍ରହଣ କରାଯାଇଥିଲା । ୨୦୧୯-୨୦ର ଅଡିଟ୍ ରିପୋର୍ଟ ଉପସ୍ଥାପନା କରାଯିବା ସହିତ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ଚାଷୀମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିନା ସୁଧରେ ୧ଲକ୍ଷ ଟଙ୍କ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ଆଲୋଚନା କରାଯାଇଥିଲା । ଖିଲାପି ଋଣିମାନଙ୍କ ଠାରୁ ଋଣ ଟଙ୍କା ଆଦାୟ ନିମନ୍ତେ ସଂପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଏସ୍.ଆର.ସି.ଏସ୍ ଜ୍ୟୋତିରଞ୍ଜନ ସେଠୀ, କେନ୍ଦ୍ର ସମବାୟ ବ୍ୟାଙ୍କ୍ ଚର୍ଚ୍ଚିକା ଶାଖା ପରିଚାଳକ ଚିତ୍ତରଞ୍ଜନ ସାମନ୍ତରାୟଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଓ ସାଧାରଣ ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପସଭାପତି ପଙ୍କଜିନୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଡାଟାଅପରେଟର୍ ଅମର ନାଥ ରଣା ଏ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ରାଷ୍ଟ୍ରୀୟ ନବବର୍ଷ ପାଳିତ

କଣ୍ଟାପଡ଼ା (ପିପିଏସ) : ଭାରତୀୟ ପରମ୍ପରା ତଥା କ୍ୟାଲେଣ୍ଡର ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବ ବର୍ଷ ପାଳନ କରାଯାଏ । ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଧୁମଧାରେ ବ୍ରାହ୍ମଣସାଇଲୋ ସ୍କୁଲ୍ ପଡ଼ିଆରେ ଏହା ପାଳିତ ହୋଇଯାଇଅଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ବିଭାଗର ସଂଘ ଚାଳକ ଡ଼ଃ ଗୌତମ ମହାରଣା ମୁଖ୍ୟ ବକ୍ତା ତଥା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଶ୍ରୀଯୁକ୍ତ ନାରାୟଣ ପଣ୍ଡା, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡ଼ଃ ମହାରଣା ଲୋକମାନଙ୍କୁ ଭାରତୀୟ ମହାନ୍ ଓ ବିଜ୍ଞାନ ସମ୍ମତ ପରମ୍ପରାକୁ ପାଥେୟ କରି ସମାଜ ତଥା ଦେଶର ଉନ୍ନତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ । ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତର ତାଳେ ତାଳେ ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା ।

## ପଦୋନ୍ନତି କ୍ରମେ ବଦଳି ପ୍ରଧାନ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଧାମନଗର, (ପିପିଏସ) : ଧାମନଗର ବ୍ଲକ ଅନ୍ତର୍ଗତ ଦେଶବନ୍ଧୁ ନୋଡାଲ ଅସୁରାଳିର ପ୍ରଧାନଶିକ୍ଷକ ସତ୍ୟସୁନ୍ଦର ପରିଡ଼ା ପଦୋନ୍ନତି ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ହୋଇଛି । ଏହି ଅବସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସେବା ନିବୃତ୍ତ ଗୋଷ୍ଠୀ ସହ ଶିକ୍ଷାଧିକାରୀ ନିରଞ୍ଜନ କର ମୁଖ୍ୟ ଅତିଥି, ରାଜ୍ୟ ଓ ଜାତୀୟ ସମ୍ମାନପ୍ରାପ୍ତ ତଥା ସେବାନିବୃତ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ମହାନ୍ତି ଓ ଅମରେନ୍ଦ୍ର ନାୟକ, ଧାମନଗର ଗୋଷ୍ଠୀ ସହ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ପତି, ସରକାରୀ ଉଚ୍ଚ ବିଦ୍ୟାଳୟ ଅସୁରାଳିର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପାତ୍ର, ସମ୍ପୃକ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୀତବାସ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ସମ୍ବର୍ଦ୍ଧନା ସଭାରେ କୋରୁଆ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସିଆରସିସି ପ୍ରଶାନ୍ତ ବେହେରା, ସାମାଦିକ ସନ୍ତୋଷ ଦାସ, ସମାଜସେବୀ ସହଦେବ ସାହୁ, ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ, ତୁଳସୀ ମଞ୍ଜରୀ ନାୟକ, ପ୍ରମୋଦିନୀ ଦେଇ, ବଟକୃଷ୍ଣ ସେଠୀ, ଉମେଶ ଚନ୍ଦ୍ର ପତି, ବିଷ୍ଣୁ ଚରଣ ବେହେରା, ନିର୍ଝରିଣୀ ପାଢ଼ୀ, ଲକ୍ଷ୍ମୀକାନ୍ତ ଦାସ, ବିନିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ପରିଡ଼ାଙ୍କ ସୁଗୁଣାବଳୀ ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ସ୍ୱ-ମତ ସମ୍ବଳିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକ ସତ୍ୟ ସୁନ୍ଦର ପରିଡାଙ୍କୁ ଉତ୍ତରୀୟ,ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିଚାଳନା ପରିଷଦର ସଦସ୍ୟ/ସଦସ୍ୟା ମାନେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଗୋକର୍ଣ୍ଣପୁରରେ ବିପିନଙ୍କ ବିଶାଳ ମହିଳା ସମାବେଶ, ବିରୋଧୀଙ୍କ ହଡକମ୍ପ

ଦିଗପହଣ୍ଡି, (ପିପିଏସ) : ବିଧାନସଭା ନିର୍ବାଚନ ସମୟ ନିକଟତର ହେଉଥିବା ବେଳେ ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ ବିପିନଙ୍କ ଲୋକପ୍ରିୟତା ଆକାଶଛୁଆଁ ହେଉଥିବା ଲକ୍ଷ କରାଯାଇଛି । ପଞ୍ଚାୟତ ନିର୍ବାଚନ ପରବର୍ତ୍ତୀ ସମୟରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଜେଡ଼ିରେ ଅନ୍ତଃଦ୍ୱନ୍ଦ ରହିଥିଲେ ମଧ୍ୟ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତମାନ

### ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ

# ପଠନାଗାର ପାଇଁ ନୂତନ ଗୃହ ନିର୍ମାଣ ନେଇ ନିଆଯିବ ପଦକ୍ଷେପ

ଭଦ୍ରକ, (ପିପିଏସ) : ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଅତିରିକ୍ତ ଦାୟିତ୍ୱରେ ଥିବା ଏସ୍‌ସିଏସ୍‌ଟି ଆର୍‌ଟି ଆଇ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଭଦ୍ରକ ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅଫିସ୍ ଗୃହର ଦୂରାବସ୍ଥା, ସ୍ଥାନାଭାବ, ଚତୁଃପାର୍ଶ୍ୱ ପରିବେଶକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଦୁଇ ସପ୍ତାହ ପୂର୍ବରୁ କାର୍ଯ୍ୟାଳୟ କୋଠାର ମରାମତି କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଜାଣି ପୂର୍ତ୍ତ ବିଭାଗର ସଂପୃକ୍ତ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସାଇଁଙ୍କୁ ଡ଼କାଇ କୋଠାର ସୁରକ୍ଷା ଓ ମରାମତି ନେଇ ହେବାକୁ ଥିବା ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ। କାର୍ଯ୍ୟାଳୟର ପ୍ରତ୍ୟେକ କକ୍ଷକୁ ବୁଲି ଦେଖିଥିଲେ। ସୂଚନା କେନ୍ଦ୍ର-ତଥା-ପଠନାଗାର କକ୍ଷକୁ ଯାଇ ପାଠକ ଭାବେ ଉପସ୍ଥିତ ଥିବା ପୂର୍ବତନ ଡ଼ିଆଇପିଆର୍‌ଓ ହରମୋହନ ଜେନା ଓ ଅନ୍ୟ ବରିଷ୍ଠ ନାଗରିକ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ପଠନାଗାର କକ୍ଷର ଦୁରାବସ୍ଥା ଓ ସ୍ଥାନାଭାବ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏ ସମସ୍ୟାର ସାମାଧାନ ପାଇଁ କାର୍ଯ୍ୟାଳୟ କୋଠା ସମ୍ମୁଖରେ ଥିବା ଜାଗାରେ ପଠନାଗାର ପାଇଁ ନୂତନ ଗୃହ ନିର୍ମାଣ କରାଯିବା ନେଇ ଯନ୍ତ୍ରୀ ଶ୍ରୀ ସାଇଁଙ୍କ ସହ ଆଲୋଚନା କରି ବ୍ୟୟ ଅଟକଳ ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପ୍ରାଚୀର ଓ ଗେଟ୍ ନଥିବାରୁ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଓ ଶାନ୍ତ ପରିବେଶ ନରହିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସବୁର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ରୁ ଅନୁମୋଦିତ ଅର୍ଥ ନିଅଣ୍ଟ ହେଲେ ସୂଚନା ଲୋକସଂପର୍କ ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ଜଣାଇଥିଲେ। କାର୍ଯ୍ୟାଳୟରେ ନିୟମିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶାରିଭ୍ୟୁ ବିକ୍ରୟ ବ୍ୟବସ୍ଥା ସହ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀ ଓ ସମସ୍ୟ ସମ୍ବନ୍ଧରେ ସମୀକ୍ଷା କରି ବିଭିନ୍ନ କ୍ଷେତ୍ରରେ ଡ଼ିଆଇପିଆର୍‌ଓଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଡ଼ି.ଆଇ.ପି.ଆର.ଓ. ରମେଶ ଚନ୍ଦ୍ର ନାୟକ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରାବଡୁ ଏବଂ ସୁରେଶ ତ୍ରିପାଠୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ତ୍ରିପାଠୀଙ୍କୁ ସ୍ୱାଗତ କରିଥିଲେ।

# ଜାଗା ମିଶନ ଆଡ୍‌ଭାଇଜରଙ୍କ କେନ୍ଦ୍ରାପଡା ପୌରାଞ୍ଚଳ ପରିକ୍ରମା

କେନ୍ଦ୍ରାପଡ଼ା, (ହି.ସ.) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡା ପୌରାଂଚଳର ବିଭିନ୍ନ ବସ୍ତିକୁ ଯାଇ ମଙ୍ଗଳବାର ଜାଗା ମିଶନର ଅନୁଧ୍ୟାନ କରିଛନ୍ତି ରାଜ୍ୟ ଜାଗା ମିଶନ ଆଡ୍ଭାଇଜର ହରିଶଙ୍କର ରାଉତ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା କାର୍ଯ୍ୟାଳୟରେ ମଧ୍ୟାହ୍ନରେ ପହଂଚିବା ପରେ ପୌରପାଳିକା ସରିତା ସାହୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ପରେ ପୌରପରିଷଦରେ ନଗରପାଳିକା ଶ୍ରୀମତୀ ସାହୁଙ୍କ କକ୍ଷରେ ଆଡଭାଇଜର ହରିଶଙ୍କର ରାଉତ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ନଗରପାଳିକା ଶ୍ରୀମତୀ ସାହୁଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଓ ପୌରାଂଚଳର ସମସ୍ତ କାଉଁସିଲରମାନେ ଉପସ୍ଥିତଥିଲେ। ଆଲୋଚନା ପରେ କେନ୍ଦ୍ରାପଡା ପୌରାଂଚଳର ବିଭିନ୍ନ ୱାର୍ଡର ବିଭିନ୍ନ ବସ୍ତିକୁ ପରିକ୍ରମା କରି ସ୍ଥାନୀୟ ଲୋକଙ୍କୁ ଜାଗା ମିଶନ ଉପରେ ବୁଝାଇଥିଲେ ଏବଂ ଯୋଗ୍ୟ ଲୋକଙ୍କୁ ସରକାରଙ୍କ ତରଫରୁ ଜାଗା ମିଳିଛି କି ନାହିଁ ପଚାରି ବୁଝିଥିଲେ।

# ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଚରମ ଅବ୍ୟବସ୍ଥାକୁ ନେଇ ଷ୍ଟାଣ୍ଡିଂ କମିଟି ବୈଠକରେ ତୁମ୍ବିତୋଫାନ

ଯାଜପୁର(ପିପିଏସ) : ଯାଜପୁର ଜିଲ୍ଲାପରିଷଦ ପକ୍ଷରୁ ସାଧାରଣ ବଣ୍ଟନ ବ୍ୟବସ୍ଥାର ୫ମ ସ୍ଥାୟୀ କମିଟୀ ବୈଠକରେ ଯୋଗାଣ ବିଭାଗର ବିଭିନ୍ନ ପ୍ରକାର ଅବ୍ୟବସ୍ଥା, ଚାଷୀ ଶୋଷଣ, ମୃତ ବ୍ୟକ୍ତିଙ୍କ ନାମରେ ଦୀର୍ଘ ୮/୧୦ ବର୍ଷ ହେଲା ଆସୁଥିବା ଯୋଗାଣ ସାମଗ୍ରୀ ହଡପ, କେନ୍ଦ୍ର ସରକାରଙ୍କ କୋଭିଡ ସହାୟତା ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ମାଗଣା ଚାଉଳକୁ ମିଳିମିଶି ହଡପ କରାଯାଉଥିବା ଘଟଣା ଉପରେ ସଭ୍ୟ ମାନେ ବେଶ୍ ବିରକ୍ତି ପ୍ରକାଶ କରିଛନ୍ତି। କହିବାକୁ ଗଲେ ଏହି ଘଟଣାକୁ ନେଇ ତୁମ୍ବିତୋଫାନ ଘଟିଥିବା ସୂଚନା ମିଳିଛି। ବରୀ ଓ ବିଂଝାରପୁର ବ୍ଲକରେ ମଲା ଲୋକଙ୍କ ନାମରେ ବର୍ଷ ବର୍ଷ ଧରି ଚାଉଳ ଉଠୁଛି। ବରୀ ବ୍ଲକର କିମ୍ପିରିଆପାଳ ପଞ୍ଚାୟତରେ ୪ ମାସର ଚାଉଳକୁ ସେଠାର ଜଣେ ରିଟେଲର ଓ ତାଙ୍କ ପରିଚାଳକ ଯୋଗାଣ ବିଭାଗ ଜାଣତରେ ଚଳୁ କରିଥିବା ଘଟଣାକୁ ବିଭାଗ କିପରି ଚାପି ଦେବାକୁ ବସିଛି ସେନେଇ ମଧ୍ୟ ସଭ୍ୟମାନେ ବିରକ୍ତି ପ୍ରକାଶ କରିଥିଲେ। କମିଟିର ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲଙ୍କ ଅଧ୍ୟକ୍ଷତା କ୍ରମେ ବୈଠକରେ ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ସଭ୍ୟା ସ୍ମୃତିରେଖା ବେହେରା, ଉମାକାନ୍ତ ମାଝୀ, ଖଗେଶ୍ୱର ମହାନ୍ତି, ଭାରତୀ ବିଶ୍ୱାଳ, ମନୋନୀତ ସଭ୍ୟ ଅଜୟ ମହାନ୍ତି, ପ୍ରଫୁଲ୍ଲ ଦାସ, ବସନ୍ତ ମହାକୁଡ ପ୍ରମୁଖ ଅସନ୍ତୋଷବ୍ୟକ୍ତ କରି ଧାନଚାଷୀ ମାନଙ୍କୁ ଶୋଷଣ କରାଯାଉଥିବା ଓ କିଛି ଡିଲର ଗରୀବ ହିତାଧିକାରୀଙ୍କୁ ଜାଣିଶୁଣି ମାସ ମାସ ଧରି ରାସନ ସାମଗ୍ରୀ ଦେଉନଥିବା ନେଇ ଅଭିଯୋଗ ବାଢିଥିଲେ। କେତେକ ହିତାଧିକାରୀଙ୍କ ନାମ ରାସନ କାର୍ଡରେ ଉଲ୍ଲେଖ ଥିଲେ ମଧ୍ୟ ସେମାନେ ସାସ୍ଥ୍ୟବୀମା କାର୍ଡର ସୁବିଧା ସୁଯୋଗ ପାଇପାରୁନାହାଁନ୍ତି ବୋଲି କିଛି ସଭ୍ୟ ଅଭିଯୋଗ ଉଠାଇଥିଲେ। ଯୋଗାଣ ବିଭାଗର ଅବହେଳା ପାଇଁ ଏହି ସବୁ ଲୋକଙ୍କ ନାମ ଅନଲାଇନରେ ଦୃଶ୍ୟମାନ ହେଉନଥିବା ଜଣାପଡିଛି। ବରୀ ବ୍ଲକରେ କେତେକ ହିତାଧିକାରୀ ଦୀର୍ଘ ୫/୭ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ ହେଁ ସେମାନଙ୍କ ନାମରେ ଚାଉଳ ଏବେ ମଧ୍ୟ ଉଠୁଛି ଓ ତାକୁ ସିଧାସଳଖ ରିଟେଲର ଏବଂ ଯୋଗାଣ ବିଭାଗ ମିଳିତ ଭାବେ ହଡପ କରୁଛି ବୋଲି ସଭ୍ୟ ମାନେ ଅଭିଯୋଗ କରିଥିଲେ। ସ୍ଥାନୀୟ ଯୋଗାଣ ନୀରିକ୍ଷକଙ୍କୁ କିମ୍ପିରିଆପାଳର ଚାଉଳ ଦୂର୍ନୀତି, ବରୀ ବ୍ଲକର ଅନ୍ୟାନ୍ୟ ଯୋଗାଣ ଦୂର୍ନୀତି ଏବଂ ମୃତବ୍ୟକ୍ତି ନାମରେ ଉପରୋକ୍ତ ଅଭିଯୋଗ ସଂପକରେ ଅବଗତ କରାଗଲେ ମଧ୍ୟ ସଂପୃକ୍ତ ଅଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଏହି ବ୍ଲକ ଯୋଗାଣ ଅଧିକାରୀ ନିୟମାନୁଯାୟୀ ହେଡ୍ କ୍ୱାର୍ଟରରେ ଅବସ୍ଥାନ କରିବା ପରିବର୍ତ୍ତେ ବ୍ଲକ ଠାରୁ ଦୀର୍ଘ ୨୫ କି.ମି. ଦୂର ଯାଜପୁର ସହରରେ ଅବସ୍ଥାନ କରୁଛନ୍ତି ଓ ସେଠାକୁ ରିଟେଲର ମାନେ ଯାଇ ତାଙ୍କୁ ଭେଟୁଥିବା ନେଇ ମଧ୍ୟ କିଛି ସଭ୍ୟ ଆଲୋଚନା ଛଳରେ କହିଥିଲେ। ସାଧାରଣ ଲୋକେ ଅଭିଯୋଗ କରିବା ପାଇଁ ବରୀ ଓ ବିଂଝାରପୁର ନୀରିକ୍ଷକଙ୍କୁ ନିଜ ଅଂଚଳରେ ପାଉନଥିବା ନେଇ ପୂର୍ବରୁ ହୋଇଆସୁଥିବା ଅଭିଯୋଗ ସଂପର୍କରେ ଉପରୋକ୍ତ ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଯେଉଁ ମୃତବ୍ୟକ୍ତିଙ୍କ ନାମରେ ରାସନ ଉଠୁଛି ସେମାନଙ୍କ ପରିବାର କାର୍ଡକୁ ସସପେଣ୍ଡ କରିବା ସହ ଡିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ଯେଉଁ ଚାଷୀଙ୍କର ଧାନ ଟୋକନ ସମୟ ଅତିକ୍ରାନ୍ତ ହୋଇଯାଇଛି ସେମାନଙ୍କୁ ପୁନର୍ବାର ଧାନ ଟୋକନ ଦିଆଯାଇ ସେମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବା ଉପରେ ସଭ୍ୟ ପ୍ରଫୁଲ୍ଲ ଦାସ ରଖିଥିବା ପ୍ରସ୍ତାବକୁ ଅଧ୍ୟକ୍ଷ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ସୋନାଲିକା ମହାପାତ୍ର, ଏଲିନା ସାହୁ, ପ୍ରଶାନ୍ତ ନାୟକ, ଦେବାଶିଷ ଦାସ, ସୁମନ ଚାନ୍ଦ, କୁନାରାଣୀ ସାହୁ, ମାନସ କୁମାର କିଆ, ଇତିଶ୍ରୀ ଜେନା, ବିଶ୍ୱଜିତ ମିଶ୍ର, ତପସିନୀ ରାୟ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ପୁରାତନ ଛାତ୍ରଙ୍କ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ବାଙ୍କୀ, (ପିପିଏସ୍): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୁଜାରୀଙ୍କ ଗସ୍ତ ଅବସରରେ ମହାବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ତରଫରୁ ବାଙ୍କୀ କଲେଜକୁ ବିଶ୍ୱବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରିବା ସହିତ କଲେଜର ଉନ୍ନତି ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ମହାବିଦ୍ୟାଳୟରେ ପ୍ରବେଶ ଫାଟକଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଏହା ମହାବିଦ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ହେତୁ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଅତ୍ୟାଧୁନିକ ଫାଟକ ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ଉଚ୍ଚଅଧ୍ୟୟନ ନିମନ୍ତେ ଏକ ଇ-ଲାଇବ୍ରେରୀ,ମହାବିଦ୍ୟାଳୟରେ ଥିବା ବ୍ୟାୟାମଶାଳାର ପୁନଃଉଦ୍ଧାର ,ମହାବିଦ୍ୟାଳୟ ପରିସରରେ ସଂଗୀତ ଏବଂ ନାଚବିଭାଗ ଖୋଲିବ.ମହାବିଦ୍ୟାଳୟରେ ଥିବା ଛାତ୍ରୀନିବାସର କଳେବର ବୃଦ୍ଧି କରିବା,ମହାବିଦ୍ୟାଳୟରେ ଥିବା ଏଲ୍.ଏନ୍ .ମୋଦୀ ଛାତ୍ରାବାସ ଏବଂ ଜାନକୀବଲ୍ଲଭ ଛାତ୍ରାବାସର ପୁରୁଣା ଜରାଜୀର୍ଣ୍ଣ ଗୃହକୁ ହଟାଇ ନୂତନ ହଷ୍ଟେଲ୍ ନିର୍ମାଣ କରିବା , ମହାବିଦ୍ୟାଳୟର ଖେଳପଡିଆ ବ୍ୟାପକ ହୋଇଥିଲେ ମଧ୍ୟ ଭିତ୍ତିଭୂମି ଅଭାବରୁ ଏହା ନଷ୍ଟ ହୋଇ ପଡିଛି। ଯଥାଶୀଘ୍ର ଏହାକୁ ସମତୁଲ କରି ଏକ ଉନ୍ନତମାର ଖେଳପଡିଆ କରିବା, ମହାବିଦ୍ୟାଳୟ ଖେଳପଡିଆର ଚୁର୍ତୁପାର୍ଶ୍ୱରେ ହାଇମାସ୍କ ଲାଇଟ୍ ଲଗାଇ ଆଲୋକିକରଣ କରିବା ସହ ମହାବିଦ୍ୟାଳୟରେ ରହିଥିବା ସୁଇମିଙ୍ଗପୁଲ୍‌ଟିର ପୁନଃ ଉଦ୍ଧାର କରିବା ପାଇଁ ଦାବିକରାଯାଇଛି। ପୁରାତନ ଛାତ୍ର ପାର୍ଥସାରଥୀ ପାଣି, କିରଣ କୁମାର ସାଇଁ, ଆଶିଷ କୁମାର ମହାପାତ୍ର, ସାଗର ରଞ୍ଜନ ପଣ୍ଡା, ଶ୍ରୁତି ନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଦିଲ୍ଲୀ ଅଭିଯାନ ପାଇଁ ଅଭିଯାତ୍ରୀ ଦଳଙ୍କୁ ପାଣିକୋଇଲିରେ ସ୍ୱାଗତ ଓ ପଥପ୍ରାନ୍ତ ସଭା

କୋରେଇ: ଆସନ୍ତା ଏପ୍ରିଲ ୫ ତାରିଖ ୧୫ ତାରିଖ ଦଫା ଦାବିରେ ସିଆଇଟିୟୁ, ଓଡିଶା କୃଷକ ସଭା, ଓଡିଶା କ୍ଷେତମଜଦୁର ୟୁନିଅନ ପକ୍ଷରୁ ଐତିହାସିକ ଦିଲ୍ଲୀ ଅଭିଯାନକୁ ସଫଳ କରିବା ନେଇ ଏକ ଅଭିଯାତ୍ରୀ ଦଳ ଓଡିଶା ଭ୍ରମଣ କରୁଥିବା ବେଳେ ପଥପ୍ରାନ୍ତ ସଭା ଜରିଆରେ ସଚେତନତା କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଏହି ଅଭିଯାତ୍ରୀ ଦଳଙ୍କୁ ଆଜି ପାଣିକୋଇଲିରେ ସିଆଇଟିୟୁ, ଓଡିଶା କୃଷକ ସଭା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ପାଣିକୋଇଲିରେ ପଥପ୍ରାନ୍ତ ସଭା କରାଯାଇଥିଲା। ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ସଙ୍କା ଓ ୧୦ ହଜାର ପେନସନ, ଠିକା କାମ ବନ୍ଦ, ଅଗ୍ନିପଥ ଯୋଜନା ବାତିଲ, କୃଷିଜାତ ପଦାର୍ଥ ସଂଗ୍ରହ ବେଳେ ସର୍ବନିମ୍ନ ସହାୟକ ମୂଲ୍ୟ, ଗରିବ ମଧ୍ୟବିତ ଚାଷୀ ଓ କୃଷି ଶ୍ରମିକଙ୍କ ଋଣ ଛାଡ, ୬୦ ବର୍ଷରୁ ଉର୍ଦ୍ଧ ଚାଷୀଙ୍କୁ ପେନସନ, ଚାରିଟି ଲେବର କୋଡ ଓ ବିଦ୍ୟୁତ ସଂଶୋଧନ ବିଲ ବାତିଲ, ସମସ୍ତଙ୍କ ଚାକିରୀ ସୁନିଶ୍ଚିନ୍ତ, ମନେରେଗା କାମ ବୃଦ୍ଧି, ବକେୟା ମଜୁରୀ ପ୍ରଦାନ ସରକାରୀ ପଦବୀ ପୂରଣ, ସରକାରୀ ସଂସ୍ଥାକୁ ଘରୋଇ କରଣ ବନ୍ଦ, ଦରଦାମ ବୃଦ୍ଧି ବନ୍ଦ, ଅତ୍ୟାବଶକ ସାମଗ୍ରୀ ଉପରୁ ଜିଏସଟି ଛାଡ, ପୋଟ୍ରୋଲ, ଡିଜେଲ, କିରୋସିନ ଓ ରନ୍ଧନ ଗ୍ୟାସ ଉପରୁ ଏକସାଇଜ ଶୁଳ୍କ କମାଇବା, ୧୪ଟି ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ସରକାରୀ ଗଣ ବଂଟନ ବ୍ୟବସ୍ଥା, ଆୟକର ଦେଉନଥିବା ପରିବାରକୁ ଖାଦ୍ୟ ଓ ଆର୍ଥିକ ସହାୟତା, ଜଙ୍ଗଲ ଅଧିକାର ଆଇନକୁ କଡାକଡି କରିବା, ନିମ୍ନ ବର୍ଗର ଜନସାଧାରଣଙ୍କ ଉପରେ ଦମନଲୀଳା ବନ୍ଦ, ସର୍ବାଜନୀନ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା, ସମସ୍ତଙ୍କୁ ବାସଗୃହ ସୁନିଶ୍ଚିନ୍ତ, ବୃହତ ପୁଂଜିପତି ଉପରେ ଶୁଳ୍କ ଲାଗୁ, ସାମ୍ପ୍ରଦାୟୀକ ଦଙ୍ଗା ବନ୍ଦ ଆଦି ଦାବିରେ ଦିଲ୍ଲୀ ଚାଲୋ ଡାକରା ଦିଆଯାଇଛି। ଅଭିଯାତ୍ରୀ ଦଳରେ ଉଲ୍ଲାସ ସାଇଁ, ପ୍ରଫୁଲ୍ଲ ନାୟକ, ପ୍ରବୀଣ ଦାସ, ମାନସ ପାଟଯୋଷୀ ପ୍ରମୁଖ ଯୋଗଦେଇଥିବା ବେଳେ ପାଣିକୋଇଲିରେ ଡା. ନିର୍ମଳ ରଥ,ସୁରେଶ ସାହୁ, ପ୍ରତ୍ୟୁଷ ସାହୁ, ବହ୍ମାନନ୍ଦ ବାରିକ, ଅଭୟ ଓଝା, ମାଧବ କୁଣ୍ଡୁ, ସୁବ୍ରତ ଜେନା, ପ୍ରମୋଦ ସାହୁ, ହରିହର ଦାସ, ଗୋଲଖ ମଲିକ, ରତ୍ନାକର ମଲିକ, ହରେକୃଷ୍ଣ ପାଢୀ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ରାଣୀଶୁକଦେଈ ମହାବିଦ୍ୟାଳୟରେ ନୂତନ ପ୍ରଶାସନିକ ଭବନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଙ୍କୀ, (ପିପିଏସ୍): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଭିତ୍ତିଭୂମିବିକାଶ ଅନୁଦାନରେ ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟ (ଡିଗ୍ରୀ)ର ନୂତନ ପ୍ରଶାସନିକ ଭବନ ଏବଂ ଦୃଶ୍ୟଶ୍ରାବ ପ୍ରେକ୍ଷାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ମାନ୍ୟବର ମନ୍ତ୍ରୀ ଏବଂ ବିଧାୟକଙ୍କୁ ମହାବିଦ୍ୟାଳୟ ତରଫରୁ ସ୍ୱାଗତ କରିବା ସହିତ ସିଟ୍ ସଂଖ୍ୟା ବୃଦ୍ଧି, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଅନର୍ସ କୋର୍ସ , ଛାତ୍ରୀ ନିବାସ, ଲାଇବ୍ରେରୀ ଆଦିର ବ୍ୟବସ୍ଥା ପାଇଁ ଦୃଷ୍ଟିଆକର୍ଷଣ କରିଥିଲେ। ସିଟ୍‌ସଂଖ୍ୟା ବୃଦ୍ଧି ପାଇଁ ମାନ୍ୟବର ବିଧାୟକ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପିକା ସରଳା ସାଇଁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପରିଚାଳନା କମିଟି ସଭ୍ୟ କାଉନସିଲର ସନାତନ ବେହେରା କାର୍ଯ୍ୟ ପରିଚାଳନା କରିଥିଲେ।

### ଧୂମାତ ପଞ୍ଚାୟତ ଆଲୋକୀକରଣ ଦୁର୍ନୀତି

# ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନାମରେ ଅଭିଯୋଗ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୁମାତ ଫଂଚାୟତରେ ଆଲୋକୀ କରଣ କାର୍ଯ୍ୟରେ ବ୍ୟାପକ ଦୁର୍ନିତି ହୋଇଥିବା ଶତାଧିକ ଫଂଚାୟତ ବାସୀ ଅଭିଯୋଗ କରିବା ସହ ବ୍ଲକ ଅଫିସ ଆଗରେ ଗୁରୁବାର ଲଣ୍ଠନ ଧରି ପ୍ରତିବାଦ କରିଥିବା ଜଣାପଡିଛି। ଧୁମାତ ଫଂଚାୟ ବାସୀ ସୂଚନା ଅଧିକାର ବଳରେ ପାଇଥିବା ତଥ୍ୟ ଅନୁଯାଇ ଫଂଚାୟତର ୱାର୍ଡ ନଂ-୧୧ ରୁ ୧୭ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟରେ ରିପ୍ୟାରିଂ ବାବଦକୁ ୨୦୨୨-୨୩ ଆର୍ଥିକ ବର୍ଷରେ ଏକ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଥିଲା। ଏହାକୁ ମରାମତି ନକରି ସ୍ଥାନୀୟ ସରପଂଚ ଓ ଫଂଚାୟତ ନିର୍ବାହୀ ଅଧିକାରୀ ମିଥ୍ୟା କାଗଜପତ୍ର ଦର୍ଶାଇ ବିଲ୍ କରି ନେଇଛନ୍ତି। ଏହା ସହ ଆଲୋକୀ କରଣ ବାବଦରେ ଯେଉଁ ସରଞ୍ଜାମ ବ୍ୟବହାର କରାଯାଇଛି ସେଗୁଡିକ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ତାହାର ମୂଲ୍ୟକୁ ଅତ୍ୟଧିକ ପରିମାଣର ବିଲରେ ଦର୍ଶାଯାଇଛି। ଅପର ପକ୍ଷରେ ସମସ୍ତ ଟଙ୍କା ଦେଣ ନେଣ ବାବଦରେ ଜି.ଏସ୍.ଟି ଅର୍ଥକୁ ସରକାରଙ୍କୁ ପୈଠ ନକରି ମଧ୍ୟ ଆତ୍ମସାତ୍ କରାଯାଇଥିବା ଫଂଚାୟତବାସୀ ଅଭିଯୋଗ କରିଛନ୍ତି। ଏନେଇ ଫଂଚାୟତର ଦେବଦତ ଜେନା, ମାନସ କୁମାର ମଲିକ, ଉମ

## ଖୁବ୍ ଶୀଘ୍ର ସମାଧାନ ହେବ ଏସିଆ କପ୍ ବିବାଦ

# ପାକିସ୍ତାନ ବାହାରେ ଖେଳିବ ଟିମ୍ ଇଣ୍ଡିଆ !

ମୁମ୍ବାଇ(ଏଜେନ୍ସୀ): ଏସିଆ କପ୍ ବିବାଦ ସମାଧାନ ମୁହାଁ । ଏସିଆ କପ୍ ୨୦୨୩ ଆୟୋଜନ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି । ସୂଚନା ଅନୁଯାୟୀ, ସେପ୍ଟେମ୍ବର ମାସରେ ହେବାକୁ ଥିବା ଏସିଆ କପ୍ ପାକିସ୍ତାନରେ ହେବ । ହେଲେ ଟିମ୍ ଇଣ୍ଡିଆର ମ୍ୟାଚ୍ ଅନ୍ୟଦେଶରେ ଖେଳାଯିବ । ତେବେ ଭାରତ ମ୍ୟାଚ୍ କେଉଁଠି ଖେଳାଯିବ ଏନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ୟୁଏଇ, ଓମାନ, ଶ୍ରୀଲଙ୍କା ଏବଂ ଇଂଲଣ୍ଡ ମଧ୍ୟରୁ କୌଣସି ଦେଶରେ ଭାରତ-ପାକିସ୍ତାନ ମ୍ୟାଚ ଖେଳାଯିବ । ଟିମ୍ ଇଣ୍ଡିଆର ମୋଟ୍ ୫ଟି ମ୍ୟାଚ ମଧ୍ୟରୁ ୨ଟି ମ୍ୟାଚ୍ ବିଦେଶରେ ଖେଳାଯିବ । ଇଏସପିଏନ ରିପୋର୍ଟ ଅନୁଯାୟୀ, ଏସିଆ କପକୁ ନେଇ ବିବାଦ ପରେ ବିସିସିଆଇ ଓ ପିସିବି ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି । ବିସିସିଆଇର ପ୍ରସ୍ତାବ ଅନୁଯାୟୀ, ଉଭୟ ଦେଶର ମ୍ୟାଚ୍ ପାକିସ୍ତାନରେ ନୁହେଁ

ବରଂ ଅନ୍ୟଦେଶରେ ଖେଳିପାରନ୍ତି । ଏସିଆନ୍ କ୍ରିକେଟ୍ କାଉଁସିଲ୍ ଏସିଆ କପ୍ ଆୟୋଜନ ପାଇଁ ପାକିସ୍ତାନ ଦାୟିତ୍ୱ ଦେଇଛି । ହେଲେ ବିସିସିଆଇ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାକୁ ମନା କରିଦେଇଥିଲା । ପରେ ଟୁର୍ଣ୍ଣମେଣ୍ଟ ଆୟୋଜନ ନେଇ ବିବାଦ ସୃଷ୍ଟି ହୋଇଥିଲା । ଭାରତ ମ୍ୟାଚ ପାକିସ୍ତାନ ବାହାରେ ଖେଳାଯିବା ନେଇ ସହମତି ପ୍ରକାଶ ପାଇଛି । ଏସିଆନ୍ କ୍ରିକେଟ୍ କାଉଁସିଲ ଭାରତ-ପାକିସ୍ତାନ ବିବାଦକୁ ସମାଧାନ କରିବା ଦିଗରେ ଉଦ୍ୟମ ଚଳାଇଛି । ଟିମ୍ ଇଣ୍ଡିଆର ମ୍ୟାଚ୍ ସମସ୍ତ ସଦସ୍ୟ ଦେଶ ସହିତ ଆଲୋଚନା କରି ବାହାରେ ଆୟୋଜନ କରିବାକୁ ଗ୍ରୀନ୍ ସିଗନାଲ୍ ଦେଇଛି । ଗତ ସପ୍ତାହରେ ଆଇସିସି ବୋର୍ଡ ବୈଠକରେ ଏସିସି ମେମ୍ବର ବୈଠକ ନିଷ୍ପତ୍ତିକୁ ସହମତି ଦେଇଛି । ଏହେଲେ ଏବେବି ଅନ୍ତିମ ଫୈସଲା ବାକି ରହିଛି । ସମାଧାନର ଏହି ରାସ୍ତାର ଠିକ୍ କରିବା ପାଇଁ ୱାର୍କିଂ ଗ୍ରୁପ ଗଠନ କରାଯାଇଛି । ଭାରତ ଓ ପାକିସ୍ତାନ ଟିମକୁ ଏସିଆ କପ୍ ଟୁର୍ଣ୍ଣାମେଣ୍ଟର କ୍ୱାଲିଫାୟାର ଟିମ୍ ସହିତ ଗୋଟିଏ ଗ୍ରୁପରେ ରଖାଯାଇଛି । ସେହିପରି ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ଅନ୍ୟ ଏକ ଗ୍ରୁପରେ ରହିଛନ୍ତି । ଏସିଆ କପ୍ ୧୩ ଦିନ ଭିତରେ ଫାଇନାଲ ସମେତ ମୋଟ୍ ୧୩ଟି ମ୍ୟାଚ୍ ଖେଳାଯିବ । ୨୦୨୨ ଏସିଆ କପ୍ ନିୟମ ଅନୁଯାୟୀ, ଶୀର୍ଷ ୨ଟି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ।

## ବାଙ୍କୀରେ ଜିଲ୍ଲା ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ , ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଫାଇନାଲ୍‌କୁ ଉତ୍ତୀର୍ଣ୍ଣ

ବାଙ୍କୀ(ପିପିଏସ୍): ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ସେମି ଫାଇନାଲ୍ ଖେଳରେ ଆୟୋଜକ ବାଙ୍କୀ ଆଥେଲେଟିକ୍ ଆସୋସିଏସନ ଓ ବିନ୍ଧାଣିମା ମଧ୍ୟମରେ ଅନୁଷ୍ଠିତ ହୋଇଥିଲା । ବାଙ୍କୀ ପ୍ରଥମେ ଟସ୍ ଜିତି ୨୦ଓଭରରେ ୩୩୪ରନ୍ ୬ଓ୍ୱିକେଟ୍ ବିନିମୟରେ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜ୍ୟୋତିରଞ୍ଜନ ସାହୁ ୪୩ବଲ୍‌ରୁ ୧୩୨ ଓ ସାଗର ବେହେରା ୧୬ବଲ୍‌ରୁ ୪୬ରନ୍ କରିଥିଲେ । ବିନ୍ଧାଣିମା ଦଳ ୧୯.୪ବଲ୍‌ରେ ସମସ୍ତ ଓ୍ୱିକେଟ ହରାଇ୨୩୨ରନ୍ କରିବାକୁ ସକ୍ଷମ ହୋଇଥିଲା । ରାଜା ସାହୁ ମ୍ୟାନ୍ ଅଫ୍

ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଆସନ୍ତା କାଲି ୨ୟ ସେମିଫାଇନାଲ୍‌ରେ ବଡମ୍ବା ବାଲିଆପାଳ ଓ କଳାପଥର ମଧ୍ୟରେ ସକାଳ ୯ଘଟିକା ସମୟରେ ଅନୁଷ୍ଠିତ ହେବ । ଏହି ଖେଳରେ ଜିତିବା ଦଳ ବାଙ୍କୀ ସହିତ ଅପରାହ୍ଣରେ ଫାଇନାଲ୍ ଖେଳିବ ବୋଲି ସଂପାଦକ ସତ୍ୟରଞ୍ଜନ ସାହୁ ପ୍ରକାଶ କରିଛନ୍ତି । ଆଜିର ଖେଳକୁ ଡମପଡ଼ା ବ୍ଲକର ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ଓ ବିଡିଓ ଶ୍ୟାମଳ ରାୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଆଇପିଏଲ୍‌ରେ ଏକାଠି କମେଣ୍ଟ୍ରି କରିବେ ଭଜି ଏବଂ ଶ୍ରୀସନ୍ତୁ

ନୂଆଦିଲ୍ଲୀ(ଏଜେନ୍ସୀ): ମାର୍ଚ୍ଚ ୩୧ରୁ ଆରମ୍ଭ ହେବାକୁ ଯାଉଛି ଆଇପିଏଲ ୨୦୨୩। ଦୁନିଆର ସବୁଠୁ ବଡ କ୍ରିକେଟ୍ ଲିଗ୍‌କୁ ପ୍ରଶଂସକ ଉତ୍ସାହର ସହ ଚାହିଁ ରହିଛନ୍ତି । ଏଥର ପ୍ରଶଂସକ କେବଳ ମ୍ୟାଚ୍‌ର ନୁହେଁ ବରଂ କମେଣ୍ଟ୍ରିର ମଧ୍ୟ ଭରପୂର ମଜା ଉଠାଇବେ । କାରଣ ଚଳିତ ବର୍ଷ କମେଣ୍ଟ୍ରି ପ୍ୟାନେଲ୍‌ରେ ଅଛନ୍ତି ଭାରତର ଦୁଇ ବରିଷ୍ଠ ପୂର୍ବତନ ଖେଳାଳି ହରଭଜନ ସିଂହ ଏବଂ ଏସ୍ ଶ୍ରୀସନ୍ତୁ । ଦୁଇ ଖେଳାଳିଙ୍କ ମଧ୍ୟରେ 'ଚାପୁଡା' ବିବାଦ ବେଶ ଚର୍ଚ୍ଚାରେ ରହିଥିଲା । ଜାତୀୟ ଗଣମାଧ୍ୟମର ଖବର ଅନୁଯାୟୀ, ହରଭଜନ ସିଂ ଏବଂ ଶ୍ରୀସନ୍ତୁଙ୍କୁ ଏକତ୍ର କମେଣ୍ଟ୍ରି କରୁଥିବା ଦେଖିବାକୁ ମିଳିବ । ଷ୍ଟାର ସ୍ପୋର୍ଟ୍ସ ଖୋଦ୍ ନିଜର ଟ୍ୱିଟର ଆକାଉଣ୍ଟରେ ଏହାର ସୂଚନା ଦେଇଛି । ପୁଣି ଥରେ ଉଭୟଙ୍କୁ ଏକାଠି ଦେଖିବା ପ୍ରଶଂସକଙ୍କ ପାଇଁ ବେଶ ରୋଚକ ହୋଇପାରେ । ହରଭଜନ ସିଂ ଏବଂ ଏସ ଶ୍ରୀସନ୍ତୁ ସେହି

ସମୟରେ ବେଶ ଚର୍ଚ୍ଚାରେ ଥିଲେ, ଯେତେବେଳେ ୨୦୦୮ ଆଇପିଏଲରେ ଦୁଇ ଖେଳାଳିଙ୍କ ମଧ୍ୟରେ ବିବାଦ ହୋଇଥିଲା । ହରଭଜନ କ୍ଷୁବ୍ଧ ହୋଇ ଶ୍ରୀସନ୍ତୁଙ୍କୁ ଚାପୁଡା ମାରିଥିଲେ । ଏହି ବିବାଦ ଅନେକ ଦିନ ଧରି ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ଘଟଣାରେ ହରଭଜନ ସିଂହ ଶ୍ରୀସନ୍ତୁଙ୍କୁ କ୍ଷମା ମାଗିଥିଲେ । ଘଟଣାରେ କ୍ଷମା ମାଗି ହରଭଜନ ସିଂହ କହିଥିଲେ, ଯାହା କିଛି ବି ଘଟିଲା, ସେଥିପାଇଁ ମୁଁ ଦାୟୀ । ମୁଁ ସବୁଠୁ ବଡ ଭୁଲ୍ କରି ଦେଇଥିଲି । ମୋତେ ଲଜ୍ଜିତ ହେବାକୁ ପଡିଥିଲା । ମୋତେ ନିଜ ଭୁଲ୍ ସୁଧାରିବାକୁ ପଡିବ । ଏହି ବିଷୟରେ ଚିନ୍ତା କଲେ ଆଜି ମଧ୍ୟ ମୁଁ ନିଜକୁ ହୀନ ମନେ କରୁଛି । ମୋତେ ଲାଗୁଛି ଶ୍ରୀସନ୍ତୁଙ୍କୁ ଚାପୁଡା ମାରିବାର କୌଣସି ଆବଶ୍ୟକତା ନଥିଲା ।

# ଚଳିତ ଆଇପିଏଲ୍‌ରେ ଲାଗୁ ହେବ 'ଇମ୍ପ୍ୟାକ୍ଟ ପ୍ଲେୟାର' ନିୟମ

ମୁମ୍ବାଇ(ଏଜେନ୍ସୀ): ଦିନ କେଇଟା ପରେ ଆଇପିଏଲ୍‌ର ୧୬ତମ ସଂସ୍କରଣ । ଆରମ୍ଭ ହେବ ଫଟାଫଟ୍ କ୍ରିକେଟର ମହାକୁମ୍ଭ । ଏନେଇ ବିଭିନ୍ନ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ପୂର୍ବ ସିଜନ ଅପେକ୍ଷା ଚଳିତ ଆଇପିଏଲ୍ ସତନ୍ତ୍ର ଓ ରୋମାଞ୍ଚପୂର୍ଣ୍ଣ ହେବ । କାରଣ ବିସିସିଆଇ ଏଥର ଆଇପିଏଲରେ କିଛି ନୂଆ ନିୟମ ଲାଗୁ କରିଛି । ନୂଆ ନିୟମଗୁଡ଼ିକ ମଧ୍ୟରେ 'ଇମ୍ପାକ୍ଟ ପ୍ଲେୟାର' ନିୟମଟି ସବୁଠୁ ଚର୍ଚ୍ଚିତ ରହିଛି । ଇମ୍ପାକ୍ଟ ପ୍ଲେୟାର ନିୟମ ବଳରେ ପ୍ରତି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଅନୁମାନ କରାଯାଉଛି । କ'ଣ ଏହି ଇମ୍ପାକ୍ଟ ପ୍ଲେୟାର' ନିୟମଏହି 'ଇମ୍ପ୍ୟାକ୍ଟ ପ୍ଲେୟାର' ନିୟମକୁ ସରଳ ଭାଷାରେ 'ଟାକ୍‌ଟିକଲ ସବ୍‌ଷ୍ଟିଚ୍ୟୁସନ' କୁହାଯାଉଛି । ଏହି ନିୟମ ଅନୁଯାୟୀ, କୌଣସି ମ୍ୟାଚ୍‌ର ଟସ୍ ପରେ ଉଭୟ ଦଳ ସେମାନଙ୍କ ଚୂଡ଼ାନ୍ତ ଏକାଦଶ

ତାଲିକା ଦେବେ । ଏହା ସହିତ ୪ଜଣ ସବ୍‌ଷ୍ଟିଚ୍ୟୁଟ୍‌ଖେଳାଳିଙ୍କ ନାମ ଘୋଷଣା କରିବେ । ମ୍ୟାଚ୍ ଚାଲିଥିବା ସମୟରେ ଦଳ ଚାହିଁଲେ ଅତିରିକ୍ତ ୪ ଜଣଙ୍କ ମଧ୍ୟରୁ ଯେକୌଣସି ଜଣେ ଖେଳାଳିଙ୍କୁ ଆବଶ୍ୟକତା ଅନୁଯାଇ ବଦଳ କରିପାରିବେ । ଚୂଡ଼ାନ୍ତ ଏକାଦଶରୁ ଜଣେ ଖେଳାଳିଙ୍କୁ ବାଦ୍ ଦେଇ ଅତିରିକ୍ତ ଖେଳାଳିଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିପାରିବେ । ଉଭୟ ଇନିଂସର ୧୪ ଓଭର ମଧ୍ୟରେ ଏହି ଖେଳାଳିଙ୍କୁ ସାମିଲ କରିପାରିବେ । ଶେଷ ୬ ଓଭର ମଧ୍ୟରେ କୌଣସି ଖଳାଳିଙ୍କୁ ପରିବର୍ତ୍ତନ କରାଯାଇପାରିବ ନାହିଁ । ମ୍ୟାଚ୍ ମଧ୍ୟରେ କୌଣସି ଦଳ ସ୍ଥଳେ ବ୍ୟାଟିଂ ଶକ୍ତି ବୃଦ୍ଧି ପାଇଁ ଅତିରିକ୍ତ ବ୍ୟାଟ୍ସମ୍ୟାନ୍‌ଙ୍କୁ ଏକାଦଶରେ ସାମିଲ କରିପାରିବ । କିନ୍ତୁ ଏଭଳି ସ୍ଥଳେ କେବଳ ୧୧ଜଣ ଖେଳାଳି ହିଁ ବ୍ୟାଟିଂ କରିପାରିବେ । 'ସୁପର ସବ୍' ନିୟମଠୁ ଏହା ଭିନ୍ନ: ୨୦୦୫ ଓ ୨୦୦୬ରେ ଦିନିକିଆ କ୍ରିକେଟ୍‌ରେ ଆଇସିସି ଲାଗୁ କରିଥିବା 'ସୁପର ସବ୍' ନିୟମ ସହ ମଧ୍ୟ 'ଇମ୍ପାକ୍ଟ ପ୍ଲେୟାର' ନିୟମ ସମାନ ନୁହେଁ । 'ସୁପର ସବ୍' ନିୟମ ଅନୁଯାୟୀ ମ୍ୟାଚ୍ ବେଳ କୌଣସି ଦଳ ଜଣେ ବ୍ୟାଟରଙ୍କ ସ୍ଥାନରେ ଆଉ ଜଣେ ଖେଳାଳିଙ୍କୁ ସାମିଲ କରିପାରୁଥିଲେ । ଫଳ ସ୍ୱରୂପ ମ୍ୟାଚ୍ ଅଧାରୁ ବାଦ ପଡ଼ିଥିବା ବ୍ୟାଟର ଆଉଟ୍ ହୋଇଥିଲେ ତାଙ୍କ ସ୍ଥାନରେ ଆସିଥିବା ଖେଳାଳି ବ୍ୟାଟିଂ କରିପାରିବେ ନାହିଁ । ସେହିପରି ବୋଲିଂ କରି ବ୍ୟୟ ବହୁଳ ସାବ୍ୟସ୍ତ ହୋଇଥିବା ଖେଳାଳିଙ୍କ ସ୍ଥାନରେ ଦଳକୁ ଆସିଥିବ ଖେଳାଳି ଜଣଙ୍କ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରିପାରିବେ ନାହିଁ । ବାଦ ପଡ଼ିଥିବା ବୋଲରଙ୍କ ବାକି ଥିବା ଓଭରକୁ ନୂଆ ଖେଳାଳି ସମ୍ପୂର୍ଣ୍ଣ କରିପାରିବେ । ଆଇପିଏଲରେ 'ଇମ୍ପାକ୍ଟ ପ୍ଲେୟର' ଇମ୍ପାକ୍ଟ ପକାଇବ ବୋଲି କୁହାଯାଉଛି ।

## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

**ପ୍ରଜାତନ୍ତ୍ର ସାପ୍ତାହିକୀ**

**୧୯ମାର୍ଚ୍ଚ-୨୫ ମାର୍ଚ୍ଚ ୨୦୨୩**

**ଜାତୀୟ:** ଘଣ୍ଟା ବିକି ଫସିଲେ ଇମ୍ରାନ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଅଡୁଆରେ କେ. କବିତା

**ନାରୀ:** ତ୍ୱଚାରୁ ଦାଗ ଦୂର କରେ ମହୁ

**କ୍ଷୁଦ୍ରଗଳ୍ପ:** ସଞ୍ଚ ବଳିତା

**ଚଳଚ୍ଚିତ୍ର:** ପୁଣିଥରେ ଚର୍ଚ୍ଚାକୁ ଆସିଲେ ଉର୍ଫି,ଆସୁଛି ଫିଲ୍ମ 'ଇଣ୍ଡିଆନ୍-୨',କାର କିଣିଲେ ଅଭିନେତ୍ରୀ ନୀତୁ କପୁର,କରଣଙ୍କ ଉପରେ ରାଗିଲେ କରୀନା-ରଣବୀର,'ପୁଷ୍ପା-୨'ରେ ଅଭିନୟ କରିବେ ସାଇ ପଲ୍ଲଭୀ,ପୁଣି ବିବାହ କଲେ ଅଭିନେତା ନରେଶ ବାବୁ ,ଅଲଗା ହେବେ ଭାବୀ ଅଙ୍ଗୁରୀ,ପରଲୋକରେ ବରିଷ୍ଠ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ସତୀଶ କୌଶିକ

**ଖେଳ:** ବିଳମ୍ବରେ ଆଇପିଏଲ୍‌ରେ ଯୋଗଦେବେ ଦକ୍ଷିଣ ଆଫ୍ରିକା ଖେଳାଳି,ଦ୍ୱିତୀୟ ଥର ବାପା ହେଲେ ଦ୍ରୁତ ବୋଲର ଉମେଶ ଯାଦବ,ଆମିରଙ୍କୁ ଚିହ୍ନି ପାରିଲେ ନାହିଁ ଗାଙ୍ଗୁଲିଙ୍କ ସିକ୍ୟୁରିଟି ଗାର୍ଡ,ସରିଲା ସାନିଆଙ୍କ ଟେନିସ୍ ଯାତ୍ରା,ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ପ୍ରଥମ ଥର ପାଇଁ ଆଇପିଏଲ୍ ୨୦୨୩ ସିଜନରେ ସାମିଲ ହେଲେ,ହୋଟେଲରୁ ବରିଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କ ମୃତ ଦେହ ଉଦ୍ଧାର,ଅଷ୍ଟ୍ରେଲିଆ ଟେଷ୍ଟ ଟିମ୍‌ର ଅଧିନାୟକ ପାଟ କମିନ୍ସଙ୍କ ମା'ଙ୍କ ଦେହାନ୍ତ ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଡାକୋଟାର ଡାୟନସୋର, ଭୁବନେଶ୍ୱରର ଡାକୋଟା''

**ଷଡ଼ଯନ୍ତ୍ର !**

ପ୍ରାଚୀନକାଳ ରୁ ଇତିହାସ ରେ ବହୁ ଷଡଯନ୍ତ୍ର କଥା ଉଲ୍ଲେଖ ରହିଛି ।କିଏ ରାଜ୍ୟ ପାଇଁ ତ କିଏ ସମ୍ପତ୍ତି ପାଇଁ ତ କିଏ କ୍ଷମତା ପାଇଁ ତ କିଏ ନିଜ ପ୍ରେମକୁ ହାସଲ ପାଇଁ ବିଭିନ୍ନ ପ୍ରକାର କୁଟିଳ ବୁଦ୍ଧି ରେ ଷଡଯନ୍ତ୍ର କରି ନିଜ କାର୍ଯ୍ୟ ହାସଲ କରିଥିବା ନଜିର ଅଛି ।ବର୍ତ୍ତମାନ ସମୟରେ ଓଡିଶାରେ ନିକଟ ଅତୀତ ରେ ହୋଇଥିବା ଷଡଯନ୍ତ୍ର ହତ୍ୟାକାଣ୍ଡ ସର୍ବତ୍ର ଲୋକମୁଖ ରେ ଆଲୋଚ୍ୟ ।ରାଜ୍ୟରେ ବହୁ ଚର୍ଚ୍ଚିତ ପୂର୍ବତନ କ୍ୟାବିନେଟର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଜାନୁଆରୀ ୨୯ତାରିଖରେ ଜଣେ ଏଏସଆଇ ଦିନ ଦ୍ୱିପହରେ ବିଜୁ ଜନତା ଦଳ କର୍ମୀ ଙ୍କ ଆଗରେ ଗୁଳି କରି ମାରିଦେବା ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ । କାହା ବଳରେ ଗୋପାଳ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କୁ ଗୁଳି କରି ମାରିଲା ଆଉ ଏତେ ସାହସ ପାଇଲା କେଉଁଠୁ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସାଧାରଣତଃ ଯିଏ ଯାହାକୁ ଗୁଳି କରେ ବା କୌଣସି ମରଣା ଅସ୍ତ୍ର ରେ କାହାକୁ ମାରିଦେଇଥାଏ ସେ ଘଟଣା ସ୍ଥାନରୁ ଫେରାର ହୋଇଯାଇ ଲୁଚିଯିବା କଥା ମାତ୍ର ଗୋପାଳ କ୍ଷେତ୍ରରେ ସେଇଆ ହେଲାନାହିଁ । ନବବାବୁଙ୍କୁ ମାରିଲା ପରେ ବି ତାର କୌଣସି ପଶ୍ଚାତାପ ନାହିଁ ବରଂ ସେ ହସୁଛି । ଏହା ବାସ୍ତବିକ ଇତିହାସରେ ପ୍ରଥମ ଆଶ୍ଚର୍ଯ୍ୟର ଘଟଣା ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**

## ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଇତିହାସ ରଚିଲା ବାଂଲାଦେଶ ଟିମ୍

ନୂଆଦିଲ୍ଲୀ(ଏଜେନ୍ସୀ): ବାଂଲାଦେଶ ଟିମ୍ ଦିନିଆ ଅନ୍ତର୍ଜାତୀୟ କ୍ରିକେଟରେ ଇତିହାସ ରଚିଛି । ୧୯୮୬ରୁ ଦିନିକିଆ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଖେଳୁଥିବା ବାଂଲାଦେଶ ଟିମ୍ ପ୍ରଥମ ଥର ଲାଗି ଏହି ଫର୍ମାଟରେ ୧୦ ଓ୍ୱିକେଟରେ ବିଜୟୀ ହୋଇଛି । ଆୟର୍ଲାଣ୍ଡକୁ ୧୦ ଓ୍ୱିକେଟରେ ହରାଇ ତୃତୀୟ ଦିନିକିଆ ସହ ସିରିଜ୍ ଜିତିଛି ବାଂଲାଦେଶ । ଲକ୍ଷ୍ୟ ପିଛା କରି ବିଜୟ ହାସଲ କରିବାରେ ଏହା ବାଂଲାଦେଶର ସବୁଠୁ ବଡ଼ ବିଜୟ ମଧ୍ୟରେ ଗୋଟିଏ । ବାଂଲାଦେଶ ଆଗରେ ମାତ୍ର ୧୦୨ ରନର ବିଜୟ ଲକ୍ଷ୍ୟ ଥିଲା । ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ବାଂଲାଦେଶ ବିଜୟୀ ହୋଇଥିଲା ଏବଂ ଦ୍ୱିତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ଏପରି ସ୍ଥିତିରେ ତୃତୀୟ ମ୍ୟାଚ୍ ନିର୍ଣ୍ଣାୟକ ଥିଲା । ଏହି ମୁକାବିଲାରେ ଆୟର୍ଲାଣ୍ଡର ଅଧିନାୟକ ଆଣ୍ଡ୍ରୁ ବାଲବର୍ଣ୍ଣି ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ତେବେ ଆୟର୍ଲାଣ୍ଡର ଟିମ୍ ୨୮.୧ ଓଭରରେ ମାତ୍ର ୧୦୧ ରନରେ ଆଉଟ୍ ହୋଇଥିଲା । ଟିମର ୯ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ । ଦୁଇ ବ୍ୟାଟର ଶୂନରେ ଆଉଟ୍ ହୋଇଥିଲେ । ବାଂଲାଦେଶ ପାଇଁ ହସନ ମହମୁଦ ୫ ଓ୍ୱିକେଟ୍ ନେଇଥିଲେ । ତସ୍କିନ ଅହମ୍ମଦ ୩ ଏବଂ ଏବାଦତ ହୁସେନଙ୍କୁ ୨ ଓ୍ୱିକେଟ୍ ମିଳିଥିଲା । ଏହାପରେ ୧୦୨ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବାଂଲାଦେଶର ଦୁଇ ଓପନର ତମୀମ ଇକବାଲ ଏବଂ ଲିଟନ ଦାସ ଟିମକୁ ସହଜ ବିଜୟ ଦେଇଥିଲେ । ତମୀମ ୪୧ ବଲରୁ ୪୧ ରନ୍ ଏବଂ ଲିଟନ ଦାସ ୩୮ ବଲରେ ୧୦ ଚୌକା ବଳରେ ଅପରାଜିତ ୫୦ ରନ କରିଥିଲେ । ବାଂଲାଦେଶ ଟିମ ୧୩.୧ ଓଭରରେ ୧୦ ଓ୍ୱିକେଟ୍ ହାତରେ ଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ୧୦ ଓ୍ୱିକେଟରେ ମ୍ୟାଚ୍ ଜିତିବାରେ ବାଂଲାଦେଶ ପାଇଁ ଏହା ହେଉଛି ପ୍ରଥମ ।

# ସିରିଜ୍ ପରାଜୟ ପରେ ଆଇସିସି ରାଙ୍କିଂରେ ତଳକୁ ଖସିଲା ଭାରତୀୟ ଦଳ

ନୂଆଦିଲ୍ଲୀ(ଏଜେନ୍ସୀ): ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜ୍ ପରାଜୟ ପରେ ଆଇସିସି ରାଙ୍କିଂରେ ତଳକୁ ଖସିଛି ଭାରତୀୟ ଦଳ । ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଜାରି ଦଳୀୟ ସୂଚୀ ଅନୁଯାୟୀ ଭାରତ ୨ୟ ସ୍ଥାନକୁ ଖସିଆସିଛି । ଭାରତ ଓ ଅଷ୍ଟ୍ରେଲିଆ ଉଭୟ ୧୧୩ ପଏଣ୍ଟ ପାଇଥିବା ବେଳେ କଙ୍ଗାରୁ ଦଳ କିନ୍ତୁ ଶୀର୍ଷକୁ ଉତ୍ତୀର୍ଣ୍ଣ ହୋଇଛି । ଚେନ୍ନାଇର ଏମ୍ ଚିଦାମ୍ବରମ୍ ଷ୍ଟାଡିୟମରେ ଖେଳଯାଇଥିବା ୩ୟ ଦିନିକିଆରେ ଭାରତକୁ ୨୧ ରନରେ ହରାଇଥିଲା କଙ୍ଗାରୁ ଟିମ୍ ଚଳିତ ବର୍ଷ ଜାନୁଆରୀ ମାସରେ ନ୍ୟୁଜିଲାଣ୍ଡକୁ ୩-୦ରେ ହରାଇବା ପରେ ଦିନିକିଆ ରାଙ୍କିଂରେ ଶୀର୍ଷକୁ ଉଠିଥିଲା ଟିମ୍ ଇଣ୍ଡିଆ । ଏହା ପରେ ଶ୍ରୀଲଙ୍କାକୁ ମଧ୍ୟ ୩-୦ରେ ହରାଇଥିଲା । ଏହା ପରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଦିନିକିଆ ଜିତିଥିଲେ ସୁଦ୍ଧା ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଥିଲା । ଯାହାର

ପ୍ରତିଫଳନ ଆଇସିସି ରାଙ୍କିଂ ଉପରେ ପଡିଛି । ଘରୋଇ ମାଟିରେ ୪ ବର୍ଷ ପରେ ଦିନିକିଆ ସିରିଜ ହାରିଛି ଭାରତ । ଶେଷ ଥର ପାଇଁ ୨୦୧୯ ମାର୍ଚ୍ଚରେ ଭାରତକୁ ୨-୩ରେ ଓ୍ୱାନ୍ ଡେ' ସିରିଜ୍ ହରାଇଥିଲା ଅଷ୍ଟ୍ରେଲିଆ । ଏବେ ସେହି ଦଳ ୪ ବର୍ଷ ପରେ ଭାରତକୁ ଭାରତ ମାଟିରେ ହରାଇଛି । ଅଷ୍ଟ୍